# ନିର୍ଭୀକ ଆମ
# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD    R.N.I. REGD. NO: ORORI/25/A2124

●Vol -1 ●Issue - 1 ●December 16 - 31, 2025 ●Bhubaneswar ●Rs. 5- ●Pages - 08 ●Fortnightly ●ଭାଗ-୧ ●ସଂଖ୍ୟା-୬ ● ଡିସେମ୍ବର ୧୬ - ୩୧, ୨୦୨୫ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮


### ବିନା ରସିଦରେ ଆଳି ସରକାରୀ ଗୋଦାମରୁ ବାହାରୁଛି ରାସନ

# ନକଲି ସରକାରୀ ରସିଦ୍‌ରେ ରାସନ ସାମଗ୍ରୀ ବିକ୍ରି

କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ଜିଲ୍ଲା ଖାଦ୍ୟ ଯୋଗାଣ ସାମଗ୍ରୀ ବଣ୍ଟନ ନେଇ ଆଳି ବ୍ଲକ ସବୁବେଳେ ଚର୍ଚ୍ଚା ରେ ରହି ଆସୁଥିବା ବେଳେ ଆଜି ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ହାତ ଲାଗିବା ସହିତ ଲୋକ ଲୋଚନକୁ ଆସିଥିବା ର ଜଣାପଡିଛି । କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ରେ ଖାଦ୍ୟ ଯୋଗାଣ ସାମଗ୍ରୀ ବଣ୍ଟନରେ ପ୍ରତ୍ୟେକ ରାସନ ସାମଗ୍ରୀ ଉଠାଣ ସମୟରେ ଅନିୟମିତତା ଅଭିଯୋଗ କୁ ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯୋଗାଣ ବିଭାଗ ସାଧାରଣ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନଥିବା ଦେଖାଯାଇଛି। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଳି ବ୍ଲକ ଏଚପି ପେଟ୍ରୋଲ ଟାଙ୍କି ନିକଟରେ ଥିବା ଯୋଗାଣ ବିଭାଗ ର ସରକାରୀ ଗୋଦାମ ରୁ ରାସନ ସାମଗ୍ରୀ ଆଳି ବ୍ଲକ ର ୩୪ ପଞ୍ଚାୟତ କୁ ବଣ୍ଟନ କରାଯାଇଥାଏ । କିନ୍ତୁ ଚକିତ କରିବାର ବିଷୟ ଏହିକି ଯେ ରାସନ ବଣ୍ଟନ ସମୟରେ ରାସନ ସାମଗ୍ରୀ ନେଇ ଯାଉଥିବା ଗାଡି ରେ କୌଣସି ରସିଦ କିମ୍ବା ଡ୍ରାଇଭର ଙ୍କୁ ରାସନ ସହ କୌଣସି ଆନୁସଙ୍ଗିକ ତଥ୍ୟ ପ୍ରଦାନ କରାଯାଉ ନାହିଁ । ତତସହିତ ରିଟେଲର ମାନଙ୍କୁ ରାସନ ପହଞ୍ଚିବା ସମୟରେ ମଧ୍ୟ କୌଣସି ପ୍ରକାର ରାସନ ବାବଦରେ ରସିଦ କି ତଥ୍ୟ ମିଳୁନାହିଁ । ଯଥା କେତେ ପ୍ୟାକେଟ ଓ କେତେ ଓଜନର ରାସନ ତାଙ୍କ ରିଟେଲର ପଏଣ୍ଟ ପାଇଁ କେତେ ପରିମାଣରେ ଆସିଛି ଇତ୍ୟାଦି । ଯାହା ଦ୍ୱାରା କି ଏହାର ଅନେକ ସୁଯୋଗ ନେଇ ଏଥିରେ ଜଡ଼ିତ ସମସ୍ତ ବ୍ଲକ ଯୋଗାଣ ଅଧିକାରୀ ଙ୍କ ସମ୍ପୂର୍ଣ ଭାବେ ଦୁର୍ନୀତି କରିବା ପାଇଁ ସୁଯୋଗର ମଜା ଉଠାଉଛନ୍ତି । ସେପଟେ ଆଳି ବ୍ଲକ ପେତପଡା ଠାରେ ଥିବା ଅକ୍ଷୟ ଖିଲାର ନାମକ ରିଟେଲର ନିକଟରେ ଏକ ରାସନ ସାମଗ୍ରୀ ଗାଡି ର ଡ୍ରାଇଭର ରଞ୍ଜନ ଘଡେଇ ଙ୍କୁ ପଚାରିବାରୁ ସେ କହିଥିଲେ ଯେ ସେ କେବଳ ସାମଗ୍ରୀ ନେଇ ଆସିଛନ୍ତି । କେତେ



ପରିମାଣ ର କିମ୍ବା କେତେ ଓଜନ ର ସାମଗ୍ରୀ ଅ ାଣିଛନ୍ତି ସେ ସମ୍ବନ୍ଧ ରେ ସେ ଅବଗତ ନାହାନ୍ତି । କଣ୍ଟ୍ରାକ୍ଟର ଙ୍କ ନିର୍ଦ୍ଦେଶ କ୍ରମେ ସେ ସରକାରୀ ଗୋଦାମ ରୁ ରାସନ ସାମଗ୍ରୀ ଆଣି ରିଟେଲର ଙ୍କ ନିକଟରେ ପହଞ୍ଚାଇଛନ୍ତି । ଅପରପକ୍ଷେ ରିଟେଲର ଶ୍ରୀ ଖିଲାର ଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ରାସନ ସାମଗ୍ରୀ ହସ୍ତାନ୍ତର ବେଳେ ତାଙ୍କୁ ମଧ୍ୟ କୌଣସି ରାସନ ସାମଗ୍ରୀ ସୂଚନା ପତ୍ର କିମ୍ବା ରସିଦ ପ୍ରଦାନ କରାଯାଇନାହିଁ । ପ୍ରତି ମାସ ରାସନ ସାମଗ୍ରୀ ଗ୍ରହଣ କରିବା ପରେ ସେ କିମ୍ବା କାହାକୁ ପଠାଇଲେ ପଛରେ ରସିଦ ମିଳିଥାଏ । ପୂର୍ବରୁ ଆଳି ବ୍ଲକ ଦେସାହି ପଞ୍ଚାୟତ ରିଟେଲର ବୃନ୍ଦାବନ ସାମଲଙ୍କ ଅଭିଯୋଗ ଅନୁଯାୟୀ ଆସୁଥିବା ଏକ ପ୍ୟାକେଟ ରେ ଅଖା ଶହ ୫୦ କେଜି ୬ ଶହ ୫୦ ଗ୍ରାମ ରହିବା କଥା କିନ୍ତୁ ଦୁଃଖ ଓ ପରିତାପର ବିଷୟ ପ୍ୟାକେଟ ଡିଲର ନିକଟରେ ପହଞ୍ଚିଲା ବେଳକୁ ଏଥିରେ ୫୦ କେଜି ୨ ଶହ ଗ୍ରାମ ରୁ ୫୦ କେଜି ୩୦୦ ଗ୍ରାମ ଚାଉଳ ରହୁଛି ଅର୍ଥାତ ପ୍ରତି ପ୍ୟାକେଟ ରେ ପାଖାପାଖି ୩ଶହ ଗ୍ରାମ ରୁ ୪ ଶହ ଗ୍ରାମ କମ ରହୁଛି । ଆହୁରି ମଧ୍ୟ ସେହି ତ୍ରୁଟି କୁ ସୁଧାରିବା ପାଇଁ ରିଟେଲର ମାନେ ପ୍ରତି କାର୍ଡ ପିଛା ୪ ଶହ ରୁ ୫ ଶହ ଗ୍ରାମ ଚାଉଳ ଖାଉଟି ମାନଙ୍କ ପାଖରୁ କାଟି ନେଉଥିବା ପୂର୍ବରୁ ଅଭିଯୋଗ ମଧ୍ୟ ହୋଇଛି । ତେବେ ଏଠି ପ୍ରଶ୍ନ ଉଠେ ସରକାର ମାଗଣା ରେ ରାସନ ଯୋଗାଇ ଦେଉଥିବା ବେଳେ କାହା ସ୍ୱାର୍ଥ ରେ କଣ୍ଟ୍ରାକ୍ଟର ମନମୁଖୀ ଭାବେ ସରକାରୀ ଗୋଦାମ ରୁ ବିନା ରସିଦ ରେ ରାସନ ସାମଗ୍ରୀ କୁ ରିଟେଲର ଙ୍କ ନିକଟକୁ ପଠାଉଛନ୍ତି କ୍ଷ ପୂର୍ବରୁ ଅଗଷ୍ଟ ମାସ ୧୮ ତାରିଖରେ ଏ ନେଇ କିଛି ଗଣମାଧ୍ୟମ ପ୍ରତିନିଧି ଖବର ପ୍ରସାରଣ ପାଇଥିଲେ ମଧ୍ୟ ପ୍ରଶାସନ ଓ ଯୋଗାଣ ବିଭାଗ ସବୁ ଦେଖି ଶୁଣି ଜାଣି ନିରବ ଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଛି । ଏ ନେଇ ଆଳି ଏମଆଇ ଓମ ବିଭୁ ପ୍ରିତମ କର ଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କଣ୍ଟ୍ରାକ୍ଟର ଓ ବିଭାଗୀୟ ଅଧିକାରୀ ଙ୍କ ସଲାସୁତୁରା ରେ ଏ ସମସ୍ତ ରାସନ ଯୋଗାଣ ସାମଗ୍ରୀ କାରବାର ନକଲି ଚାଲୁଛି ଲ ବୋଲି ଆଜି ହାଟ ରେ ପଡି ଦାଣ୍ଡରେ ଗଡୁଛି, !



## ଡିସେମ୍ବର ୨୯ରେ ଦିନିକିଆ ଗସ୍ତରେ ଆସାମ ଯିବେ ଅମିତ ଶାହ

ଗୌହାଟି: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଡିସେମ୍ବର ୨୯ ତାରିଖରେ ଏକ ଦିନିକିଆ କାର୍ଯ୍ୟକ୍ରମରେ ଅନେକ ପ୍ରକଳ୍ପ ଉଦଘାଟନ କରିବା ପାଇଁ ଆସାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଗୁରୁବାର ଦିନ କହିଛନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ଏଠାରେ ନବନିର୍ମିତ ଗୌହାଟି ପୋଲିସ କମିଶନରଙ୍କ କାର୍ଯ୍ୟାଳୟର ଉଦଘାଟନ କରିବେ ଏବଂ ଇଣ୍ଟେଲିଜେଣ୍ଟ ସିଟି ସର୍ଭେଲାନ୍ସ ସିଷ୍ଟମ (ଆଇସିଏସଏସ) ଅଧୀନରେ ସିସିଟିଭି ନେଟୱାର୍କର ଶୁଭାରମ୍ଭ କରିବେ, ସର୍ମା ଏଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି। ଶାହ ଜ୍ୟୋତି ବିଷ୍ଣୁ ସାଂସ୍କୃତିକ କମ୍ପ୍ଲେକ୍ସର ମଧ୍ୟ ଉଦଘାଟନ କରିବେ, ଯାହା ୫,୦୦୦ ଲୋକଙ୍କ ବସିବା କ୍ଷମତା ବିଶିଷ୍ଟ ଏକ ଅଡିଟୋରିୟମ୍। ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ଯେ ଏହି କମ୍ପ୍ଲେକ୍ସ ପୂର୍ବ ଭାରତରେ ସବୁଠାରୁ ବଡ଼। ଶାହା ତା'ପରେ ନାଗାଓଁ ଜିଲ୍ଲାର ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କ ଜନ୍ମସ୍ଥାନ ବୋର୍ଦୁଆକୁ ଯିବେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କଳା, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ଏକ ପ୍ରକଳ୍ପର ଉଦଘାଟନ କରିବେ, ସର୍ମା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଡିସେମ୍ବର ୨୦ ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇ ଦିନିଆ ରାଜ୍ୟ ଗସ୍ତ ସହିତ, ଗୃହମନ୍ତ୍ରୀଙ୍କ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ନେତା ଆସାମ ଗସ୍ତ କରିବେ।

# ଅମିତ ଶାହଙ୍କୁ ଭେଟିଲେ NCP ଶରଦ ପାୱାର

### ଶରଦ ପାୱାରଙ୍କ ଦଳ ସହିତ ମେଣ୍ଟ କରିବାର କଳ୍ପନାଜଳ୍ପନା

ନୂଆଦିଲ୍ଲୀ: ବିଜେପିରୁ ତିନି ଜଣ ସମେତ ପାଞ୍ଚ ଜଣ ପୂର୍ବତନ **PCMC** କର୍ପୋରେଟର। ଦଳ ସଭାପତି ଅଜିତ ପାୱାରଙ୍କ ଉପସ୍ଥିତିରେ **NCP**ରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଚଡଗଡ ନିର୍ବାଚନ ପାଇଁ ଆଶାୟୀମାନଙ୍କ ସାକ୍ଷାତକାର ନେବା ଏବଂ ବିଜେପିରୁ ପୂର୍ବତନ କର୍ପୋରେଟରଙ୍କୁ ସାମିଲ କରିବାରେବ୍ୟସ୍ତଥିବାସମୟରେ,**NCP**ମଙ୍ଗଳବାର ଦିନ ଶରଦ ପାୱାରଙ୍କ ଦଳ ସହିତ ମେଣ୍ଟ କରିବାର କଳ୍ପନାଜଳ୍ପନାକୁ ଅସ୍ୱୀକାର କରିଛି ଯାହା ପାଇଁ ଏହାକୁ ବିଜେପିରୁ ସବୁଜ ସଙ୍କେତ ମିଳିଛି।

"ଆମେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲୁ। କୌଣସି ମେଣ୍ଟର ପ୍ରସଙ୍ଗ ଉଠିଲା ନାହିଁ... ସେ ପ୍ରସଙ୍ଗ କିପରି ଆସିପାରିବ? ଆମେ କେବଳ **NDA**କୁ ମଜବୁତ କରିବାର ଉପାୟ ବିଷୟରେ ଆଲୋଚନା କରିଥିଲୁ। ଆମର ଆଲୋଚନା ମହାୟୁତିକୁ ଆହୁରି ମଜବୁତ କରିବା ବିଷୟରେ ଥିଲା," **NCP** ରାଜ୍ୟ ସଭାପତି ସୁନୀଲ ତଟ୍‌କର କହିଛନ୍ତି। ବହୁତ ଦିନ ଧରି କଳ୍ପନାଜଳ୍ପନା ଜାରି ରହିଛି ଯେ ଉଭୟ **NCP** ଗୋଷ୍ଠୀ ଏକାଠି ନାଗରିକ ନିର୍ବାଚନ ଲଢ଼ିପାରନ୍ତି। ଗୁଜବକୁ ଅ ାହୁରି ଜୋରଦାର କରିବା ହେଉଛି ମଙ୍ଗଳବାର ନୂଆଦିଲ୍ଲୀରେ ଶାହାଙ୍କ ସହ ତଟକର ଏବଂ **NCP** ନେତା ପ୍ରଫୁଲ ପଟେଲଙ୍କ ସାକ୍ଷାତ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ନାଗରିକ ନିର୍ବାଚନ ପାଇଁ ଅଧିକାଂଶ ସ୍ଥାନରେ ଶିବସେନା ସହିତ ବିଜେପି ମେଣ୍ଟ କରିବ ବୋଲି କହିବାର ଗୋଟିଏ ଦିନ ପରେ ଏହି ବୈଠକ ହୋଇଛି। ତଥାପି, ସେ ପୁଣେ ଏବଂ ପିମ୍ପରି-ଚିଞ୍ଚୱାଡରେ କହିଥିଲେ ଯେ, ବିଜେପି ଘଡଚକୁ ମୁକାବିଲା କରିବ।

ପ୍ରସଙ୍ଗତଃ, **NCP (SP)** ସାଂସଦ ସୁପ୍ରିୟା ସୁଲେ ମଧ୍ୟ ମଙ୍ଗଳବାର କିଛି ସାଂସଦଙ୍କ ସହିତ ଶାହଙ୍କୁ ଭେଟି ରାଜନୈତିକ ମହଲରେ ଭ୍ରୂକୁଞ୍ଚନ ଉଠାଇଥିଲେ। ତଥାପି, ସୁଲେ କହିଛନ୍ତି ଯେ ସେ ମହାରାଷ୍ଟ୍ରକୁ ପ୍ରଭାବିତ କରୁଥିବା ପ୍ରସଙ୍ଗ ସମ୍ପର୍କରେ ଶାହଙ୍କୁ ଭେଟିଥିଲେ। 'ଶାହଙ୍କ ସହ ଆମର ସାକ୍ଷାତ ସମୟରେ, ଆମେ ବୀଡ ସରପଞ୍ଚ ସନ୍ତୋଷ ଦେଶମୁଖଙ୍କ ହତ୍ୟା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲୁ ଏବଂ ତାଙ୍କ ପରିବାର ପାଇଁ ଶୀଘ୍ର ନ୍ୟାୟ ଦାବି କରିଥିଲୁ।





# ଦଲାଲ୍‌ଙ୍କ ଟାର୍ଗେଟରେ ଚାଷୀ ଧାନ ମଣ୍ଡି ଖୋଲିବାରେ ବିଳମ୍ବ

ରାଇରଙ୍ଗପୁର : ଆସନ୍ତା ୨୬ ଡିସେମ୍ବରରୁ ମୟୂରଭଞ୍ଜ ଜିଲ୍ଲାରେ ଧାନ ମଣ୍ଡି ଖୋଲାଯିବ ବୋଲି ସୂଚନା ମିଳିଥିବା ବେଳେ ବାମନଘାଟି ଉପଖଣ୍ଡରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ମିଲରମାନଙ୍କ ଦଲାଲଙ୍କ ଉପଦ୍ରବ ଆରମ୍ଭ ହୋଇଗଲାଣି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଚାଷୀଙ୍କୁ ଟୋକନ ପ୍ରଦାନ କରିବା ପରେ ମଣ୍ଡିରେ ଚାଷୀମାନେ ନିଜର ଖରିଫ ଧାନ ବିକ୍ରୟ କରିବେ। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତିକ୍ରମେ ପଞ୍ଜିକୃତ ଚାଷୀ ମାନଙ୍କ ଠାରୁ ମଣ୍ଡି ଓ ଲାମ୍ପସ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ସେଥିରେ ୧୮ ଜଣ ମିଲର ଅଂଶଗ୍ରହଣ କରିବେ। କିନ୍ତୁ ଧାନ ସଂଗ୍ରହ ପୂର୍ବରୁ ବାମନଘାଟି ଉପଖଣ୍ଡର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତି ଅଞ୍ଚଳର ଚାଷୀଙ୍କ ଧାନ ଉପରେ ଝାଡ଼ଖଣ୍ଡ ରାଜ୍ୟର ମିଲରଙ୍କ ନଜର ପଡ଼ିଛି। ଯାହାକୁ ନେଇ ରାଇରଙ୍ଗପୁର, ତିରିଂ, ଜାମଦା, ବହଳଦା, କୁସୁମୀ ପ୍ରଭୃତି ବ୍ଲକର ବିଭିନ୍ନ ଗ୍ରାମରେ ଦଲାଲମାନଙ୍କ ଉପଦ୍ରବ ଜାରି ରହିଛି। ବାମନଘାଟି ଉପ ଖଣ୍ଡରେ ୧୬ ହଜାର ୯୮୫ ଜଣ ଚାଷୀ ଧାନ ବିକ୍ରୟ କରିବେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବାମନଘାଟି ଉପଖଣ୍ଡରେ ଭଲ ଅମଳ ମଧ୍ୟ ହୋଇଛି। ଯାହାକୁ ଦଲାଲ ନଜର କରି ଚାଷୀଙ୍କୁ ବୁଝେଇବା ଆରମ୍ଭ କରିଛନ୍ତି। ପଞ୍ଜିକୃତ ଚାଷୀଙ୍କୁ ଧାନ ବିକ୍ରି ନେଇ ଟୋକନ୍ ମିଳିବା ପୂର୍ବରୁ ଝାଡ଼ଖଣ୍ଡ ମିଲରମାନେ ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରିଦେଇଥିବା ଦେଖିବାକୁ



ମିଳିଛି। ଚାଷୀମାନେ ଧାନ ମଣ୍ଡିରେ ବିକ୍ରି କରିବା ପୂର୍ବରୁ ନିଜ ନିଜ ରାଇସ୍ ମିଲ୍ ଗୋଦାମରେ ଧାନ ଗଦା କରିବାକୁ ଝାଡ଼ଖଣ୍ଡ ଦଲାଲ ବି ସକ୍ରିୟ ରହିଛନ୍ତି। ସୀମାନ୍ତ ଗ୍ରାମର ଆଦିବାସୀ ଚାଷୀଙ୍କୁ ଲୋଭ ଦେଖାଇ ଦ ଲାଲମାନେ ଧାନ କିଣୁଛନ୍ତି। ତାହା ପୁଣି ମଣ୍ଡିଠାରୁ ବହୁ କମ୍ ଦରରେ। ଦଲାଲ୍ ଧରା ନ ପଡ଼ିବାକୁ ଟ୍ରକ୍ ପରିବର୍ତ୍ତେ ଛୋଟ ଛୋଟ ଗାଡ଼ିରେ ଧାନ ସଂଗ୍ରହ କରି ସୀମା ପାର୍ ହେଉଛନ୍ତି। ସୀମାନ୍ତ ବିଭିନ୍ନ ଗଳାବାଟ ଦେଇ ଝାଡ଼ଖଣ୍ଡକୁ ଧାନ ଯାଉଛି। ଯାହାକୁ ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଯୋଗାଣ ବିଭାଗ କର୍ମଚାରୀ ବିଫଳ ହେଉଛନ୍ତି। ଶୀତ ଦିନ ଥିବାରୁ ବିଶେଷ କରି ବିଳମ୍ବିତ ରାତି ଓ ବଡ଼ି ଭୋର୍ ସମୟରେ ଓଡ଼ିଶାରୁ ଝାଡ଼ଖଣ୍ଡକୁ ଧାନ ଯାଉଛି। ଚଳିତ ବର୍ଷ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୩୧୬୯ ଟଙ୍କାରେ ଧାନ କିଣିବାକୁ ଯାଉଛନ୍ତି। କିନ୍ତୁ ଏହାପରେ ମଧ୍ୟ ଦଲାଲମାନେ ଚାଷୀଙ୍କ ଘରୁ ସିଧାସଳଖ ଧାନ କିଣି ନେଉଛନ୍ତି। ମଣ୍ଡି ଖୋଲିବାକୁ ବିଳମ୍ବ ଥିବାବେଳେ ଏତେ ଦିନ ଅମଳ ଧ ାନ ଗଚ୍ଛିତ କରି ରଖିବା, ପୁଣି ଗାଡ଼ିରେ ନେଇ ମଣ୍ଡିରେ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିବା କଥା ଭାବି ଚାଷୀମାନେ ଧାନକୁ ଶୀଘ୍ର ବିକ୍ରୟ କରି ଦେଉଛନ୍ତି। ଚାଷୀମାନେ ମଣ୍ଡିରେ ଅଧିକ ଟଙ୍କା ପାଇ ଲାଭବାନ ହେବା ବଦଳରେ କମ୍ ଦରରେ ବିକ୍ରି ନେଇ ଯୋଜନା କରିଛନ୍ତି। ବଡ଼ବଡ଼ ଟୋକନ୍ ଚାଷୀଙ୍କୁ ଦଲାଲ ମାନେ ନଜର ପକାଇଛନ୍ତି। ଆଉ ସେହି ଚାଷୀମାନଙ୍କୁ ଦଲାଲ ମାନେ ଟାର୍ଗେଟ କରୁଛନ୍ତି।

# ସାଂଘାତିକ ସ୍ତରରେ ଏକ୍ୟୁଆଇ, ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ: ବାୟୁ ପ୍ରଦୂଷଣ ଓ ଘନ କୁହୁଡ଼ି ଦିଲ୍ଲୀବାସୀଙ୍କୁ କଲବଲ କରିଛି। ସୋମବାର ସକାଳେ ଦିଲ୍ଲୀ ଓ ଏହାର ନିକଟସ୍ଥ ଅଞ୍ଚଳ ଘନ କୁହୁଡ଼ିରେ ଆଚ୍ଛାଦିତ ହୋଇଯାଇଥିଲା। ବାୟୁର ମାନ ଅତି ସାଂଘାତିକ ଶ୍ରେଣୀକୁ ଚାଲିଯାଇଥିଲା। ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନତା ଖୁବ୍ କମ୍ ଥିଲା। ଏଥିପାଇଁ ଉଭୟ ବିମାନ ଓ ରେଳ ଚଳାଚଳ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଦିଲ୍ଲୀରେ ୨୨୮ ବିମାନ ବାତିଲ ହୋଇଥିବାବେଳେ ୪୦୦ ବିମାନର ଚଳାଚଳ ବିଳମ୍ବ ହୋଇଛି। ଦିଲ୍ଲୀ ବିମାନବନ୍ଦର ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଏକ ପରାମର୍ଶାବଳୀ ଜାରି ହୋଇଛି। ଏକ୍ସରେ ବିମାନବନ୍ଦର ପକ୍ଷରୁ କୁହାଯାଇଛି ଯେ ଘନ କୁହୁଡ଼ି ଯୋଗୁ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ। ଯାତ୍ରୀମାନଙ୍କ ଅସୁବିଧା ନ ହେବା ପାଇଁ ଆମେ ସମସ୍ତ ପକ୍ଷଙ୍କ ସହ କାମ କରୁଛୁ। ସଦ୍ୟ ସୂଚନା ପାଇଁ ଯାତ୍ରୀମାନେ ସେମାନଙ୍କ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କରନ୍ତୁ। ସେହିଭଳି ଘନ କୁହୁଡ଼ି ଯୋଗୁ ଟ୍ରେନ୍ ଚଳାଚଳ ବି ପ୍ରଭାବିତ ହୋଇଛି। ଦିଲ୍ଲୀରେ ୯୦ରୁ ଅଧିକ ଟ୍ରେନ୍ ପ୍ରାୟ ୬ରୁ ୭ ଘଣ୍ଟା ବିଳମ୍ବରେ ଚଳାଚଳ କରିଛି।

ଦିଲ୍ଲୀରେ ବାୟୁ ମାନ ଲଗାତାର ତୃତୀୟ ଦିନରେ ସାଂଘାତିକ ଶ୍ରେଣୀରେ ରହିଛି। ୪ଟି ମନିଟରିଂ ଷ୍ଟେସନ୍ ଯଥା ଅଶୋକ ବିହାର, ଜାହାଙ୍ଗିରପୁରୀ, ରୋହିଣୀ, ୱାଜିପୁରରେ ସୋମବାର ସକାଳ ୭ଟାରେ ଏକ୍ୟୁଆଇ ୫୦୦ ଥିଲା। ଏକ୍ୟୁଆଇ ଲଗାତାର ଖରାପ ହେବାରେ ଲାଗିଥିବାରୁ ବିଦେଶୀ ରାଷ୍ଟ୍ରଗୁଡ଼ିକ ଦିଲ୍ଲୀ ସମେତ ଉତ୍ତର ଭାରତରେ ରହୁଥିବା ସେମାନଙ୍କର ନାଗରିକଙ୍କୁ ସତର୍କ ରହିବାକୁ ପରାମର୍ଶାବଳୀ ଜାରି କରିଛନ୍ତି। ବ୍ରିଟେନ, କାନାଡା ଓ ସିଙ୍ଗାପୁର ସେମାନଙ୍କ ନାଗରିକଙ୍କୁ ସତର୍କ କରିଛନ୍ତି।

ଉତ୍ତର ଭାରତରେ ଘନ କୁହୁଡ଼ି ଯୋଗୁ ଏକାଧିକ ବିମାନ ବାତିଲ ହୋଇଥିବାରୁ ନୂଆଦିଲ୍ଲୀ ସ୍ଥିତ ସିଙ୍ଗାପୁର ହାଇକମିସନ ନାଗରିକଙ୍କୁ ବିମାନର ସଦ୍ୟତମ ସ୍ଥିତି ଅନୁଧ୍ୟାନ ପାଇଁ କହିଛି। ଭାରତରେ କର୍ତ୍ତୃପକ୍ଷ ଦିଲ୍ଲୀ ବାସିନ୍ଦା, ବିଶେଷ କରି ଶିଶୁ ଓ ଯେଉଁମାନଙ୍କର ଶ୍ୱାସ ଜନିତ ସମସ୍ୟା ଅଛି ସେମାନଙ୍କୁ ଘରେ ରହିବା ପାଇଁ ଅନୁରୋଧ କରିଥିବାରୁ ଏହାକୁ ମାନିବାକୁ ସିଙ୍ଗାପୁର ହାଇ କମିସନ୍ ଦିଲ୍ଲୀରେ ରହୁଥିବା ତାଙ୍କ ଦେଶର ନାଗରିକଙ୍କୁ ଅନୁରୋଧ କରିଛି।

ଏହା ପୂର୍ବରୁ ବ୍ରିଟେନ୍‌ର ବିଦେଶ, ରାଜ୍ୟଗୋଷ୍ଠୀ ଓ ବିକାଶ କାର୍ଯ୍ୟାଳୟ କହିଥିଲା ଯେ ଗର୍ଭବତୀ ମହିଳା ଏବଂ ଶ୍ୱାସଜନିତ ସମସ୍ୟା ଥିବା ଲୋକମାନେ ଭାରତ ଗସ୍ତ କରିବା ପୂର୍ବରୁ ଜଣେ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ। କାନାଡା ମଧ୍ୟ

**କଲବଲ ହେଉଛି ଦିଲ୍ଲୀ**

- ●୨୨୮ ବିମାନ ବାତିଲ, ୪୦୦ ବିଳମ୍ବ
- ●ନାଗରିକଙ୍କୁ ସତର୍କ କଲେ ସିଙ୍ଗାପୁର, ବ୍ରିଟେନ୍ ଓ କାନାଡା
- ●ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍‌ୱେରେ ୨୦ ଗାଡ଼ି ପଛକୁ ପଛ ଧକ୍କା
- ●୨ ପୁଲିସ ଅଫିସରଙ୍କ ସମେତ ୪ ମୃତ, ୨୦ ଗୁରୁତର
- ●ନର୍ସରିରୁ ପଞ୍ଚମ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପାଠପଢ଼ା



ଏହାର ନାଗରିକଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି। ବାୟୁର ମାନ ନିୟମିତ ଯାଞ୍ଚ କରିବା ପାଇଁ ଏବଂ ବିଶେଷ କରି ଶ୍ୱାସ ଜନିତ ସମସ୍ୟା ଥିବା ଲୋକମାନେ ସତର୍କ ରହିବା ପାଇଁ କାନାଡା ନିର୍ଦ୍ଦେଶାବଳୀରେ କହିଛି। ଘନ କୁହୁଡ଼ି ଯୋଗୁ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ସୋମବାର ସକାଳେ ୨୦ ଗାଡ଼ି ପଛକୁ ପଛ ଧକ୍କା ହୋଇଛି। ଭୋର୍ ୫ଟା ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ୨ ପୁଲିସ ଅଫିସରଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଛି। ୧୫ରୁ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ ୨ଟି ଡମ୍ଫର ଟ୍ରକ୍ ମଧ୍ୟରେ ପ୍ରଥମେ ଧକ୍କା ହୋଇଥିଲା। ଏହି ସମୟରେ ପଛରୁ ଏକ ପିଜୁଳି ବୋଝେଇ ଟ୍ରକ୍ ଆସି ଏଥିରେ ପିଟି ହୋଇଥିଲା। ପିଜୁଳି ବୋଝେଇ ଟ୍ରକ୍ ଓଲଟି ପଡ଼ିବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ରାସ୍ତା ସାରା ପିଜୁଳି ପଡ଼ିଯିବା ଫଳରେ ରାସ୍ତା ଖସଡ଼ିଆ ହୋଇଯାଇଥିଲା। କମ୍ ଦୃଶ୍ୟମାନ ଯୋଗୁ ପଛକୁ ପଛ ୨୦ରୁ ୨୫ ଗାଡ଼ି ଧକ୍କା ହୋଇଥିଲା।

ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଂଘାତିକ ସ୍ତରକୁ ଯିବା ପରେ ସୁପ୍ରିମ୍‌କୋର୍ଟ ଆଜି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ବିଗୁଡୁଥିବା ବାୟୁ ମାନ ସଂପର୍କରେ ଆସନ୍ତା ୧୭ ତାରିଖରେ ଶୁଣାଣି କରି ବାସ୍ତବ ଏବଂ କାର୍ଯ୍ୟକାରୀ ହୋଇ ପାରୁଥିବା ଭଳି ଉପଯୁକ୍ତ ଆଦେଶ ପ୍ରଦାନ କରିବେ ବୋଲି କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ବିପୁଲ ଏମ୍ ପାଞ୍ଚୋଲି ବରିଷ୍ଠ ଆଇନଜୀବୀ ତଥା ଆମିକସ କ୍ୟୁରି ଅପରାଜିତା ସିଂହଙ୍କ ପକ୍ଷରୁ ଦ ାଖଲ ଆବେଦନକୁ ଗ୍ରହଣ କରିଥିଲେ। ଅପରାଜିତା କହିଥିଲେ ଯେ ଯଦିଓ ପ୍ରତିଷେଧମୂଳକ ବ୍ୟବସ୍ଥା ରହିଛି, କର୍ତ୍ତୃପକ୍ଷ ସେଗୁଡ଼ିକୁ ଠିକ୍‌ରେ କାର୍ଯ୍ୟକାରୀ କରୁନାହାନ୍ତି। ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ କେତେକ ବିଦ୍ୟାଳୟରେ କ୍ରୀଡ଼ା କାର୍ଯ୍ୟକ୍ରମ ଚାଲିଛି। ତେଣୁ ପିଲାମାନଙ୍କୁ ମଧ୍ୟ ସୁରକ୍ଷା ନାହିଁ। ସୁପ୍ରିମକୋର୍ଟ ଯେଉଁସବୁ କାର୍ଯ୍ୟକଳାପକୁ ବନ୍ଦ କରିଛନ୍ତି ସେହି ସେହି କାର୍ଯ୍ୟଗୁଡ଼ିକ ହେଉଛି ବୋଲି ଅପରାଜିତା ଖଣ୍ଡପୀଠଙ୍କୁ ଅବଗତ କରିବା ସହିତ ତୁରନ୍ତ ଶୁଣାଣି ଚାହିଥିଲେ। ଏସବୁ ଶୁଣିବା ପରେ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି ଆସନ୍ତା ବୁଧବାର ଦିନ କରିବେ ବୋଲି କହିଥିଲେ। ପ୍ରଦୂଷଣର ବୋଝ ଗରିବଙ୍କୁ ଅଧିକ ମାତ୍ରାରେ ପଡ଼ିଥାଏ। କିନ୍ତୁ ସମସ୍ୟା ମୁଖ୍ୟତଃ ଧନିକ ବର୍ଗରୁ ଆସିଥାଏ। ଆଦେଶ ଦେବା ସମୟରେ ତାହା ଗରିବ ଲୋକଙ୍କୁ କିଭଳି ପ୍ରଭାବିତ କରିବ ତାହାକୁ ଦେଖିବାକୁ ପଡ଼ିବ। ଗ୍ରାପ୍-୪ କାର୍ଯ୍ୟକାରୀ ହେବା ପରେ ନିର୍ମାଣ ଶ୍ରମିକମାନେ କାମ ପାଉନାହାନ୍ତି ବୋଲି ଆମିକସ କ୍ୟୁରି କହିବା ପରେ ସୁପ୍ରିମକୋର୍ଟ ଏହା କହିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀରେ ନର୍ସରିରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପାଠପଢ଼ା ହେବ ବୋଲି ଦିଲ୍ଲୀ ସରକାର ଆଜି କହିଛନ୍ତି। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କୁହାଯାଇଛି।

## ଗାଡି ଅଟକାଇ ଚାନ୍ଦା ଆଦାୟ କରିବା ପଡିଲା ମହଙ୍ଗା

ଅନୁଗୋଳ: ବଆଁରପାଳ ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବଆଁରପାଳ ଜିଆର - ୭୧୭ /୨୦୨୪ ମାମଲା ରେ ଅଭିଯୁକ୍ତ ବିକି ଓରଫ୍ ଅରଜିତ ପ୍ରଧାନଙ୍କୁ କୋର୍ଟ ଦୋଷୀ ସାବସ୍ତ୍ୟ କରି ୩୦୦୦ ଟଙ୍କା ଜୋରିମାନା କରିଛନ୍ତି । ଏବଂ ସେହି ଜୋରିମାନା ଅର୍ଥକୁ ଅଭିଯୋଗକାରି ଙ୍କୁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଥାଉକି ୨୦୨୪ ରେ ଜରାସିଂହା ଗ୍ରାମର ଅଭିଯୁକ୍ତ ବିକି ରାସ୍ତାରେ ଗାଡି ମାନଙ୍କୁ ଅଟକାଇ ଚାନ୍ଦା ଆଦାୟ କରୁଥିଲା କ୍ଷ ଏହାକୁ ଗାଡି ମାଲିକ ବିରୋଧ କରିବାରୁ ମାଲିକଙ୍କୁ ଅଭିଯୁକ୍ତ ମାଡ଼ ମାରିଥିଲା । ଏ ନେଇ ମାମଲା ରୁଜୁ ହୋଇ କୋର୍ଟରେ ବିଚାରଧୀନ ଥିଲା ଗତକାଲି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ କେଶ କୁ ଫଇସଲା କରିଥିଲେ । ଏହି କେଶକୁ ସରକାରୀ ଓକିଲ ଅଭିଳାଷ ମଲ୍ଲିକ, ଦୁଷ୍ମନ୍ତ କୁମାର ସେନାପତି ଓ କାଳୀ ଚରଣ କର ପରିଚାଳନା କରିଥିଲେ ।



## ରାସ୍ତାରେ ପଡିଛି ପେଟିପେଟି ଥଣ୍ଡା ପାନୀୟ

ଅନୁଗୋଳ: ସାର୍ବଜନୀନ ସ୍ଥାନରେ କିଏ ଏକ୍ସପାୟରି ଥଣ୍ଡା ପାନୀୟ ପକାଇ ଦେଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ ଅନୁଗୋଳ ଜିଲ୍ଲା ବଆଁରପାଳ ବ୍ଲକ ନାଲକୋ ଥାନା ଅନ୍ତର୍ଗତ ନାଲକୋ ଟାଉସିପ୍ ଛକଠାରୁ ନୂଆସାହି ଗୋପିନାଥପୁର ରାସ୍ତା ପଦ୍ମପାଦ ମଠ ନିକଟରେ ପଡିଛି ପେଟିପେଟି ଏକ୍ସପାୟରି ଥଣ୍ଡା ପାନୀୟ । ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି। କିଏ ଏବଂ କାହିଁକି ଏଭଳି କାର୍ଯ୍ୟ କରିଛି, ତାହାର ସତ୍ୟ ଜାଣିବା ପାଇଁ ସଂପୂର୍ଣ୍ଣ ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ଅବହେଳାପୂର୍ଣ୍ଣ କାର୍ଯ୍ୟ ବିରୋଧରେ କଡା ପଦକ୍ଷେପ ନିଆଯିବାକୁ ଲୋକମାନେ ଆହ୍ୱାନ କରିଛନ୍ତି ।

## ୪ ଜଣ ସାଇବର ଲୁଟେରା ଗିରଫ
### ୧୨.୫୬ ଲକ୍ଷ ଟଙ୍କା ଠକେଇ ଘଟଣାର ଖୁଲାସା



ଅନୁଗୋଳ: ଲୋଭ ଦେଖାଇ ସାଇବର ଠକେଇ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଏକ ଗ୍ୟାଙ୍ଗକୁ ଧରିବାରେ ଅନୁଗୋଳ ପୋଲିସ ବଡ଼ ସଫଳତା ହାସଲ କରିଛି। ଅଭିଯୋଗ ପରେ ୨୪ ଘଣ୍ଟା ମଧ୍ୟରେ କେସ ଡିଟେକସନ କରିବା ସହ ୪୮ ଘଣ୍ଟା ମଧ୍ୟରେ ୪ ଜଣ ସାଇବର ଲୁଟେରାଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ସୂଚନା ଅନୁସାରେ ଗତ ଡିସେମ୍ବର ୮ ତାରିଖରେ ଜଣେ ଅଭିଯୋଗକାରୀ ଅନୁଗୁଳ ସାଇବର ଥାନାରେ ଅଭିଯୋଗ କରିଥିଲେ କି ଟ୍ରେଡିଂ ଆପ୍ ଜରିଆରେ ତାଙ୍କ ଆକାଉଣ୍ଟରୁ ୧୨ଲକ୍ଷ ୫୬ ହଜାର ଟଙ୍କା ଠକେଇ ହୋଇଛି। ଅଭିଯୋଗ ମିଳିବା ସହ ପୋଲିସ ତୁରନ୍ତ ତତ୍ପରତା ଦେଖାଇ ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ନମ୍ବର ଓ ଡିଜିଟାଲ ଟ୍ରାଞ୍ଜାକ୍ସନ ଟ୍ରାକ କରି ପୋଲିସ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ମାନଙ୍କ ଠିକଣା ଚିହ୍ନଟ କରିଥିଲା। ପରେ ନୟାଗଡ଼ ଜିଲ୍ଲାରେ ଚଢ଼ାଉ କରି ୪୮ ଘଣ୍ଟା ମଧ୍ୟରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜ୍ୟୋତି ନାଏକ, ପ୍ରତାପ ନାଏକ, ରାମଚନ୍ଦ୍ର ମୁଦୁଲି ଓ ଦିବ୍ୟ ରଞ୍ଜନ ଜେନା। ସମସ୍ତେ ସରଣକୁଳ ଥାନା ଅଞ୍ଚଳର ବାସିନ୍ଦା। ଅଭିଯୁକ୍ତମାନଙ୍କ ନିକଟରୁ ୬୯ ହଜାର ଟଙ୍କା ନଗଦ ସହ ଅନେକ ଏଟିଏମ୍ କାର୍ଡ, ଆଧାର କାର୍ଡ, ପ୍ୟାନ କାର୍ଡ ଓ ମୋବାଇଲ ଫୋନ ଜବତ କରାଯାଇଛି। ପୋଲିସ କହିଛି ଯେ, ଏମାନେ ପୂର୍ବରୁ ମଧ୍ୟ ଅନେକ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ନେଇ ତଥ୍ୟ ମିଳିଛି। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ଟେଲିଗ୍ରାମ ଜରିଆରେ ପ୍ରଲୋଭନ ଦେଖାଇ ଲୋକମାନଙ୍କୁ ଠକେଇ କରୁଥିଲେ। ଏହାସହ ଏମାନଙ୍କ ସାଇବର ନେଟୱାର୍କର ଲିଙ୍କ୍ ଚୀନ ସହ ଥିବା ନେଇ ପୋଲିସ ସନ୍ଦେହ ପ୍ରକାଶ କରିଛି। ଘଟଣାର ଆହୁରି ଗଭୀର ତଦନ୍ତ ଚାଲିଛି ।

## ଷ୍ଟେଟ ହ୍ୟୁମାନ ରାଇଟ କାଉନସିଲ ପକ୍ଷରୁ ମାନବାଧିକାର ଦିବସ ପାଳନ

ତାଳଚେର : ବିଶ୍ୱ ମାନବାଧିକାର ଦିବସ ଅବସରରେ ଷ୍ଟେଟ୍ ହ୍ୟୁମାନ ରାଇଟସ କାଉନସିଲ ପକ୍ଷରୁ ତାଳଚେର ସ୍ଥିତ ହୋଟେଲ ଗ୍ରୀନ ପାର୍କ ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ସସ୍ମିତା ଦାସଙ୍କ ସଭାପତିତ୍ୱରେ ଅନୁଗୁଳ ଜିଲ୍ଲା ସଭାପତି ବାପି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ଚିକିତ୍ସକ ଡଃ ସସ୍ମିତା ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଦେବି ମିଶ୍ର, ସମ୍ମାନିତ ଅତିଥି ଭାବେ ୮ ନମ୍ବର ୱାର୍ଡର କାଉନସିଲର ସନ୍ତୋଷ ବେହେରା, ବରିଷ୍ଠ ସମାଜସେବୀ ବିଭୁତି ସାହୁ, ରାଜ୍ୟ ସମ୍ପାଦକ ନାରାୟଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ମାନବାଧିକାର ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ କ୍ଷ ଏହି ଅବସରରେ ଅନେକ ମାନବାଧିକାର କର୍ମୀ, ସ୍ୱେଚ୍ଛାସେବୀ, ଶିକ୍ଷାବିତ, ସାମାଜିକ ସଂଗଠନ ଏବଂ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏଥିରେ କରୁଣା କର ୍ାଇ ଏବଂ ଲକ୍ଷ୍ମଣ ମହାରଣା ମଞ୍ଚ ପରିଚାଳନା କରିଥିଲେ କ୍ଷ ଶେଷରେ ବୁଦ୍ଧଦେ୍ବ ବାହାଦୁର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାୟକଙ୍କ ପାଣ୍ଠିରୁ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ



ତାଳଚେର : ତାଳଚେର ଗଡ଼ତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଧାୟକଙ୍କ ପାଣ୍ଠିରୁ ୯ ଲକ୍ଷ ୯୦ ହଜାର ଅର୍ଥ ରାଶିରେ ନିର୍ମିତ ହୋଇଥିବା ଏକ ଅତିରିକ୍ତ ନୂତନ ଶ୍ରେଣୀ ଗୃହ ଉଦଘାଟିତ ହୋଇଯାଇଅଛି । ଉକ୍ତ ଉଦଘାଟନ ଅବସରରେ ଉଦଘାଟକ ତଥା ମୁଖ୍ୟ ଅତଥିଭାବେ ମାନ୍ୟବର ବିଧାୟକ ତାଳଚେର ଶ୍ରୀଯୁକ୍ତ ବ୍ରଜକିଶୋର ପ୍ରଧାନ ନୂତନ ଶ୍ରେଣୀ ଗୃହକୁ ଉଦଘାଟନ କରି ଗୃହ ପ୍ରବେଶ କରିଥିଲେ । ଉକ୍ତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ତାଳଚେର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶ୍ରୀମତୀ ହେମଲତା ମହାନ୍ତି, ଉପାଧ୍ୟକ୍ଷା ଶ୍ରୀମତୀ ଆଞ୍ଚଲ ପ୍ରଧାନ, ଜୋନ ୨୧ ର ଜିଲ୍ଲାପରିଷଦ ସଭ୍ୟ ଶ୍ରୀମତୀ ସତ୍ୟଭାମା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଶୁଶାନ୍ତ ବରାଳ, ଏବଂ ନିକଟସ୍ଥ ଚାରିଗୋଟି ଗ୍ରାମ ପଞ୍ଚାୟତ ମାନଙ୍କର ସରପଞ୍ଚ ଓ ସମିତି ସଭ୍ୟା ଯଥା ସନ୍ଥପଡା ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ସହଦେବ ସାହୁ ଏବଂ ସମିତି ସଭ୍ୟା ଶ୍ରୀମତୀ ବୈଜୟନ୍ତୀ ମହାନ୍ତି, ଗୁରୁଜାଙ୍ଗୁଲି ଗ୍ରାମପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ଲିନା ସାହୁ, ସମିତି ସଭ୍ୟା ରୁନୁ ସିଂ, ଜଗନ୍ନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଶୁଭଶ୍ରୀ ଦେବତା, ସମିତି ସଭ୍ୟା ଶ୍ରୀମତୀ ବିନତି ପରିଡା, ବନ୍ତୁଲ ଗ୍ରାମପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ଜୟନ୍ତିଲତା ପ୍ରଧାନ, ସମିତି ସଭ୍ୟା ଶ୍ରୀମତୀ ଅମ୍ରିତା ପାଣି ତଥା ସ୍ଥାନୀୟ ବହୁ ଯୁବକ, ବୟସ୍କ ତଥା ବୁଦ୍ଧିଜୀବୀ ଗଣ ଉପସ୍ଥିତ ରହିଥିଲେ । ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ପାଇକରାୟ ଅତିଥି ମାନଙ୍କୁ ସୁସ୍ୱାଗତ କରିଥିଲେ । ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଗଣ ନୂତନ ଶ୍ରେଣୀଗୃହ ଉଦଘାଟନ ଉତ୍ସବରେ ଉପସ୍ଥିତ ରହି ଗୃହ ପ୍ରବେଶ ସମୟରେ ଜୟ ଜଗନ୍ନାଥ ମନ୍ତ୍ରଧ୍ୱନି ଉଚ୍ଚାରଣ କରି ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ ।

## ପ୍ରଦୁଷିତ ଓ ରାସ୍ତାଘାଟ ଜନିତ ସମସ୍ୟାରେ ଲୋକେ ଦହଗଞ୍ଜ

ତାଳଚେର : ତାଳଚେରରେ ବର୍ଷବର୍ଷ ଧରି ପ୍ରଦ୍ୟୁଷିତ ଓ ରାସ୍ତାଘାଟ ଜନିତ ସମସ୍ୟା ରହିଥିଲେ ସୁଦ୍ଧା ତାହାର ନିରାକରଣ ଅଦ୍ୟାବଧି ହୋଇ ନପାରିବା ଏକ ଉଦବେଗ ବିଷୟ ପାଲଟିଛି । ତାଳଚେର ବ୍ଲକର ତାଳବେଡ଼ା ଠାରୁ ଚାଇଁପାଳ ଦେଇ ବଆଁରପାଳ ଯାଇଥିବା ଜାତୀୟ ରାଜପଥରେ ଯାତାୟତ କରିବା ଯମଯନ୍ତ୍ରଣା ପାଲଟିଛି । ରାସ୍ତା ପାଶ୍ୱର୍ରେ ରହିଥିବା ଗ୍ରାମାଚଂଳ ଓ ସହରାଚଂଳ ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଶ୍ୱାସୀ ହେବା ସହିତ ଦୈନନ୍ଦିନ ଦୁର୍ଘଟଣା ଶୀକାର ହେଉଥିବା ଘଟଣା ଅଂଚଳବାସୀଙ୍କୁ ବ୍ୟଥିତ କରୁଛି । ଏଠାରେ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ ଜନ ସାଧାରଣଙ୍କ ସ୍ୱାର୍ଥକୁ ନିଜର ରଖି ଧୂଳିଧୂଆଁ ଟ୍ରାଫିକ ବ୍ୟବସ୍ଥା ନେଇ ନୋଏଂଟ୍ରି ଓ ଭାରୀଯାନ ଗୁଡ଼ିକ ୨୦ କିମି ବେଗରେ ଯିବାରୁ ସ୍ପଷ୍ଟଭାବେ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ କି ଲୋକମାନଙ୍କୁ ସେହି ନୋଏଂଟ୍ରି ସମୟରେ ଯାତାୟତ କରିବାକୁ ସୁବିଧା ହେଉଥିଲା । ମାତ୍ର ବର୍ତମାନ ପରିସ୍ଥିତିରେ ଏହାକୁ ହେୟ ଜ୍ଞାନ ମନେ କରି ଟ୍ରକ ଗୁଡ଼ିକୁ ଦ୍ରୁତଗତିରେ ଏହି ଜାତୀୟ ରାଜପଥରେ ଚଳପ୍ରଚଳ କରିବାର ଦେଖିବାକୁ ମିଳିଛି । ତେଲ ପକାଇବା ତଥା ମରାମତି କରିବା ନାମରେ ରାଜପଥ ପାଶ୍ୱର୍ରେ ମନ ଇଚ୍ଛା ଗାଡ଼ି ରଖିବା ଯୋଗୁଁ ରାସ୍ତା ସଙ୍କୁଚିତ ହେବା ସହ ଦୁର୍ଘଟଣା ମାତ୍ରା ବୃଦ୍ଧି ପାଉଛି । ଦୈନିକ ଶହଶହ ଟ୍ରକ ଯାତାୟତ ଯୋଗୁଁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ସାଙ୍ଗକୁ ୧୩ କିମି ରାସ୍ତାକୁ ଅତିକ୍ରମ କରିବାକୁ ପ୍ରାୟ ୪ ରୁ ୫ ଘଂଟା ଲାଗିଯାଉଛି । ବେଳେବେଳେ ଜରୁରୀକାଳୀନ ଗାଡ଼ି ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ୍, ଅଗ୍ନିଶମ ଗାଡ଼ି ଗୁଡ଼ିକ ମଧ୍ୟ ଏହି ରାସ୍ତାରେ ଯାଇ ନପାରି ଦୀର୍ଘ ସମୟଧରି ଅପେକ୍ଷା କରୁଥିବା ଲକ୍ଷ୍ୟ କରାଯାଉଛି । ପ୍ରକାଶ ଥାଉକି, ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲାଖଣି, ଏନଟିପସି, ଡ଼େରେଙ୍ଗ ଜିନ୍ଦଲ ଆଦି ଶିଳ୍ପାନୁଷ୍ଠାନ ରହିଛି । ଏହି କୋଇଲା ଖଣିରୁ ଓ ଏନଟିପିସି, ଜିନ୍ଦଲରୁ ହଜାର ସଂଖ୍ୟକ କୋଇଲା ଓ ପାଉଁଶ ବୋଝେଇ ଟ୍ରକ ଏହି ଜାତୀୟ ରାଜପଥ ଉପରେ ଚଳପ୍ରଚଳ କରିଥାନ୍ତି । ଫଳତଃ ଟ୍ରକ ଗୁଡ଼ିକରୁ ଆସୁଥିବା କୋଇଲା ଗୁଣ୍ଡ, ଧୂଳିଧୂଳିଆଁରେ ଜାତୀୟ ରାଜପଥଟିକୁ ସମ୍ପୂର୍ଣ୍ଣଭାବେ ପ୍ରଦ୍ୟୁଷିତ ହୋଇ ପଡୁଛି । ସାଇକେଲ କିମ୍ବା ମଟର ସାଇକେଲ ଆରୋହୀ ପ୍ରଚୁର ଧୂଳିରେ ଅଣନିଶ୍ୱାସୀ ହେବା ସହିତ ଦୁର୍ଘଟଣାର ଶୀକାର ହୋଇଥାନ୍ତି । ଏପରିକି ରାସ୍ତାର ପାଶ୍ୱର୍ରେ ତାଳବେଡ଼ା ଗ୍ରାମ ଠାରୁ ଆରମ୍ଭକରି ଚାଳକିଆକୂଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର , ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ଉଡୁଥିବା କୋଇଲା ଧୂଳି ଓ ଗୁଣ୍ଡ ଉଡ଼ି ଭାତହାଣ୍ଡିରେ ପଡୁଥିବା ଅଭିଯୋଗ ହୋଇ ଆସୁଛନ୍ତି । ଏହାର ପ୍ରତିକାର ନିମନ୍ତେ ଅଂଚଳବାସୀ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳି ପାରୁନଥିବା ଅଭିଯୋଗ ହେଉଛି । ଏହି ଜାତୀୟ ରାଜପଥ ଦେଇ ମନ୍ତ୍ରୀ,ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସାଂସଦ ଓ ବିଧାୟକ ଗଣ, ପ୍ରଶାସନିକ ଅଧିକାରୀ, ଏନଏଚଆଇ ଓ ପ୍ରଦ୍ୟୁଷଣ ବିଭାଗର ବାବୁ ଭାୟାମାନେ ଚଳପ୍ରଚଳ କରୁଥିଲେ ମଧ୍ୟ ଏହି ସମସ୍ୟାକୁ କିପରି ସମାଧାନ କରିବାକୁ ଚେଷ୍ଟିତ ନାହାନ୍ତି ତାହା ଆଲୋଚନା ପର୍ଯ୍ୟାଲୋଚନା ଚାଲୁଛି । ତେବେ ତାଳଚେର ଅଂଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚୁର ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷବର୍ଷ ଧରି ପ୍ରମୁଖ ସମସ୍ୟା ଗୁଡ଼ିକ ଲାଗି ରହିଛି । ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟାର ସମାଧାନ କରିବାକୁ ସମାଧାନ କରାଯାଉ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## କଟକରେ ଭଙ୍ଗା ହେବ ବିପଦସଂକୁଳ କୋଠା: ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର: କଟକରେ ଭଙ୍ଗା ହେବ ବିପଦ ସଂକୁଳ କୋଠା। ଏନେଇ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। କୋଠା ମାଲିକମାନଙ୍କୁ ପ୍ରଥମେ ନୋଟିସ ଦିଆଯିବ ଓ ପରେ ଭଙ୍ଗାଯିବ କିଛିଦିନ ତଳେ କଟକରେ ଏକ ପୁରୁଣା କୋଠା ଭାଙ୍ଗି କିଛି ଲୋକଙ୍କ ମୃତ୍ୟୁ ହେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଥିଲା । ଏନେଇ ଏବେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ଏକ ବଡ଼ ସୂଚନା ଦେଇଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି କି, କଟକରେ ଥିବା ସମସ୍ତ ବିପଦସଂକୁଳ ଚିଠା ଚିହ୍ନଟ କରାଯାଇ ଖୁବଶୀଘ୍ର ଭଙ୍ଗାଯିବ । ଏନେଇ କୋଠାଗୁଡିକୁ ଚିହ୍ନଟ କରିବାକୁ ଏକ ବିଶେଷ କମିଟିର ଗଠନ କରାଯାଇଥିବା କଥା ମଧ୍ୟ ମନ୍ତ୍ରୀ କହିଛନ୍ତି । ଏହି କମିଟି କଟକ ମହାନଗର ଅଧିନରେ ଥିବା ସମସ୍ତ ବିପଦ ସଂକୁଳ କୋଠାଗୁଡିକୁ ଚିହ୍ନଟ କରିବ। ଏବେ କମିଟିର ସଦସ୍ୟମାନେ ୱାର୍ଡରୁ ୱାର୍ଡ ବୁଲି ସର୍ଭେ କରୁଛନ୍ତି । ସର୍ଭେ କାମ ଶେଷ ହେଲେ ଚିହ୍ନଟ କରାଯାଇଥିବା କୋଠାଗୁଡିକର ମାଲିକମାନଙ୍କୁ ପ୍ରଥମେ ନୋଟିସ ଦିଆଯିବ ଓ ପରେ ଭଙ୍ଗାଯିବ।

ସୂଚନା ଥାଉ କି ନଭେମ୍ବର ୮ ତାରିଖରେ କଟକ ମଣିସାହୁ ଛକରେ ଘଟିଥିଲା ବଡ଼ ଧରଣର ଅଘଟଣ। କ୍ୟାଣ୍ଟନମେଣ୍ଟ ସ୍କୁଲ ସାମନାରେ ଥିବା ଏକ ଆପାର୍ଟମେଣ୍ଟର ବାଲକୋନି ମରାମତି ସମୟରେ ଭାଙ୍ଗିଯାଇ ଦୁଇ ଜଣଙ୍କ ଘର ଉପରେ ପଡ଼ିଥିଲା। ଫଳରେ ଗୋଟିଏ ପରିବାରର ବାପା, ପୁଅ ଓ ନାତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଦୁଇ ପରିବାରର ଆହୁରି ୬ ଜଣ ସଦସ୍ୟ ଗୁରୁତର ଆହତ ହୋଇଥିଲେ। ମୃତକ ହେଲେ ଅବଦୁଲ ଜଲିଲ(୬୦), ତାଙ୍କ ପୁଅ ଅବଦୁଲ ଜାହିଦ(୩୦), ନାତି ତଥା ଜାହିଦଙ୍କ ବଡ଼ ପୁଅ ଅବଦୁଲ ମୁଜାହିଦ(୫ ମାସ)। ସେହିଭଳି ଆହତମାନେ ହେଲେ ଜଲିଲଙ୍କ ପତ୍ନୀ ସାବେରା ବିବି(୫୨), ଜାହିଦଙ୍କ ପତ୍ନୀ ସାହିନା ବିବି(୨୯), ଜାହିଦଙ୍କ ସାନପୁଅ ଅବଦୁଲ ରେହେମାନ(୩ ମାସ), ପଡ଼ୋଶୀ ଅବଦୁଲ ସବିରଙ୍କ ଘରକୁ ଆସିଥିବା ପୁତୁରା ରେହାନ ଖାଁ(୮), ସାବିରଙ୍କ ମା' ରେହମତ ତୁନିସା(୫୦), ସାବିରଙ୍କ ପତ୍ନୀ ହିଦା ବେଗମ(୨୪)।



ସୂଚନା ଅନୁଯାୟୀ କଟକ ବକ୍ସିବଜାର ମଣିସାହୁ ଛକ ନିକଟରେ ଥିବା ଏକ ଅସୁରକ୍ଷିତ ୬ ମହଲା ବିଶିଷ୍ଟ କୋଠାରେ ପାଖାପାଖି ୨୦ ପରିବାର ରହୁଥିଲେ। ଏହି କୋଠାର ମାଲିକ ହେଉଛନ୍ତି ସେଖ୍ ଲାଲା। ପାରିବାରିକ ବିବାଦ ଯୋଗୁଁ ଏହା ବହୁବର୍ଷ ଧରି ମରାମତି ହେଉ ନଥିଲା। ଏହି କୋଠା ପାର୍ଶ୍ୱକୁ ଲାଗି କରି ପାଖାପାଖି ୧୫ ପରିବାର ରହୁଥିଲେ। ଏହି କୋଠା ଆଗରେ ପ୍ରାଥମିକ ସ୍କୁଲ ରହିଛି। ଏହି କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲେ ବି ତାହାକୁ ଭଙ୍ଗାଯାଇ ନଥିଲା। ଏହି ଅସୁରକ୍ଷିତ କୋଠାର ଏକ ବାଲକୋନି ଗଲା ତିନି ଦିନ ହେବ ମରାମତି କରାଯାଉଥିଲା। ନଭେମ୍ବର ୮ ତାରିଖ ଅପରାହ୍ଣ ପ୍ରାୟ ୪ଟା ୪୫ ବେଳେ ଏହି ବାଲକୋନି ହଠାତ୍ ଖସି ପଡ଼ିଥିଲା। ବାଲକୋନିର ସିମେଣ୍ଟ, ଇଟା ଜଲିଲ ଓ ତାଙ୍କ ପୁତୁରା ଅବଦୁଲ ସବିରଙ୍କ ଘରର ଆଜବେଷ୍ଟସ୍ ଉପରେ ପଡ଼ିଥିଲା।

## ରାଜ୍ୟର ୧୬ଟି ସ୍ଥାନରେ ନଦୀ ଜଳ ପ୍ରଦୂଷିତ

ଭୁବନେଶ୍ୱର : ରାଜ୍ୟର ୧୬ଟି ସ୍ଥାନରେ ନଦୀ ଜଳ ପ୍ରଦୂଷିତ। କଟକରେ କାଠଯୋଡି, ଭୁବନେଶ୍ୱର ଦୟାନଦୀ, ଗଙ୍ଗୁଆ ନାଳ, ଗୋପ ଭିଙ୍ଗାରପୁରର କୁଶଭଦ୍ରା, ରାଉରକେଲାର ବ୍ରାହ୍ମଣୀ ଓ ଗୁରାଡି ନାଳ ପ୍ରଦୂଷଣ ଥିବା ରିପୋର୍ଟ ହୋଇଛି । ଏହା ମୁଖ୍ୟତଃ ସହରାଞ୍ଚଳର ବର୍ଜ୍ୟଜଳ ନିସ୍କାସନ, ନଦୀ ଜଳରେ ଅତ୍ୟଧିକ ବ୍ୟବହାର ଯୋଗୁ ପ୍ରଦୂଷିତ ହେଉଛି । ଏସବୁ ଅବବାହିକାରେ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ସହରାଞ୍ଚଳ ଅଧିକାରୀମାନଙ୍କୁ ପ୍ରଦୂଷଣ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଜିଲ୍ଲା ପ୍ରଶାସନ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଜଳଯୋଗାଣ ଓ ପରିମଳ ପରିଷଦକୁ ପଦକ୍ଷେପ ନେବାକୁ କୁହାଯାଇଛି । ନଦୀର ପ୍ରଭାବ ବୃଦ୍ଧି, ନଦୀ ସାମ୍ମୁଖ୍ୟ ବିକାଶ, ଶୌଚାଳୟ ନିର୍ମାଣ, ବାହ୍ୟ ମଳମୁତ୍ର ରୋକିବାକୁ ପଦକ୍ଷେପ ନିଆଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଉତ୍ତର ରଖିଛନ୍ତି ।



## କେନ୍ଦ୍ରାପଡ଼ାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା: ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ାଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ । ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ,ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼,କେନ୍ଦ୍ରାପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ,ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣିରେ ମୋଟ ୨୦୬ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୧୮୪ ଟି ବ୍ୟକ୍ତିଗତ ଏବଂ ୨୨ ଟି ସାମୂହିକ ଅଭିଯୋଗ ରହିଥିଲା । ସେହିପରି ୬୩ ହଜାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରିଛନ୍ତି । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉ କି ଡିସେମ୍ବର ମାସର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ସୋମବାର ଅର୍ଥାତ ୮ ତାରିଖ ଦିନ ମହାକାଳପଡ଼ା ବ୍ଲକ, ୧୫ ତାରିଖରେ ଡେରାବିଶ ବ୍ଲକ, ୨୨ ଡିସେମ୍ବରରେ ଗରଦପୁର ବ୍ଲକ ଏବଂ ୨୯ ତାରିଖରେ ରାଜନଗର ବ୍ଲକ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

## କେନ୍ଦ୍ରାପଡ଼ାରେ ବିଶ୍ୱ ଏଡ଼ସ ଦିବସ ପାଳିତ

କେନ୍ଦ୍ରାପଡ଼ା: ଅନିରୁଦ୍ଧ ସେଠୀ: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । 'ବ୍ୟାଘାତକୁ ଅତିକ୍ରମ କରି ଏଡ଼ସ ପ୍ରତିକ୍ରିୟା ପରିବର୍ତ୍ତନ କରିବା ' ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼.ମନୋରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଅୟର,ଅଧ୍ୟକ୍ଷା ଜିଲ୍ଲା ପରିଷଦ ଲିଳିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.ଗୌରାଙ୍ଗ ଚରଣ ଗିରି,ଏଡିଏମଓ ଡ଼. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିବାରଣ) ଡ଼. ଶ୍ୟାମ ସୁନ୍ଦର ଟୁଡୁ, ମେଡିକାଲ ଅଫିସର ଏ. ଆର. ଟି ସେଣ୍ଟର ଡ଼. ପ୍ରୀତିକାନ୍ତ ସାହୁ, ପ୍ରମୁଖ ମଂଚାସୀନ ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଏଡ଼ସ କଣ୍ଟ୍ରୋଲ ୟୁନିଟର ଅାଇସିଟିସି ସୁପରଭାଇଜର ବ୍ରଜକିଶୋର ଜେନା ସମେତ କାଉନସିଲର ଦେବେନ୍ଦ୍ର କୁମାର ରାଉତ, ବବିତା ବିଶ୍ୱାଳ, କିରଣ ପାତ୍ର, ଖିରାବ୍ଧି ତନୟା ସ୍ୱାଇଁ, ଲିପିକା ପାଏଲ ଏବଂ ଏନଜିଓ, ଏଲଡବ୍ଲୁଏସ ଓ ଭାରତର କର୍ମକର୍ତ୍ତା ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ସଚେତନତା କୁ ଗୁରୁତ୍ୱ ଦେବା ସହିତ ଅନ୍ୟ ବିଭାଗ ଗୁଡିକ ସହିତ ମିଶି ଏହି ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗୋଷ୍ଠୀ ଏବଂ ଅନ୍ୟ ବିଭିନ୍ନ ସଂଘଠନକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି । ଏଚଆଇଭିର କାରଣ ଏବଂ ନିରାକରଣ ବିଷୟରେ ଅନ୍ୟ ଅତିଥି ବକ୍ତବ୍ୟ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗର ସୂଚନା ମୁତାବକ ଜିଲ୍ଲାରେ ବର୍ତ୍ତମାନ ୭୬୪ ଜଣ ଏଚଆଇଭି ପଜିଟିଭ ଅଛନ୍ତି । ଏଚଆଇଭି ପଜିଟିଭଙ୍କ ମଧ୍ୟରେ ୫୮୩ ଜଣ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ବେଳେ ୧୭୫ ଜଣ ଭତ୍ତା ଦେବାକୁ ମନାକରିଛନ୍ତି । ସୂଚନା ଯେ, ୨୦୨୫ ଅକ୍ଟୋବର ସୁଦ୍ଧା ଆଳି ବ୍ଲକରେ ୯୪ ଜଣ,ଡେରାବିଶ ବ୍ଲକରେ ୪୪,କେନ୍ଦ୍ରାପଡ଼ା ମୁନିସିପାଲିଟିରେ ୨୪,କେନ୍ଦ୍ରାପଡ଼ା ବ୍ଲକରେ ୮୩,ମହାକାଳପଡ଼ା ବ୍ଲକରେ ୬୭,ମାର୍ଶାଘାଇ ବ୍ଲକରେ ୭୧ ଜଣ,ଗରଦପୁର ବ୍ଲକରେ ୪୭,ପଟ୍ଟାମୁଣ୍ଡାଇ ବ୍ଲକରେ ୧୮୯ ଜଣ,ରାଜକନିକାରେ ୫୭,ରାଜନଗରରେ ୫୧ ଏବଂ ଅନ୍ୟ ଜିଲ୍ଲାର ୩୭ ଜଣ ଏଚଆଇଭି ପଜିଟିଭ ଅଛନ୍ତି । ଡେପୁଟି ମ୍ୟାନେଜର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡ଼. ସୁଶାନ୍ତ କୁମାର ପ୍ରଧାନ ବୈଠକରେ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ସରକାରୀ ଏଏନଏମ ଟ୍ରେନିଂ ସେଣ୍ଟର ଛାତ୍ରୀ, ଅଧ୍ୟକ୍ଷା ଭାରତୀ ସ୍ୱାଇଁଙ୍କ ସମେତ ସମସ୍ତ ସହକାରୀ ଶିକ୍ଷୟତ୍ରୀ ପୁରୁଣା ମେଡିକାଲରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରିଥିଲେ ।




## ନୂତନ ବିଡ଼ିଓ ତ୍ରିଲୋତମା ପୃଷ୍ଟିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ବ୍ଲକ ଯନ୍ତ୍ରୀ ଓ ଅଫିସ କର୍ମଚାରୀ

ରାଜନଗର: ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ପଂହଁଞ୍ଚିଲେ ନୂତନ ବିଡ଼ିଓ ଶ୍ରୀମତୀ ତ୍ରିଲୋତମା ପୃଷ୍ଟି ଙ୍କୁ ପୂର୍ବରୁ ରାଜନଗର ବ୍ଲକ ର ଅତିରିକ୍ତ ଦାୟିତ୍ୱ ରେ ଥିବା ଅନିରୁଦ୍ଧ ବେହେରାଙ୍କ ସମେତ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ ନାୟକ,ଏମଡି ସାମି ଅହମଦ କିରାଣୀ, ପ୍ରଭାତ କୁମାର ମାଝୀ, କନିଷ୍ଠ ଯନ୍ତ୍ରୀ, ମନୋଜ କୁମାର ବେହେରା, ବି ଏସ ଏସ ଓ, ଅର୍ପଣ କୁମାର ମଲିକ, କନିଷ୍ଠ ଯନ୍ତ୍ରୀ, ଜନ୍ମଜୟ ବେହେରା, କନିଷ୍ଠ ଯନ୍ତ୍ରୀ, ରାଜେନ୍ଦ୍ର କୁମାର ମହାନ୍ତି, ଶିକ୍ଷା ବିଭାଗ ଯନ୍ତ୍ରୀ, ଆଶିଷ କୁମାର ସାହୁ, କମ୍ପୁଟର ମ୍ୟାନେଜର, ପ୍ରଭାତ କୁମାର ମହାନ୍ତି, ଏ ଏସ ପି, ପ୍ରଦ୍ୟୁମ୍ନୟ ଆଚାର୍ଯ୍ୟ, ଏ ପି ଓ, ସ୍ୱାମି ନିରଞ୍ଜନ ସେଠୀ, ବ୍ଲକ ପିଅନ, କୈଳାସ ଚନ୍ଦ୍ର ବାରିକ, ଏ ଡି ଓ, ସରୋଜ କୁମାର ରାଉତ, ଆର ଡବ୍ଲୁ ଏସ ଏସ, ପ୍ରସନ କୁମାର ନାୟକ, ବି ପି ଏ,ଶଶାଙ୍କ କୁମାର ଦଳାଇ, ପିଓ ମିହିର କୁମାର ହେମ୍ବ୍ରମ ପ୍ରମୁଖ ନୂତନ ବିଡ଼ିଓ ତିଲୋତମା ପୃଷ୍ଟି ଙ୍କ ପୁଷ୍ପ ଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ବା ସହିତ ମାଡାମ ୱେଲ କମ ବୋଲି କହିଥିଲେ, !








# ଘର ଓ ଛାତ ବଗିଚାର ସଚେତନତା ରଥ ଉଦ୍‌ଘାଟିତ



ଭୁବନେଶ୍ୱର: ସହରର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ସୁଗମ ଭାବେ ବଗିଚା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଏହାର ପ୍ରସ୍ତୁତି ଓ ଉପଦେୟତା ସମ୍ପର୍କରେ ଅବଗତ କରିବା ପାଇଁ "ଘର ଓ ଛାତ ବଗିଚା" ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି ସଚେତନତା ରଥକୁ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡିଶା କୃଷି ଭବନ ପରିସରରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହଦେଓ ସହରାଞ୍ଚଳରେ ଘର ଓ ଛାତ ବଗିଚା ଅଧିକରୁ ଅଧିକ ମାତ୍ରାରେ କରିବାକୁ ସଭିଙ୍କୁ ଆହ୍ୱାନ ଦେଇଛନ୍ତି । ସହରାଞ୍ଚଳରେ ଏହି ବଗିଚାର ଅନେକ ଗୁରୁତ୍ୱ ରହିଛି ବିଶେଷ କରି ଏହି ବଗିଚା ବଜାରରେ ମିଳୁଥିବା ମାତ୍ରାଧିକ ରାସାୟନିକ ବିଷ ଓ ଔଷଧର ପ୍ରୟୋଗ ଯୁକ୍ତ ଉଦ୍ୟାନ ଉତ୍ପାଦ ବଦଳରେ ତଟକା, ବିଷମୁକ୍ତ, ଜୈବିକ ଫଳ ଓ ପନିପରିବା ଦେବାରେ ସହାୟକ ହୋଇଥାଏ । ଏହା ସହ ଏକକାଳୀନ ଭାବେ ଛାତ ଉପରେ ବଗିଚା ସହ ରୁଫ ଟପ ସୋଲାର ପ୍ୟାନେଲର ଉପଯୋଗ କଲେ ଏହା ଅନେକ ଫଳପ୍ରଦ ହେବ ବୋଲି କହିଥିଲେ ।

ନିରନ୍ତର ଦ୍ରୁତ ସହରୀକରଣ ଯୋଗୁ ଚାଷ ଉପଯୋଗୀ ଜମି କ୍ରମଶଃ ସଙ୍କୁଚିତ ହେଉଛି ଓ ବଢୁଥିବା ଜନସଂଖ୍ୟା ପାଇଁ ଆବଶ୍ୟକ ଖାଦ୍ୟ ଉତ୍ପାଦନ ମଧ୍ୟ କମି କମି ଯାଉଛି । ଖାଦ୍ୟ ଉତ୍ପାଦନ ନିମିତ୍ତ ଚାଷୀ ମାନେ ଅଧିକ ରାସାୟନିକ ସାର ବ୍ୟବହାର କରୁଛନ୍ତି ଏବଂ ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଅଧିକ ବିଷ ଔଷଧ ସିଞ୍ଚନ କରିବାକୁ ବାଧ ହେଉଛନ୍ତି । ବଜାରରେ ଉପଲବ୍ଧ ହେଉଥିବା ଫଳ, ପନିପରିବା ଗୁଡିକ ମାତ୍ରାଧିକ ରାସାୟନିକ ବିଷ ଓ ଔଷଧର ପ୍ରୟୋଗ ଯୁକ୍ତ ହୋଇଥିବାରୁ ଏହାକୁ ଉପଯୋଗ ଫଳରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ଏହା ସହ ଅଧିକ ଉତ୍ପାଦିତ ହେଉଥିବା ସ୍ଥାନରୁ ଫଳ ପନିପରିବା ଅନ୍ୟ ଦୂର ସ୍ଥାନକୁ ରପ୍ତାନୀ ହେବା ଫଳରେ ପରିବହନ ଜନିତ ବାୟୁ ପ୍ରଦୂଷଣ ମାତ୍ରା ବଢିବା ସହ ଉତ୍ପାଦର ଦର ମଧ୍ୟ ଯଥେଷ୍ଟ ଭାବେ ଅଧିକ ହେଉଛି । ତେବେ, ଏହି ସମସ୍ୟାର ଗୋଟିଏ ଯାଦୁକରୀ ସମାଧାନ ହେଉଛି "ଘର ଓ ଛାତ ବଗିଚା" ।

କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର (ICAR-IIHR) ଭୁବନେଶ୍ୱର ଦ୍ୱାରା ପ୍ରସ୍ତାବିତ ଓଡିଶା ରାଜ୍ୟ ସରକାରଙ୍କ ବିତ୍ତ ପୋଷିତ ନାବୋନ୍ମେଷୀ ପରିଯୋଜନାରେ ସହରାଞ୍ଚଳବାସୀଙ୍କ ପାଇଁ ଛାତ ବଗିଚା ଓ ଘର ବଗିଚାକୁ ପ୍ରୋତ୍ସାହନ ଦିଆଯାଉଛି । ଏହି ପ୍ରକଳ୍ପ ମାଧ୍ୟମରେ କଂକ୍ରିଟମୟ ଛାତର ଅବ୍ୟବହୃତ ସ୍ଥାନର ସଦୁପଯୋଗ, ସବୁଜ ସୁନ୍ଦର ପରିବେଶ ସହ ସଠିକ ପୋଷଣ ଓ ପୁଷ୍ଟି ନିରାପତ୍ତାକୁ ଦୃଷ୍ଟିରେ ରଖି କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ତଥା ପ୍ରକଳ୍ପ ପ୍ରମୁଖ ଅନ୍ୱେଷକ ଡଃ ପି. ଶ୍ରୀନିବାସଙ୍କ ମାର୍ଗଦର୍ଶନରେ ସହରାଞ୍ଚଳରେ ଏହି ବଗିଚାକୁ ପ୍ରୋତ୍ସାହନ ଦିଆଯାଉଛି। ପ୍ରାଥମିକ ଭାବେ ସହରାଞ୍ଚଳରେ ଘର ବଗିଚା ପାଇଁ ଜନସଚେତନତା ନିହାତି ଜରୁରୀ । ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ ହେଲା ଏହି ମାନସିକତାକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରସାର କରିବା ଓ ପ୍ରେରଣା ଯୋଗାଇବା । ଏହି



# ଅତିରିକ୍ତ କୃଷି ନିର୍ଦ୍ଦେଶକଙ୍କ ଛାତ ବଗିଚା ପରିଦର୍ଶନ

ଭୁବନେଶ୍ୱର: ସ୍ଥାୟୀ ସହରାଞ୍ଚଳ କୃଷିକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକମାନଙ୍କୁ ଛାତ ଉପରେ ବଗିଚା କରିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ଗୌରାଙ୍ଗ ସ୍ୱାଇଁ ଭୁବନେଶ୍ୱରର ସୌଭାଗ୍ୟନଗର ସ୍ଥିତ ହିତାଧିକାରୀଙ୍କ ଛାତ ବଗିଚା ପରିଦର୍ଶନ କରିଛନ୍ତି । ଏହି ଅଞ୍ଚଳରେ ରାଜ୍ୟ ସରକାରଙ୍କ ବିତ୍ତ ପୋଷିତ ତଥା ICAR –IIHR, କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରୋତ୍ସାହିତ ଅଭିନବ ପ୍ରକଳ୍ପ ଅଧୀନରେ ୮୦ରୁ ଅଧିକ ହିତାଧିକାରୀ ଅଛନ୍ତି।

ଶ୍ରୀ ସ୍ୱାଇଁ ଏହି ପରିଦର୍ଶନ ସମୟରେ ଖାଲି ପଡିଥିବା ଛାତକୁ ସବୁଜ ଜୀବନ୍ତ ଛାତରେ ପରିଣତ କରିଥିବା ଶ୍ରୀଯୁକ୍ତ ସୁବୋଧ ଦାସ ଏବଂ ଶ୍ରୀମତୀ କଲ୍ୟାଣୀ ସୁବୁଦ୍ଧିଙ୍କ ଛାତ ଦେଖି ବହୁତ ଉତ୍ସାହିତ ହେବା କଥା ଜଣାଇଛନ୍ତି । ଏହା ସହ ସେମାନଙ୍କ ଉଦ୍ୟମ ଓ ସମର୍ପଣ ଭାବର ଏହି ଅନନ୍ୟ ଚେଷ୍ଟାରେ ପ୍ରସ୍ତୁତ ଅଭିନବ ଛାତ ବଗିଚା ପାଇଁ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

ଉଦ୍ୟାନର ବିବିଧତା ଏବଂ ରକ୍ଷଣାବେକ୍ଷଣରେ ପ୍ରଭାବିତ ହୋଇ ଶ୍ରୀ ସ୍ୱାଇଁ ଏହି ଛାତ ବଗିଚାକାରୀମାନଙ୍କୁ ସେମାନଙ୍କ ଉତ୍ପାଦ ବୃଦ୍ଧି କରିବାର ଅନନ୍ୟ ଉପାୟ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଉତ୍ପାଦନ ଏବଂ ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ପୋଷକ ତତ୍ତ୍ୱ ପରିଚାଳନା, ସଠିକ ଜଳପରିଚାଳନା, ରୋଗପୋକ ନିୟନ୍ତ୍ରଣ, ଅମଳ ବିଧି ଯୋଗାଣ କୌଶଳ ଏବଂ ବିଭିନ୍ନ ସହଯୋଗୀ ଚାରା ରୋପଣ ନୀତି ସମ୍ପର୍କିତ ମୂଲ୍ୟବାନ ଜ୍ଞାନ ବାଣ୍ଟିଥିଲେ। ଉତ୍ତମ ଗୁଣବତ୍ତା ଭରା ଉତ୍ପାଦ, ସ୍ୱାସ୍ଥ୍ୟକର ପରିବେଶ, ସୌନ୍ଦର୍ଯ୍ୟତା ସହ ପରିବେଶଗତ ଲାଭ ସୁନିଶ୍ଚିତ କରିବା ପାଇଁ ଜୈବିକ ପଦ୍ଧତି ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

ଶ୍ରୀ ଦାସ ଏବଂ ଶ୍ରୀମତୀ ସୁବୁଦ୍ଧିଙ୍କ ଛାତ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହ ବର୍ତମାନ ଏହା ଦର୍ଶାଏ ଯେ ଏହା କେବଳ ଖାଦ୍ୟ ସୁରକ୍ଷାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଏକ ସବୁଜ ସହର ସୃଷ୍ଟି କରିବାରେ ଅନନ୍ୟ ଭୂମିକା ଗ୍ରହଣ କରି ସବୁଜିମା ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅନେକ ହିତ ସାଧନ କରୁଛି ଏଥିରେ ସନ୍ଦେହ ନାହିଁ ।

ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ପ୍ରଧାନ ବୈଜ୍ଞାନିକ ତଥା ପ୍ରକଳ୍ପ ପ୍ରମୁଖ ଅନ୍ୱେଷକ ଡଃ ପି. ଶ୍ରୀନିବାସ ଯୋଗଦେଇ ବଗିଚାକାରୀଙ୍କ ପ୍ରତିବଦ୍ଧତା ଓ କର୍ମ କୁଶଳତାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଘରୋଇ ଉଦ୍ୟାନ କୃଷି ବୈଜ୍ଞାନିକ ପଦ୍ଧତି ଉପଯୋଗ ମାଧ୍ୟମରେ ଏକ ନୂତନ ପରିବର୍ତନ ଆଣିଦେବ ବୋଲି ଜଣାଇଥିଲେ ।

ଏହି ଗସ୍ତ ରାଜ୍ୟ ଯୋଜନା ଅନ୍ତର୍ଗତ ଅଭିନବ ପ୍ରକଳ୍ପର ଅଂଶ ବିଶେଷ ଭାବେ ସହରାଞ୍ଚଳ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ଲାଗି ଓଡ଼ିଶା ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ବିଭାଗର ଲକ୍ଷ ହେଉଛି ସଚେତନତା

## କିଟ୍ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୪୦ ଖେଳାଳି

# କ୍ରୀଡ଼ାବିତ୍ ପ୍ରତିନିଧିତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ଭାରତର ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ଦ୍ୱିତୀୟ



ଭୁବନେଶ୍ୱର: ଜୁଲାଇ୧୬ ରୁ ୨୭ ପର୍ଯ୍ୟନ୍ତ ଜର୍ମାନୀର ବର୍ଲିନ, ରାଇନ-ରୁହର ଅଞ୍ଚଳ (ଏସେନ, ବୋଚମ, ଡୁଇସବର୍ଗ, ମୁଲହେଇମ ଆନ ଡେର ରୁହର, ହାଗେନ) ଆଦି ସ୍ଥାନରେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଭାରତରୁ ମୋଟ ୪୦୭ ଜଣ ଛାତ୍ର କ୍ରୀଡ଼ାବିତ୍, କୋଚ ଓ ଅଫିସିଆଲ୍ ସାମିଲ ହୋଇଛନ୍ତି । କେବଳ କିଟ୍ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ବିଭାଗରେ ସର୍ବାଧିକ ୪୦ ଜଣ ଖେଳାଳି ଏଥିପାଇଁ ମନୋନୀତ ହୋଇଛନ୍ତି । ଓଡ଼ିଶାର ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ମଧ୍ୟ ଜଣେ ଲେଖାଏଁ ଖେଳାଳି ହୋଇଥିବା ବେଳେ ଓଡ଼ିଶାରୁ ମୋଟ ୪୨ଜଣ ଖେଳାଳି ଏଥିରେ ପ୍ରତିନିଧିତ୍ୱ କରୁଛନ୍ତି ।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ଖେଳାଳି ମନୋନୀତ ହୋଇଥିବା ବେଳେ ସମଗ୍ର ଭାରତରେ କିଟ୍ ପ୍ରଥମ ସ୍ଥାନରେ ରହିଛି । ସେହିପରି ରାଜ୍ୟ ହିସାବରେ ପଞ୍ଜାବ ପରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ଚଳିତବର୍ଷ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ । ଦେଶର ୪ଶହ ବିଶ୍ୱବିଦ୍ୟାଳୟ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବେଳେ ୬୧ଟି ବିଶ୍ୱବିଦ୍ୟାଳୟରୁ ୩ଶହ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଚୟନ କରାଯାଇଥିଲା । ସେଥିମଧ୍ୟରୁ କେବଳ କିଟ୍‌ରୁ ୪୦ ଖେଳାଳି ଏଥିପାଇଁ ମନୋନୀତ ହୋଇ ଜର୍ମାନୀ ଗସ୍ତ କରୁଛନ୍ତି ।

କିଟ୍‌ର ଏହି ୪୦ ଜଣ ଖେଳାଳି ୭ଟି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିନିଧିତ୍ୱ କରୁଛନ୍ତି । ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟ ଦ୍ୱାରା ଏତେ ସଂଖ୍ୟକ ଖେଳାଳି ପ୍ରତିନିଧିତ୍ୱ କରିବା ଏହା ହେଉଛି ପ୍ରଥମ । କିଟ୍ ବିଶ୍ୱବିଦ୍ୟାଳୟ ବ୍ୟତୀତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୨୮ ଜଣ ଆଥଲେଟ୍ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ ଜଣ ଆଥଲେଟ୍ ଭାରତୀୟ ଦଳରେ ସାମିଲ ଅଛନ୍ତି । ଏହି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ଦଳରେ କ୍ରୀଡ଼ା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ମିଶାଇ ମୋଟ ୧୦୭ଜଣ ଏହି ଗସ୍ତରେ ସାମିଲ ହୋଇଛନ୍ତି । ସେମାନେ ଖେଳାଳିମାନଙ୍କୁ ବୈଷୟିକ, ଡାକ୍ତରୀ ସେବା ତଥା ଲଜିଷ୍ଟିକ୍ ସହାୟତା ଆଦି ଯୋଗାଇ ଦେବେ ।

ଭାରତୀୟ ପ୍ରତିନିଧି ଦଳରେ ସାମିଲ ହୋଇଥିବା କ୍ରୀଡ଼ା ଅଧିକାରୀ ଏବଂ ପ୍ରଶିକ୍ଷକଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ରାହୁଲ ବାନାର୍ଜୀ, ଜାତୀୟ ତୀରନ୍ଦାଜ ପ୍ରଶିକ୍ଷକ ସୁରିନ୍ଦର ସିଂହ, ଅନ୍ତର୍ଜାତୀୟ ଆଥଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋତକ ବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଟଡ୍ କ୍ଲାର୍କ ପ୍ରମୁଖ ।

ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ରେ ଅଂଶଗ୍ରହଣ କରୁଥିବା ସମଗ୍ର ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ତଥା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି । ଏହା ସହ ସେ କହିଛନ୍ତି, କିଟ୍ ସର୍ବଦା ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି । କିଟ୍‌ର କ୍ରୀଡ଼ାବିତ୍ ଯେଭଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଇବା ସହ ସଫଳତା ହାସଲ କରିବେ ସେ ଦିଗରେ କିଟ୍ ସର୍ବଦା ଯତ୍ନଶୀଳ ରହିଆସିଛି । ଏପରିକି ୨୦୧୯ଠାରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଟୁର୍ଣ୍ଣାମେଣ୍ଟରେ କିଟ୍ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଏବଂ ପଞ୍ଜିକରଣ ପାଇଁ ଆବଶ୍ୟକ ଫି ମଧ୍ୟ କିଟ୍ ପକ୍ଷରୁ ଆଗୁଆ ପଇଠ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ୍ ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ବଭାରତୀୟ ଆଇଡିବିଆଇ ଅଫିସର ସଂଘର ବୈଠକ

ଭୁବନେଶ୍ୱର: ସର୍ବ ଭାରତୀୟ ଆଇଡିବିଆଇ ଅଫିସର ସଂଘ (ଏଆଇଆଇଡିବିଆଇଓଏ) ଭୁବନେଶ୍ୱର ଜୋନ୍ ପକ୍ଷରୁ ଏକ ବୈଠକ ୟୁନିଟ-୪ ସ୍ଥିତ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇଆଇଡିବିଆଇଓଏର ସାଧାରଣ ସମ୍ପାଦକ ବିଠଲ୍ କୋଟେଶ୍ୱର ରାଓ, ଭୁବନେଶ୍ୱର ଜୋନ୍ ସମ୍ପାଦକ ଗୌତମ ପଟ୍ଟନାୟକ, ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦେବବ୍ରତ ବେହେରା, ଏଆଇବିଓଏର କେନ୍ଦ୍ରୀୟ ପରିଷଦ ସଦସ୍ୟ ପ୍ରତ୍ୟୁଷ ମିଶ୍ର ଯୋଗଦେଇଥିଲେ। ଆଇଡିବିଆଇ ବ୍ୟାଙ୍କର ରାଷ୍ଟ୍ରାୟତ୍ତ ଚରିତ୍ରକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେବା ଏହି ବୈଠକର ଉଦ୍ଦେଶ୍ୟ ଥିଲା। ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥାଇ ଆଇଡିବିଆଇ ବ୍ୟାଙ୍କ ସର୍ବଦା ଆର୍ଥିକ ଲାଭଦାୟକ ବ୍ୟାଙ୍କିଂ ସମେତ ସାମାଜିକ ବ୍ୟାଙ୍କିଂ ଦିଗ ଉପରେ ଗୁରୁତ୍ୱ ଦେଇଆସିଛି।

ଆଇଡିବିଆଇ ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ)ରେ ୧୮.୭୨ ଲକ୍ଷରୁ ଅଧିକ ଖାତା ରହିଛି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍‌ଏସ୍‌ଜେୱାଇ)ରେ ୧୦.୮୬ ଲକ୍ଷରୁ ଅଧିକ ଖାତାଧାରକ ଅଛନ୍ତି, ଅଟଳ ପେନସନ ଯୋଜନା (ଏପିୱାଇ)ରେ ୫.୪୮ ଲକ୍ଷରୁ ଅଧିକ ଖାତାଧାରକ ରହିଛନ୍ତି। ଏଥିସହିତ ଆଇଡିବିଆଇ ବ୍ୟାଙ୍କର ୧୯୧ଟି ଆଧାର ପଞ୍ଜୀକରଣ କେନ୍ଦ୍ର ଥିବାବେଳେ ସତାରା ଜିଲ୍ଲାରେ ଥିବା ଗୋଟିଏ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ (ଆଇଡିବିଆଇ-ଆରଏସ୍‌ଇଟିଆଇ)ରେ ୭୧୬୫ ଜଣ ତାଲିମ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୫୨୪୧ ଜଣ ଥଇଥାନ ହୋଇଛନ୍ତି।

ରିଜର୍ଭ ବ୍ୟାଙ୍କ ଦ୍ୱାରା 'ଘରୋଇ କ୍ଷେତ୍ର ବ୍ୟାଙ୍କ' ଭାବେ ଆଇଡିବିଆଇ ବ୍ୟାଙ୍କର ପୁନଃବର୍ଗୀକରଣ ଫଳରେ ୨୦୧୯ ଡିସେମ୍ବରରୁ ଆଇଡିବିଆଇ ବ୍ୟାଙ୍କର ମେଟ୍ରୋ ଏବଂ ସହରାଞ୍ଚଳ ଶାଖାଗୁଡ଼ିକ କୃଷକମାନଙ୍କୁ ରିହାତି ସୁଧରେ ପ୍ରଦାନ କରାଯାଉଥିବା କେସିସି ଋଣକୁ ବନ୍ଦ ରଖିଛନ୍ତି। ଯଦି ବ୍ୟାଙ୍କ ଘରୋଇ/ବିଦେଶୀ ସଂସ୍ଥା ହାତକୁ ଯାଏ ତାହେଲେ ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଥିବା ଶାଖାଗୁଡ଼ିକ ମଧ୍ୟ କୃଷକମାନଙ୍କୁ ଋଣ ବନ୍ଦ କରିବେ। ସେହିଭଳି କ୍ଷୁଦ୍ର ଋଣ ଯଥା ମୁଦ୍ରା ଋଣ/ପିଏମସ୍ୱନିଧି/ଷ୍ଟାଣ୍ଡଅପ୍ ଇଣ୍ଡିଆ ଭଳି ଋଣ ପ୍ରଦାନ ମଧ୍ୟ କଷ୍ଟକର ହୋଇପଡ଼ିବ। ଏସବୁ ଋଣ ବିନା ବନ୍ଧକ ରାଶିରେ ଛୋଟ ଛୋଟ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଥାଏ। ଗରିବ ଛାତ୍ରଛାତ୍ରୀଙ୍କୁ ବିନା ବନ୍ଧକରେ ଦିଆଯାଉଥିବା ଶିକ୍ଷା ଋଣ ମଧ୍ୟ ବନ୍ଦ ହୋଇଯିବ।

ଆଇଡିବିଆଇ ବ୍ୟାଙ୍କର ମାଲିକ ହେଉଛନ୍ତି କେନ୍ଦ୍ର ସରକାର। ତାଙ୍କ ନିକଟରେ ୪୫.୪୮ ପ୍ରତିଶତ ଅଂଶଧନ ରହିଛି। ଏଥିପାଇଁ ସାଧାରଣ ଲୋକ ବ୍ୟାଙ୍କ ଉପରେ ସେମାନଙ୍କ ବିଶ୍ୱାସ ନିରନ୍ତରଭାବେ ରଖି ଆସିଛନ୍ତି। ସେଥିପାଇଁ ୩୧-୦୩-୨୦୨୫ ସୁଦ୍ଧା ଆଇଡିବିଆଇ ବ୍ୟାଙ୍କର ଜମା ୩,୧୦,୨୯୪ କୋଟି ଟଙ୍କାରେ ପହଞ୍ଚିଛି। ଯଦି ଆଇଡିବିଆଇ ବ୍ୟାଙ୍କ ବିକ୍ରି ହୁଏ ତାହେଲେ ସାଧାରଣ ଲୋକଙ୍କ କଷ୍ଟ ଉପାର୍ଜିତ ଧନ ବିପଦ ମୁହଁକୁ ଚାଲିଯିବ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଆଇଡିବିଆଇ ବ୍ୟାଙ୍କ ଗତ ୫ ବର୍ଷ ହେଲା ନେଟ୍ ଲାଭ କରିଆସୁଛି। ୨୦୨୦-୨୧ରେ ଆଇଡିବିଆଇ ବ୍ୟାଙ୍କର ନେଟ୍ ଲାଭ ୨୦୨୧-୨୨ରେ ୧୩୫୯ କୋଟି, ୨୦୨୧-୨୨ରେ ୨୪୩୯ କୋଟି, ୨୦୨୨-୨୩ରେ ୩୬୪୫ କୋଟି, ୨୦୨୩-୨୪ରେ ୫୬୩୪ କୋଟି ଏବଂ ୨୦୨୪-୨୫ରେ ୭୫୧୫ କୋଟି ଟଙ୍କା ରହିଛି। ୨୧୦୬ଟି ଶାଖା ଥିବା ଆଇଡିବିଆଇ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ୪୫.୪୮ ପ୍ରତିଶତ ଅଂଶଧନ ଏବଂ ଭାରତୀୟ ଜୀବନ ବୀମା ନିଗମର ୪୯.୨୪ ପ୍ରତିଶତ ଅଂଶଧନ ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ଆଇଡିବିଆଇ ବ୍ୟାଙ୍କ ବିକ୍ରି ପ୍ରସ୍ତାବ ଛୋଟ ଛୋଟ ଚାଷୀ ଏବଂ ଏମଏସଏମଇ ଋଣଗ୍ରହୀତା, ୨୦ ହଜାରରୁ ଅଧିକ କର୍ମଚାରୀ ଏବଂ ଭାରତୀୟ ଜୀବନ ବୀମା ନିଗମର ପଲିସିଧାରୀଙ୍କ ସ୍ୱାର୍ଥ ବିରୋଧୀ। ଆଇଡିବିଆଇ ବ୍ୟାଙ୍କର ମୋଟ ଶ୍ରମଶକ୍ତିରେ ୨୯୨୩ ଜଣ ଏସସି, ୧୧୫୬ ଜଣ ଏସ୍‌ଟି, ୫୪୧୫ ଜଣ ଓବିସି, ୬୭୫ ଜଣ ଇଡବ୍ଲ୍ୟୁଏସ, ୬୯୧୧ ଜଣ ମହିଳା, ୮୮୪ ଜଣ ଭିନ୍ନକ୍ଷମ କର୍ମଚାରୀ ରହିଛନ୍ତି। ଘରୋଇକରଣ ହେଲେ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଏସବୁ ଅବହେଳିତ ବର୍ଗର କର୍ମଚାରୀ ପ୍ରଭାବିତ ହେବେ।




# ଆଇସିଏଆର-ସିଫାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ



ଭୁବନେଶ୍ୱର: କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟପାଳନ ଅନୁସନ୍ଧାନ କେନ୍ଦ୍ର (ସିଫା) ଠାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତି ରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତି ରାଜ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ.ପି ସିଂ ବାଘେଲ, କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଜର୍ଜ କୁରିୟନ, ଓଡ଼ିଶା ସରକାରଙ୍କ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଭାରତର ମତ୍ସ୍ୟ ଚାଷୀମାନେ ଦେଶର ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା, ମତ୍ସ୍ୟ ଆଧାରିତ ପୁଷ୍ଟିସାରର ବର୍ଦ୍ଧିତ ଚାହିଦା ପୂରଣ କରିବା ଏବଂ ଗ୍ରାମୀଣ ନିଯୁକ୍ତିକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି। ଏମାନଙ୍କର ଅତୁଟ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇବା ଲାଗି ପ୍ରତ୍ୟେକ ବର୍ଷ ଜୁଲାଇ ୧୦ କୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଭାବେ ପାଳନ କରାଯାଉଛି ।

ମତ୍ସ୍ୟ ବୈଜ୍ଞାନିକ ପ୍ରଫେସର ଡକ୍ଟର ହୀରାଲାଲ ଚୌଧୁରୀ ଏବଂ ତାଙ୍କ ସହଯୋଗୀ ଡକ୍ଟର କେ.ଏଚ ଅଲିକୁନ୍ହୀ ୧୯୫୭ ମସିହାରେ ହାଇପୋଫିସେସନ ଜ୍ଞାନକୌଶଳ ମାଧ୍ୟମରେ ଭାରତୀୟ ମେର୍ଜ କାର୍ପ (ରୋହୀ ଓ ଭାକୁର ପ୍ରଜାତିର ମାଛ)ଙ୍କ ଠାରେ କୃତ୍ରିମ ପ୍ରଜନନ କରାଇବାରେ ସଫଳତା ହାସଲ କରିଥିଲେ। ଏହାଦ୍ୱାରା ଅନ୍ତର୍ଦେଶୀୟ ଜଳଜ କୃଷି କ୍ଷେତ୍ରରେ ବିପ୍ଳବ ଆସିପାରିଥିଲା। ଭାରତର ମତ୍ସ୍ୟପାଳନ କ୍ଷେତ୍ରରେ ସେମାନଙ୍କର ଯୋଗଦାନକୁ ସ୍ମରଣ କରିବା ଏବଂ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜୁଲାଇ ୧୦ ତାରିଖକୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ରୂପେ ପାଳନ କରାଯିବ। ଦେଶର ମତ୍ସ୍ୟ ପାଳନ କ୍ଷେତ୍ରର ବିକାଶରେ ମାଛ ଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟଜୀବୀଙ୍କ ଯୋଗଦାନକୁ ସମ୍ମାନ ଜଣାଇବା ଏବଂ ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀ ପରିଚାଳନା ଲାଗି ବିଭିନ୍ନ ଉପାୟଗୁଡ଼ିକ ଉପରେ ବିଚାର ଆଲୋଚନା କରିବା ଲାଗି ଏକ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ଆଧୁନିକ ଜଳଜ ଜୀବ ପାଳନ ଜ୍ଞାନକୌଶଳକୁ ଗ୍ରହଣ କରିବା, ମାଛ ଉତ୍ପାଦନ ବଢ଼ାଇବା ଏବଂ ଜଳ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ମତ୍ସ୍ୟ ଚାଷୀଙ୍କ ସମର୍ପଣ ଓ ନୂଆ ଉଦ୍ଭାବନକୁ ସମ୍ମାନ ଜଣାଇବା ଲକ୍ଷ୍ୟରେ ମଧ୍ୟ ଏହି ଦିବସର ପାଳନ କରାଯାଇଥାଏ। ଗତ କିଛି ବର୍ଷ ମଧ୍ୟରେ ମତ୍ସ୍ୟପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଆସିପାରିଛି। ବୈଜ୍ଞାନିକ ଗବେଷଣା ଏବଂ ପ୍ରଯୁକ୍ତି ଆଧାରିତ ପ୍ରଗତି କାରଣରୁ ଏହା ସମ୍ଭବ ହୋଇପାରିଛି।

ଭାରତ ସରକାର ମତ୍ସ୍ୟପାଳନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ଦେଶରେ ନୀଳ ବିପ୍ଳବ ଜରିଆରେ ଏହି କ୍ଷେତ୍ରରେ ଆର୍ଥିକ ପ୍ରଗତି ଓ ସମୃଦ୍ଧି ପାଇଁ ସରକାର ସବୁବେଳେ ପ୍ରୟାସ କରି ଆସିଛନ୍ତି। ୨୦୧୫ ପରଠାରୁ ଭାରତ ସରକାର ମତ୍ସ୍ୟପାଳନ କ୍ଷେତ୍ରରେ ୩୮,୫୭୨ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରିଛନ୍ତି।

ଏହାର ଫଳସ୍ୱରୂପ, ଭାରତର ମାଛ ଉତ୍ପାଦନ ଦ୍ୱିଗୁଣିତ ହୋଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଏହା ୯୫.୭୯ ଲକ୍ଷ ଟନ୍ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ରେକର୍ଡ ୧୯୫ ଲକ୍ଷ ଟନରେ ପହଞ୍ଚିଛି । ଆଶ୍ଚର୍ଯ୍ୟଜନକ ଭାବେ ଏହି କ୍ଷେତ୍ରରେ ୧୦୪% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । କେବଳ ଅନ୍ତର୍ଦେଶୀୟ ମତ୍ସ୍ୟଚାଷ ଏବଂ ଜଳଜ କୃଷିରେ ୧୪୦% ବୃଦ୍ଧି ଘଟିଛି। ଏହା ଭାରତର ଜଳସମ୍ପଦ କ୍ଷେତ୍ରର ସାମର୍ଥ୍ୟ ଏବଂ ସରକାରଙ୍କ ସାହସିକ ପଦକ୍ଷେପକୁ ପ୍ରଦର୍ଶନ କରୁଛି।

ସାମୁଦ୍ରିକ ଖାଦ୍ୟ ରପ୍ତାନି ମଧ୍ୟ ୬୦ ହଜାର ୫୦୦ କୋଟି ଟଙ୍କା ଅତିକ୍ରମ କରିଛି। ଚିଙ୍ଗୁଡ଼ି ରପ୍ତାନିରେ ଭାରତର ବିଶ୍ୱସ୍ତରରେ ନେତୃତ୍ୱ ନେଉଛି। ଗତ କିଛି ଦଶନ୍ଧି ମଧ୍ୟରେ ଚିଙ୍ଗୁଡ଼ି ଉତ୍ପାଦନ ୨୭୦% ବୃଦ୍ଧି ପାଇଛି । ଏହା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ଏବଂ ଦେଶରେ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସଶକ୍ତ କରିଛି।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀମାନେ ଏକାଧିକ ମତ୍ସ୍ୟଚାଷ ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିରେ ନୂତନ ମତ୍ସ୍ୟଚାଷ କ୍ଲଷ୍ଟରର ଘୋଷଣା, ଆଇସିଏଆର ତାଲିମ କ୍ୟାଲେଣ୍ଡର ପ୍ରକାଶନ, ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ଗୁଣବତ୍ତା, ମାନକୀକରଣ ଓ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ବିହନ ପ୍ରମାଣପତ୍ର ଏବଂ ହ୍ୟାଚେରୀ କାର୍ଯ୍ୟ ଉପରେ ମାର୍ଗଦର୍ଶିକା ଉନ୍ମୋଚନ ଅନ୍ତର୍ଭୁକ୍ତ। କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ପାରମ୍ପରିକ ମତ୍ସ୍ୟଜୀବୀ, ସମବାୟ ସଂସ୍ଥା/ଏଫଏଫପିଓ, କେସିସି କାର୍ଡଧାରକ ଏବଂ ପ୍ରଗତିଶୀଳ ମତ୍ସ୍ୟଜୀବୀ ଷ୍ଟାର୍ଟ-ଅପ୍ ସମେତ ମତ୍ସ୍ୟଜୀବୀ ହିତାଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହା ସହିତ କେତେକ ପ୍ରକଳ୍ପର ଭର୍ଚୁଆଲ୍ ଭିତ୍ତିପ୍ରସ୍ତର ସ୍ଥାପନ, ପିଏମଏମଏସୱାଇ-ସମର୍ଥିତ କିଛି ମତ୍ସ୍ୟଜୀବୀ ପ୍ରକଳ୍ପର ଉଦଘାଟନ, ଭିତ୍ତିଭୂମି ବିକାଶ, ଉଦ୍ୟୋଗ ବିକାଶ ପ୍ରୋତ୍ସାହନ ଏବଂ ଏହି କ୍ଷେତ୍ରରେ ସମାବେଶୀ ଅଭିବୃଦ୍ଧି ପ୍ରତି ଏକ ଦୃଢ଼ ପ୍ରୋତ୍ସାହନ ହେବ ।

ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ସାରା ଦେଶର ମତ୍ସ୍ୟ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ଅକ୍ଲାନ୍ତ ପ୍ରୟାସକୁ ସ୍ୱୀକାର କରିପାରିଛି। ନିଷ୍ଠା ଏବଂ କଠିନ ପରିଶ୍ରମ ଭାରତୀୟ ମତ୍ସ୍ୟଜୀବୀ କ୍ଷେତ୍ରର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ବାର୍ଦ୍ଧକ୍ୟ: ଏକ ଅବ୍ୟକ୍ତ ଯନ୍ତ୍ରଣା

ପଦ୍ମ ପୁରାଣରେ ବର୍ଣ୍ଣନା ଅଛି – 'ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ପରମ ତପ / ପିତରି ପ୍ରତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା।' ଅର୍ଥାତ୍ ପିତା ସ୍ୱର୍ଗ ପରି ପୂଜ୍ୟ। ପୁଣି ବାପା ହିଁ ସର୍ବଶ୍ରେଷ୍ଠ ତପସ୍ୟା। ବାପାଙ୍କୁ ପୂଜା କଲେ ସର୍ବଦେବତା ଶାନ୍ତି ପାଆନ୍ତି। ପିତାମାତା ହେଉଛନ୍ତି ଜୀବନର ପ୍ରଥମ ଶବ୍ଦ ପ୍ରଥମ ଅକ୍ଷର। ସିଏ ହିଁ ଅ ଆ ଇ ଈ। ତାଙ୍କଠାରୁ ସବୁ ଶିକ୍ଷା ମିଳେ। ଯାହାଙ୍କଠାରୁ ସବୁ ଶିକ୍ଷା ଲାଭ କଲୁ ଆଜି ଆମେ କହୁ 'ଚୁପ୍ କରି ବସ, ତୁମେ କିଛି ଜାଣିନ।' ଆଶ୍ଚର୍ଯ୍ୟ। ଯେଉଁ ବାପା ବର୍ଷ ବର୍ଷ ଧରି କାଖେଇ କୋଳେଇ ଦୁନିଆ ଦାଣ୍ଡରେ ମଣିଷ ପରି ମଣିଷ ଟିଏ କରି ଠିଆ କରାଇଥିଲା, ଆଜି ସିଏ ଅଦରକାରୀ ବୋଝ। ଚାରି ପୁଅ ଚାରି ଭାଗ କରି ବାଣ୍ଟି ଦେଉଛନ୍ତି। ଭାଗ ନ ଛିଡ଼ିଲେ ବୃଦ୍ଧାଶ୍ରମ।

ମୋ ଓଡ଼ିଶାର ସଂସ୍କୃତି ଓ ପରମ୍ପରା କିନ୍ତୁ ଦୟା, ଧର୍ମ, ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱବୋଧ ଓ ମହାମାନବବାଦର ମୂଳଦୁଆ ଉପରେ ପ୍ରତିଷ୍ଠିତ। ପରସ୍ପର ସହିତ ଏକ ନିବିଡ଼ ସମ୍ପର୍କର ରଜ୍ଜୁରେ ବନ୍ଧା ଉତ୍କଳୀୟ ପରିବାର। ସ୍ନେହ, ଶ୍ରଦ୍ଧା, ବଡ଼, ସାନ, ମାନ୍ୟ, ପୁଣ୍ୟ ବିଚାର ସହିତ କଳା ସାହିତ୍ୟ ସଂସ୍କୃତିକୁ ନେଇ ଓଡ଼ିଶା ସମୃଦ୍ଧ। ଏହାର ପାଣି ପବନ ମାଟି ସବୁ ସରଳ ଓ ନିରୀହ। ପୋଥି, ପୁରାଣ, ଶାସ୍ତ୍ର ଜ୍ଞାନର ଗନ୍ତାଘର ହେଉଛି ଓଡ଼ିଶା ମାଟି। ପିତୃ ଦେବୋଭବ, ମାତୃ ଦେବୋଭବକୁ ମୁକ୍ତକଣ୍ଠରେ ସ୍ୱୀକାର କରୁଥିବା ଜାତିର ମା' ମାଟି ହେଉଛି ମୋ ଓଡ଼ିଶା। ଜାତି, ବର୍ଣ୍ଣ, ଧର୍ମର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ସେବା, ତ୍ୟାଗ, ଦାନ, ପୁଣ୍ୟ କରନ୍ତି ମୋ ଓଡ଼ିଶାବାସୀ।

ଅଥଚ ଏହି ଓଡ଼ିଶାରେ ଆଜି ଶତାଧିକ ବୃଦ୍ଧାଶ୍ରମ ନିର୍ମାଣ ହୋଇଛି। ଭାରତବର୍ଷରେ କେରଳ ପରି ଅତିଶିକ୍ଷିତ ରାଜ୍ୟରେ ୧୨୪ ରୁ ଅଧିକ ଆଶ୍ରମ ଥିବା ବେଳେ ଦୟା ଧର୍ମର ରାଜ୍ୟ ଓଡ଼ିଶା ଏ କ୍ଷେତ୍ରରେ ଦ୍ୱିତୀୟରେ ଅଛି। ବିଶେଷକରି ଭୁବନେଶ୍ୱର ପରି ସଭ୍ୟ ସହର ମଧ୍ୟରେ ହିଁ ପାଖାପାଖି ୧୦ଟି ବୃଦ୍ଧାଶ୍ରମ ରହିଛି। ଯେଉଁଠି ମୁଠାଏ ଭଲ ଭାତ ମିଳୁଛି ସିଏ ଭଲ, ଯିଏ ଅଧେ ମୁଠା ଭାତ ଦେଉଛି ସିଏ ଖରାପ।

ଉତ୍କଳ ଭୂମି, ଯେଉଁଠି ପଥର ଦେହରେ ଦେବତା, ବୃକ୍ଷ ଡାଳ ପତ୍ରରେ ଲୋକ ଦେବୀଦେବତା ଦେଖନ୍ତି, ବନ୍ଧା ଅବସ୍ଥାରେ ଗାଈଟିଏ ମରିଗଲେ ସାତଦିନ ବେକରେ ପାଳ ଦଉଡ଼ି ଗୁଡ଼େଇ ସାତ ଗାଁ ବୁଲି ଭିକ୍ଷା ମାଗନ୍ତି, ଯେଉଁଠି ଗାଁ ଗାଁରେ ଭାଗବତ ପଢ଼ା ହୁଏ ଓ ସନ୍ଧ୍ୟାରେ ସଙ୍କୀର୍ତ୍ତନ ହୁଏ, ପଶୁ ପକ୍ଷୀଙ୍କୁ ଖାଇବାକୁ ଦିଆଯାଏ ସେଠାରେ ବୃଦ୍ଧାଶ୍ରମ ସଂସ୍କୃତି ନିଶ୍ଚୟ ଦୁଃଖଦାୟକ। ଯେଉଁଠି ଅଧିକରୁ ଅଧିକ ଲୋକ ଗରିବ ଓ ଅଶିକ୍ଷିତ, ସେଠାରେ ଆଜି ଶତାଧିକ ଜରାଶ୍ରମ। ଏହା କ'ଣ ଆଶ୍ଚର୍ଯ୍ୟ ହେବାର କଥା ନୁହେଁ। ଓଡ଼ିଶାର ପୁରପଲ୍ଲୀରେ ଆଜି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି। ବୃଦ୍ଧ ପିତାମାତାଙ୍କୁ ପିଲାମାନେ ମାସେ ମାସେ ଭାଗ ବାଣ୍ଟି ନିଅନ୍ତି। ମାସେ ବଡ଼ ଘରେ ରହିଲେ ମାସେ ସାନ ଘରେ ରହିବ।

ବୃଦ୍ଧାବସ୍ଥାକୁ ବାନ୍ଧି ଦେଉଛି ନିଜ ଅକର୍ମି ହାତଗୋଡ଼। ଆଖି ମଧ୍ୟ ଆଡ଼ ହେଇ ଯାଉଛି। କାନ ଠିକ୍ ଶୁଣିବାରେ ଅସହଯୋଗ କରୁଛି। ପେଟ ଖାଦ୍ୟ ଜୀର୍ଣ୍ଣ କରିବାକୁ କୁଣ୍ଠାବୋଧ କରୁଛି। ଦାନ୍ତଗୁଡ଼ିକ ପାଟିକୁ ଛାଡ଼ି ନିଜ ବାଟ ଧରୁଛନ୍ତି। ପବନ ବି ବେଳେ ବେଳେ ଧୋକା ଦେଉଛି। ରକ୍ତଚାପ, ମଧୁମେହ, ଅମ୍ଳ ପରି ରୋଗଗୁଡ଼ିକ ଶରୀର ଭିତରେ ପଶି ବାଉଁଶକୁ ପୋକ କଣା କରିଲା ପରି କରି କଣା କରି ଦେଇଥା'ନ୍ତି। ପୋକଖିଆ ବାଉଁଶର ଆୟୁଷ କେତେ? ଏମିତି ପରିସ୍ଥିତିରେ ଆଉ ପୁଅ ଝିଅ ବା କାହିଁକି ସେମାନଙ୍କର ସାଙ୍ଗରେ ରହିବେ? ବାର୍ଦ୍ଧକ୍ୟର ଶେଷ ଆଶ୍ରୟ ହିଁ ହେଉଛି ଜରାଶ୍ରମ। ନାତିନାତୁଣୀଙ୍କୁ ଛାଡ଼ି ଯଦିଓ ରହିବା କଷ୍ଟ, କିନ୍ତୁ ରହିବାକୁ ବାଧ୍ୟ।

ଜୀବନ ସାରା କଞ୍ଚା ମାଟିକୁ ଗଢ଼ି ନିଜ ହାତରେ ତିଆରି କରିଥିବା ପୁଅ ଝିଅ ଯେଉଁଠି ସେବା ଦେବା ଭୟରେ ବୃଦ୍ଧାଶ୍ରମ ଦେଖାଇ ଦେଲେ, ସେଠାରେ ସାମାନ୍ୟ କିଛି ଟଙ୍କା ପାଇଁ କାମ କରୁଥିବା ଜଣେ କର୍ମଚାରୀ କେତେ ସେବା ଦେବେ ସମସ୍ତେ ଜାଣନ୍ତି। ରାତିଦିନ ଏକାଠି କରି ଅନାହାର ଅନିଦ୍ରାରେ ରହି ସମାଜରେ ଯେଉଁ ପୁଅ ଝିଅଙ୍କୁ ମଣିଷ କରି ଠିଆ କରିଥିଲେ, ସେମାନେ ଆଜି ହତାଦର କରି ଆଶ୍ରମକୁ ଠେଲି ଦେଲେ। ଦୁଃଖ ଏତିକି ଯେ ନିଜର ସ୍ୱାଧୀନତା ସେଠାରେ ରହେ ନାହିଁ। ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରି ପାରିବେ ନାହିଁ କି ପାଟିର ରୁଚି ଅନୁଯାୟୀ ଖାଦ୍ୟ ଖାଇ ପାରିବେ ନାହିଁ। ଜୀବନସାରା ଅନ୍ୟକୁ କାମରେ ଲଗାଉ ଥିବା ଲୋକଟା ଶେଷଜୀବନରେ ନିଜେ କାମ କରିବାକୁ ପଡ଼ିବ ଭାବିଲେ କେତେ କଷ୍ଟ ଲାଗୁଛି। ଅଚିହ୍ନା ଅଜଣା ମୁହଁକୁ ଦେଖି ବିନା ଲୁହରେ କାନ୍ଦିବା ଛଡ଼ା ଅନ୍ୟ ଉପାୟ ନଥାଏ। ନା କାହାକୁ କହି ହେବ ନା ହାଡ଼ ମାଂସ ଦେହ ଧରି ସହି ହେବ।

ଜନ୍ମ କରିଲା ବାପାମା'ଙ୍କୁ ବୃଦ୍ଧାଶ୍ରମ ପଠେଇବା ପୂର୍ବରୁ ନିଜ ବିବେକକୁ ଥରେ ପଚାରି ନିଷ୍ପତ୍ତି ନେଲେ ପୁଣି ଉତ୍କଳୀୟ ସଂସ୍କୃତି ବିଶ୍ୱରେ ନିଜ ଟେକ ରଖିପାରିବ। ସଞ୍ଜର ସୂରୁଜ ଉଷ୍ମତାରେ ଠିଆ ହୋଇଗଲେ ସମସ୍ତ ଅସାଧ୍ୟ ରୋଗ ଦୂର ହୋଇଯିବ। ମଣିଷ ପଣିଆ ଯଦି ମଣିଷ ନିକଟରେ ନ ରହିଲା ସେ କି ମଣିଷ? ଆଜିର ଏହି ଅବିବେକୀ ମଣିଷକୁ ଦେଖିଲେ ଲାଗୁଛି ଯେମିତି ପାଟିରେ ଲୁଗା ଦେଇ ମୁରୁକି ହସୁଛି ମଣିଷ ପଣିଆ। ଅନାବଶ୍ୟକ ବୃଦ୍ଧଶ୍ରମ ଏବଂ ଅନାଥ ଆଶ୍ରମ ଓଡ଼ିଶା ପରି ଶାନ୍ତି ରାଜ୍ୟରେ ନ ହେଉ।

ଜଗନ୍ନାଥ ବେହେରା

# ଭଗବାନ ସାହୁଙ୍କ ଜୀବନ କାଳଥିଲା ଏକ ଅବିଶ୍ୱସନିୟ ଅଧ୍ୟୟ

**ତୁଳସୀ ଚରଣ ଦାଶ**

ପଶ୍ଚିମ ଓଡିଶା ରେ ମଞ୍ଚ ନାଟକ ର ସୃଷ୍ଟି କର୍ତ୍ତା, ପ୍ରଥମ ନାଟ୍ୟକାର, ଭାଷା, ଲୋକକଳା ସଂସ୍କୃତି, ସମ୍ବଲପୁରୀ ଲୋକ ନୃତ୍ୟ, ଶବ୍ଦ ନୃତ୍ୟ ର ପ୍ରଚାରକ, ଲୋକମହୋତ୍ସବର ଜନକ କୋଶଳ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ୧୯୩୧ ମସିହା ଜେଷ୍ଠ ମାସ ଦେବସ୍ନାନ ପୂର୍ଣ୍ଣିମା ତିଥି ରେ ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଗ୍ରାମ ର ଏକ ଧନୀ ଗୌନ୍ତିଆ ପରିବାରରେ ଜନ୍ମ ଗ୍ରହଣ କରିଥିଲେ !

ତାଙ୍କର ଜୀବନ କାଳଥିଲା ଏକ ଅବିଶ୍ୱସନିୟ ଅଧ୍ୟୟ ଏବଂ ସାରା ଜୀବନ ତ୍ୟାଗ ଅବଦାନ ଓ ବଳୀ ଦାନ ସମଗ୍ର ସୃଷ୍ଟି ରେ ଏକ ଅବିଶ୍ୱସନିୟ ବିରଳ ଉଦାହରଣ !

ଗୁରୁ ଭଗବାନ ସାହୁ ନାଟ୍ୟ କଳା ଓ ସଂସ୍କୃତି ,ଇତିହାସ ରେ ଏକମାତ୍ର ବ୍ୟକ୍ତି, ଯିଏକି ୧୯୫୦ ମସିହା ଶ୍ରୀ ରାମ ନବମୀ ତିଥି ରେ କୁମ୍ଭାରୀ ଗ୍ରାମ ରେ ଏକ ନାଟକ ଅନୁଷ୍ଠାନ 'ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ' ପ୍ରତିଷ୍ଠା କରି ନିଜେ ନାଟକ ଗିତ ରଚନା କରି, ନିର୍ଦ୍ଦେଶନା,ସଂଗୀତ, ନୃତ୍ୟ ନିର୍ଦ୍ଦେଶନା ଦେଇ ସରକାରୀ ଚାକିରି ଛାଡି ନିଜର ସମସ୍ତ ସମ୍ପତ୍ତି କୁ ଜଳାଞ୍ଜଳି ଦେଇ ବହୁ ଉତ୍ଥାନ ଓ ପତନ ଦେଇ ବିନା ସରକାରୀ ଅନୁଦାନରେ ୨୦୦୦ ମସିହା ଶ୍ରୀ ରାମ ନବମୀ ତିଥି ପର୍ଯ୍ୟନ୍ତ ନିରବଛିନ୍ନ ଭାବେ ୫୦ ବର୍ଷ ପରିଚାଳନା କରି ୯୦୦୦ ରୁ ଉର୍ଦ୍ଧ ରାତ୍ରି ନାଟକ, ସମ୍ବଲପୁରୀ ଲୋକ ନୃତ୍ୟ ଏବଂ ଶବ୍ଦ ନୃତ୍ୟ ପରିବେଷଣ କରିଛନ୍ତି ! ଯାହାକି ଉଦ୍ୟମର ଅଭାବ ରେ ଗିନିଜ୍ ବୁକ ଅଫ ୱାର୍ଲ୍ଡ ରେକର୍ଡ କିମ୍ବା ଲିମକା ବୁକ ଅଫ ୱାର୍ଲ୍ଡ ରେକର୍ଡ ରେ ସ୍ଥାନ ପାଇପାରିନାହିଁ !

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯାନବାହନ ପ୍ରଚଳନ ନ ଥିବା ସମୟରେ ନିଜ ଶିଷ୍ୟ ମାନଙ୍କୁ ସାଙ୍ଗରେ ଧରି ହାରମୋନିୟମ ଓ ଅନ୍ୟାନ୍ୟ ନାଟ୍ୟ ସାମଗ୍ରୀ ଭାରରେ ବୋହି ଖାଲି ପାଦରେ ଚାଲି ଚାଲି ପଶ୍ଚିମ ଓଡିଶା ଏବଂ ବର୍ତ୍ତମାନ ଛତିଶଗଡର ଅନେକ ଜିଲ୍ଲା ରେ ୨୦୦୦ରୁ ଅଧିକ ରାତ୍ରି ନାଟକ,ଦଳଗତ ସମ୍ବଲପୁରୀ ଲୋକ ନୃତ୍ୟ ଏବଂ ଦଳଗତ ଶବ୍ଦ ନୃତ୍ୟ ପରିବେଷଣ କରିଛନ୍ତି !

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, ଗୁରୁ ଭଗବାନ ସାହୁ ଆଜିକାଲି ପରିବେଷଣ ହେଉଥିବା ମନୋରଞ୍ଜନ ଧର୍ମୀ ନାଟକ, ଅପେରା,ରେକର୍ଡ ଡ୍ୟାନ୍ସ,ବା ଆଧୁନିକ ଗୀତ କେବେ ପରିବେଷଣ କରି ନାହାନ୍ତି ! ଗୁରୁ ଭଗବାନ ସାହୁ କଳାକୁ ବ୍ୟବସାୟ ଭାବେ ନ ଭାବି ଭକ୍ତି ର ଉପାସନା ଭାବେ ଗ୍ରହଣ କରିଥିଲେ ! ଏଣୁ ମାଛ ମାଂସ ଖାଇ,ଯୋତା ଚପଲ ପିନ୍ଧି କୌଣସି କଳାକାରଙ୍କୁ ପଚାସ ବର୍ଷ ପର୍ଯ୍ୟନ୍ତ ମଞ୍ଚକୁ ଅନୁମତି ଦେଇ ନ ଥିଲେ ! ଯେଉଁ ବିଷୟ ଉପରେ ଐତିହ୍ୟ ନାହିଁ ବା ସତ୍ୟତା ନାହିଁ ସେ ବିଷୟ ପ୍ରତି ଭଗବାନ ବାବୁ ଙ୍କ ନଜର ନ ଥିଲା ! ଏଣୁ ପାଶ୍ଚାତ୍ୟ ଯୁଗର ସଭ୍ୟତା କୁ ଅନୁସରଣ କରି ଯେଉଁ ନାଟକ ଗୁଡିକ ପ୍ରସ୍ତୁତ ହେଉଛି, ସେଥିପ୍ରତି ଘୃଣା କରି ଶେଷ ଜୀବନ ପର୍ଯ୍ୟନ୍ତ କୌଣସି ଆଧୁନିକ ନାଟକ ପରିବେଷଣ କରି ନାହାନ୍ତି ! ତାଙ୍କ ପ୍ରତିଟି ନାଟକ ପୌରାଣିକ, ଐତିହାସିକ ଏବଂ କିମ୍ବଦନ୍ତୀ ମୂଳକ ଯଥା :- ହରିଶ୍ଚନ୍ଦ୍ର, ସୀତା ଚୋରି, ଶାନ୍ତି ଦୂତ, ରାମରାଜ୍ୟ, ଯୋଗଜନ୍ମା ରାବଣ, ପ୍ରଣୟବଲ୍ଲରୀ,ମାନଭଞ୍ଜନ, ତରଣୀସେନ ବଧ ,ପ୍ରାର୍ଥ ପ୍ରଣୟିନୀ,(ସୁଭଦ୍ରା ହରଣ), ମଥୁରା ଯାତ୍ରା, ଗାଁ ମଜଲିସ, ଇନ୍ଦିରା ପ୍ରୀୟ ଦର୍ଶିନୀ,ତ୍ରିରଙ୍ଗା ପତାକା ର ରଙ୍ଗ ନାହିଁ, କୋଶଳ ସମ୍ବଲପୁରୀ ନାଟକ:-- ସତ କହେଲେଁ ଛାତି ଫାଟେ, ବୀର ସୁରେନ୍ଦ୍ର ସାଏ ଚୁହାନ, କଳିଙ୍ଗ ବୀର ବିଜୁ ପଟ୍ଟନାୟକ, !

୧୯୪୫ ରୁ ୧୯୪୮ ମସିହା ମଧ୍ୟରେ କୁମ୍ଭାରୀ ଏବଂ ଆଖପାଖ ଗ୍ରାମ ମାନଙ୍କରେ ପରିବେଷଣ ହୋଇଥିବା ଶବ୍ଦ ନୃତ୍ୟ ଏବଂ ସମ୍ବଲପୁରୀ ଲୋକ ନୃତ୍ୟ ରେ ଖୁବ୍ ସାଧନା କରି ତାକୁ ଏକ ପରିମାର୍ଜିତ ରୂପ ଦେଇ ମଞ୍ଚ ଉପଯୋଗୀ କରିବା ସହ ଶିଷ୍ୟ ମାନଙ୍କୁ ଶିଖାଇ ଓଡିଶା ଓ ଛତିଶଗଡର ବିଭିନ୍ନ ଜିଲ୍ଲା ରେ ପରିବେଷଣ କରିଥିଲେ !

ଗୁରୁ ଭଗବାନ ସାହୁଙ୍କ କୋଶଲ ସମ୍ବଲପୁରୀ ଭାଷା ରେ ନାଟକ 'ଚୌହାନ ବୀର ସୁରେନ୍ଦ୍ର ସାଏ' ପଶ୍ଚିମ ଓଡିଶା ର ଭାଷା ଆନ୍ଦୋଳନ ଥିଲା ! ଗୁରୁଭଗବାନ ସାହୁ ସୁରେନ୍ଦ୍ର ସାଏ ଙ୍କ ନାଟକ ରଚନା କରି ୫୦୦୦ ରୁ ଉର୍ଦ୍ଧ ରାତ୍ରି ପରିବେଷଣ କରି ନାଟକ ମାଧ୍ୟମରେ ସୁରେନ୍ଦ୍ର ସାଏ ଙ୍କୁ ଲୋକଲୋଚନକୁ ଆଣିବା ସହିତ ଘେଁସ ଜମିଦାର ହଟେ ସିଂ ଏବଂ ତାଙ୍କ ବଂଶଧର, କୁଲାବିରା ଜମିଦାର, ଭେଡେନ ଜମିଦାର,ଲଖନପୁର ଜମିଦାର,ରମ୍ପେଲା ଗୌନ୍ତିଆ ଙ୍କୁ ଇଂରେଜ ମାନେ ହତ୍ୟା କରିଥିବା ଘଟଣା ଲୋକଲୋଚନକୁ ଆଣିଥିଲେ !!

ଗୁରୁଭଗବାନ ସାହୁ ଥିଲେ ଏକାଧାରାରେ ଜଣେ କବି, ଗିତିକାର, ଲେଖକ, ନାଟ୍ୟକାର, ସଂଗୀତଜ୍ଞ, ନୃତ୍ୟ ଗୁରୁ, ଚିତ୍ର ଶିଳ୍ପୀ, ସାହିତ୍ୟିକ, ସୁ ବକ୍ତା, ସମାଜ ଶେବୀ, ଗଂଗାଧର ସାହିତ୍ୟ ରେ ପ୍ରବୀଣ, ଯାତିୟତାବାଦୀ, ଅସାଧାରଣ ହାରମୋନିୟମ ବାଦକ ଏବଂ କଣ୍ଠଶିଳ୍ପୀ,ଆଞ୍ଚଳିକ ବାଦୀ,କୋଶଲ ଇତିହାସ ଗବେଷକ !!

ଭଗବାନ ବାବୁ ୧୯୫୦ ମସିହା ରୁ କେବେ ନବାର୍ଣ୍ଣ ଭକ୍ଷଣ କରିନଥିଲେ ! ସମଗ୍ର ପଶ୍ଚିମ ଓଡିଶା ରେ ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ କରିବା ପାଇଁ ୧୯୫୦ ରୁ ପ୍ରତି ସ୍ଥାନ ରେ ନାଟକ ମଝିରେ ଏବଂ ନାଟକ ସରିବା ପରେ ଲୋକଙ୍କୁ ଅନୁରୋଧ କରିବା ସହିତ ଗ୍ରାମର ମୁଖିଆ ମାନଙ୍କୁ ପରାମର୍ଶ ଦେଉଥିଲେ ! ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ କରିବା ପାଇଁ ପ୍ରଚାର କରୁଥିଲେ !!

୧୯୭୬ ମସିହା ରେ ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ କୁ ଯୋରଦାର କରିବା ଉଦ୍ଦେଶ୍ୟରେ ଭଗବାନ ବାବୁ ତାଙ୍କର ଖୁବ୍ ଆତ୍ମିୟ ବରିଷ୍ଠ, ବିଶିଷ୍ଟ କଳାକାର ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ର,ସମ୍ବଲପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫୁଲ୍ଲ ପତି, ପୂର୍ବତନ ବିଧାୟକ ସ୍ୱର୍ଗତ ଶ୍ରଦ୍ଧାକର ସୁପକାର,ପୂର୍ବତନ ମନ୍ତ୍ରୀ, ସାଂସଦ ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀ,ପୂର୍ବତନ ମନ୍ତ୍ରୀ ସାଂସଦ ସନାତନ ବିଷି,ପଦ୍ମଶିଷ୍ୟ ସ୍ୱର୍ଗତ ଫକିର ମୋହନ ପଟ୍ଟନାୟକଙ୍କ ସମେତ କେତେଜଣ ଆତ୍ମିୟ ଙ୍କୁ ପତ୍ର ମାଧ୍ୟମରେ ଜଣେଇ ସମ୍ବଲପୁର ନାରୀ ସେବା ସଦନ ଠାରେ ଆଲୋଚନା କରି ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦ ଗଠନ କରିଥିଲେ !!

ପଶ୍ଚିମ ଓଡିଶାର ଲୋକନୃତ୍ୟ ଦଳ ଏବଂ କଳାକାର ମାନଙ୍କୁ ନେଇ ୧୯୭୭ ରୁ ୧୯୮୧ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଧରି ପ୍ରତିବର୍ଷ ଦୁଇ ଦିନ ସମ୍ବଲପୁର ନାରୀ ସେବା ସଦନ ପଡିଆ ଠାରେ ଲୋକକଳା ସାଂସ୍କୃତିକ ମହୋତ୍ସବ ଆୟୋଜନ କରୁଥିଲେ ! ୧୯୮୨ ମାର୍ଚ୍ଚ ୧୩ ଓ ୧୪ ତାରିଖ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପଡିଆ ରେ ଏବଂ ୧୯୮୩ ମାର୍ଚ୍ଚ ୦୫ ଏବଂ ୦୬ ତାରିଖ ବରପାଲି ହାଇସ୍କୁଲ ପଡିଆ ଠାରେ ଖୁବ ସଫଳତାର ସହ ଆୟୋଜନ କରି ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ କରିବା ପାଇଁ ପ୍ରଚାର, ପ୍ରସାର କରିଥିଲେ !!

ସାତ ବର୍ଷ ଧରି ଆୟୋଜନରେ କରଜ ଖୁବ ବଢିଯିବାରୁ ତାଙ୍କ ଚାଷ ଜମି ଏବଂ ସ୍ତ୍ରୀ ଙ୍କ ସୁନା ଗହଣା ବିକ୍ରି କରିବାକୁ ପଡିଥିଲା ଗୁରୁ ଭଗବାନ ସାହୁ ଲକ୍ଷ ରଖିଥିଲେ ପଶ୍ଚିମ ଓଡିଶା ରେ ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ ହେବା ପର୍ଯ୍ୟନ୍ତ ଲୋକମହୋତ୍ସବ ଆୟୋଜନ କରିବେ, କିନ୍ତୁ ଅର୍ଥ ବାଧକ ସାଜିଲା! ନାଟକ ଆୟରୁ କୁମ୍ଭାରୀ ବ୍ରଜେଶ୍ୱରୀ ଏମ୍ ଇ ସ୍କୁଲ୍ ପରିଚାଳନା ହେଉଥିଲା ,ଅନେକ ଶିକ୍ଷାନୁଷ୍ଠାନ ଏବଂ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ ଯାଉଥିଲା ! ଅନେକ ନିରକ୍ଷର ଏବଂ ଭୂମୀହୀନ ପିଲାମାନେ ପ୍ରତିପାଳିତ ହେଉଥିଲେ ! ଦେବାଳିଆ ଅବସ୍ଥା ଆସିଯିବାରୁ ଆଉ ଲୋକମହୋତ୍ସବ ଆୟୋଜନ କରିବା ସମ୍ଭବ ହୋଇପାରିନଥିଲା,କିନ୍ତୁ ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ କରିବା ପର୍ଯ୍ୟନ୍ତ ପ୍ରଚାର ଉଦ୍ୟମ ଯାରି ରଖିଥିଲେ ! ପଶ୍ଚିମ ଓଡିଶା ରେ ଗୋଟିଏ ଦିନରେ ନବାର୍ଣ୍ଣ ପର୍ବ ପାଳନ ହେବା ପରେ ଭଗବାନ ବାବୁ ଘରେ ରହି ପରିବାର ସହ ନବାର୍ଣ୍ଣ ପର୍ବ ପାଳନ କରିଥିଲେ !!

ଭଗବାନ ବାବୁ ଯଦିଓ ସରକାରଙ୍କର କଳା ଓ ସଂସ୍କୃତି ବିଭାଗ ଦ୍ୱାରା ଅବହେଳିତ କିନ୍ତୁ ସୁରେନ୍ଦ୍ର ସାଏ ଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଅବସରରେ ଖିଣ୍ଡା ଠାରେ ରାଜ୍ୟପାଳଙ୍କ ଦ୍ୱାରା, ପ୍ରଜାତନ୍ତ୍ର ପ୍ରଚାର ସମିତି,ସମ୍ବଲପୁର ପ୍ରଜାତନ୍ତ୍ର ଭବନ ହୀରାଖଣ୍ଡ ମଞ୍ଚ ରେ ଡ.ହରେକୃଷ୍ଣ ମହତାବ, ସମ୍ବଲପୁର ସମଲେଇ ଟ୍ରଷ୍ଟ ବୋର୍ଡ ତରଫରୁ, ସମ୍ବଲପୁର ଲେଖକ ସଂଘ ତରଫରୁ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦୀନି ଶତପଥୀ ଙ୍କ ଦ୍ୱାରା, ଘେଁସ ଠାରେ ବିଜୁ ପଟ୍ଟନାୟକ ଙ୍କ ଦ୍ୱାରା ସମ୍ବଲପୁର ଇଉନିଭାରସିଟିରେ ତତ୍କାଳୀନ କୁଳପତି ଐତିହାସିକ ଡ.ନବୀନ କୁମାର ସାହୁ ଙ୍କ ଦ୍ୱାରା, ସମ୍ବଲପୁର ଲେଖକ ପରିଷଦ, ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର, ମନୋହର ସାହିତ୍ୟ ସଂସଦ ସମେତ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ୪୦୦ ରୁ ଉର୍ଦ୍ଧ ସଂଗଠନ ରୁ ସମ୍ମାନିତ ଏବଂ ପୁରସ୍କୃତ ହୋଇଥିଲେ !!

ଗୁରୁ ଭଗବାନ ସାହୁ ଥିଲେ ଏକ ଧନୀ ଗୌନ୍ତିଆ ଘରର ପିଲା, ଅଚଳାଚଳ ସମ୍ପତ୍ତି ପୁଣି ସ୍ତ୍ରୀ ଙ୍କ କେଜି କେଜି ସୁନା ଅଳଙ୍କାର ସେ ସବୁକୁ ପଶ୍ଚିମ ଓଡ଼ିଶାର ଭାଷା କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ତଥା ସମାଜସେବା ପାଇଁ ସମସ୍ତ ସମ୍ପତ୍ତି ଧନରତ୍ନ ସାରିଦେଇ ସର୍ବହରା ହୋଇଯାଇଥିଲେ ! ସାରା ଓଡ଼ିଶାରେ ଗୋଟିଏ ଦିନରେ ନବାନ୍ନ ଭକ୍ଷଣ ଉତ୍ସବ ଏବଂ ଲୋକ ମହୋତ୍ସବ ର ସୃଷ୍ଟି କର୍ତ୍ତା ଭାବେ ସମ୍ବଲପୁର ନାରୀସେବା ସଦନ ରେ ପାଞ୍ଚ ବର୍ଷ, ବଲାଙ୍ଗୀର ରେ ଗୋଟିଏ ବର୍ଷ ଏବଂ ବରପାଲି ରେ ଗୋଟିଏ ବର୍ଷ ଏହିପରି ସାତବର୍ଷ ଲୋକ ମହୋତ୍ସବର ସଫଳ ଆୟୋଜନ କରି ସର୍ବହରା ହୋଇ ନିଜକୁ ଦରିଦ୍ର କରିଦେଇଥିଲେ ! ଶେଷ ଜୀବନରେ ଜନ୍ମ ମାଟି କୁମ୍ଭାରୀ ରୁ ବୁର୍ଲା ଚିକିତ୍ସା ନିମନ୍ତେ ଗାଡିଭଡା ମଧ୍ୟ ଧାର କରିବାକୁ ପଡ଼ିଥିଲା !

ଶବ୍ଦ ନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ର ସ୍ୱିକୃତି ପାଇବା ସକାସେ ଶେଷ ଜୀବନ ରେ ରଚନା କରି ଯାଇଛନ୍ତି ପ୍ରାମାଣିକ ପୁସ୍ତକ/ 'ଭାରତୀୟ ନୃତ୍ୟ କଳାରେ ଶବ୍ଦ ନୃତ୍ୟ' ! ନାଟକ ନୃତ୍ୟ,ଭାଷା କଳା ଓ ସଂସ୍କୃତି ସମାଜ ସେବା ପାଇଁ ଦୀର୍ଘ ୫୮ ବର୍ଷ ଅନିଦ୍ରା ରହି, ଖାଇବାରେ ଅବହେଳା କରି,କେବଳ ଚାହା ପିଇ ପିଇ ନିଜ ଶରୀରର ସଂପୂର୍ଣ୍ଣ କ୍ଷତି କରି ୨୦,୧୧,୨୦୦୦ ଦିନ କଳା ଜଗତର ମହାନାୟକ ଗାଉଁଲିଆ ନାଟ୍ୟ ପାଗଳ ଚିର ବିଦାୟ ନେଲେ !

**ଗୁରୁ ଭଗବାନ ସାହୁ ରାଜ୍ୟ ସ୍ତରୀୟ ସ୍ମୃତି କମିଟୀ**
**ବରଗଡ଼, ୯୮୬୧୩୮୪୮୨୧**

## ମହାସ୍ନାନରୁ ଅନବସର

**ଅବିଶ୍ୱେଶ୍ୱର ମାଝୀ**

ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀ, ନୀତିକାନ୍ତି ତଥା ବିଭିନ୍ନ ବେଶରେ ମର୍ତ୍ତ୍ୟବୈକୁଣ୍ଠର ଅଧିପତି, ନୀଳାଚଳ ନାୟକ, କୋଟି କୈବଲ୍ୟ ଦାୟକ, ପୁରୁଷୋତ୍ତମ, କଳାବାମନ, ଶ୍ରୀଜଗନ୍ନାଥ 'ଯଥା ଦେହେ ତଥା ଦେବେ' ନ୍ୟାୟ ପାଳନ କରନ୍ତି। ମହାପ୍ରଭୁଙ୍କୁ ଗ୍ରୀଷ୍ମ ତାପରୁ ରକ୍ଷା କରିବାକୁ ନୀଳାଚଳ ଧାମର ଦୀର୍ଘତମ ଉତ୍ସବ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରି ଏକୋଇଶ ଦିନ ବାହାର ଚନ୍ଦନ ଓ ଏକୋଇଶ ଦିନ ଭିତର ଚନ୍ଦନ ଜ୍ୟୋଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀରେ ସମାପନ ହୁଏ।

ଚନ୍ଦନ ଯାତ୍ରା ଶେଷ ପରେ ଜ୍ୟୋଷ୍ଠ ପୂର୍ଣ୍ଣିମା ଦିନ ଅସହ୍ୟ ଗ୍ରୀଷ୍ମରେ ସନ୍ତାପିତ ବିଗ୍ରହ ମାନେ ଆନନ୍ଦ ବଜାର ସ୍ଥିତ ସ୍ନାନ ମଣ୍ଡପକୁ ସ୍ନାନ ନିମନ୍ତେ ଯାତ୍ରା କରୁଥିବାରୁ ଏହାର ନାମ ଦେବସ୍ନାନ ଯାତ୍ରା। ସେଦିନ ପ୍ରାତରୁ ଦ୍ୱାର ଫିଟା, ଦ୍ୱାରପାଳ ପୂଜା, ସୂର୍ଯ୍ୟ ପୂଜା, ମଇଲାମ, ବାଲଭୋଗ ଆଦି ନୀତିକାନ୍ତି ସମ୍ପର୍ଣ୍ଣ ହେବାପରେ ଚାରି ବିଗ୍ରହ ମାନଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଏ। ଧାଡ଼ି ପହଣ୍ଡି କ୍ରମରେ ପ୍ରଥମ ଜଣକର ପହଣ୍ଡି ଶେଷ ପର୍ଯ୍ୟନ୍ତ ଅପେକ୍ଷା ନକରି ଜଣକ ପରେ ଜଣେ ପଛକୁ ପଛ ପହଣ୍ଡି କରି ଆସନ୍ତି। 'ପହଣ୍ଡି' ଶବ୍ଦ ସଂସ୍କୃତ 'ପଦ ହୁଣ୍ଡନ'ର ଅପଭ୍ରଂଶ ମାତ୍ର, ଅର୍ଥାତ୍ ପଦ ପକାଇ ଝୁଲି ଝୁଲି ଆସିବା।

ପୂର୍ବଦିନରୁ ଲକ୍ଷ୍ମୀ ମନ୍ଦିର ସମ୍ମୁଖସ୍ଥ ଶୀତଳା ମାତାଙ୍କ ମନ୍ଦିର ନିକଟରେ ଥିବା ସୁନା କୁଅ, ଯାହା ବର୍ଷ ସାରା ଘୋଡ଼ିଆ ହୋଇ ସୁରକ୍ଷିତ ରଖାଯାଇଥାଏ, ସେଥିରୁ ଶହେ ଆଠ ଗରା ଜଳ ଉତ୍ତୋଳନ କରି ସୁବାସିତ କରି ଅଧିବାସ ପରେ ରଖା ଯାଇଥାଏ। ରଥ ଯାତ୍ରା ପରି ଏଥିରେ ଗଜପତି ମହାରାଜ ଛେରାପହଁରା କରନ୍ତି ଓ ତାଙ୍କ ଅନୁପସ୍ଥିତିରେ ମୁଦିରସ୍ତ (ମୁଦିରଥ) ଏହି କାର୍ଯ୍ୟ ତୁଲାଇ ଥାଆନ୍ତି।

ଭକ୍ତ ମାନଙ୍କ ଜୟ ଜୟକାର ଧ୍ୱନି ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଦେବଙ୍କୁ ୩୩ ଗରା, ସୁଭଦ୍ରା ମାତାଙ୍କୁ ୨୨ ଗରା ତଥା ଚକ୍ରରାଜ ସୁଦର୍ଶନଙ୍କୁ ୧୮ ଗରା; ଏହିପରି ୧୦୮ ଗରା ସୁବାସିତ ଜଳରେ ଅଭିଷିକ୍ତ କରାଯାଏ। ତାପରେ ପଶ୍ଚିମା ଭକ୍ତ ଗଣପତି ଭଟ୍ଟଙ୍କ ଇପ୍ସିତ ଦେବତା ଗଣପତି ରୂପରେ ଦର୍ଶନ ଦେଇ କୃତାର୍ଥ କରିଥିବା ଦିବ୍ୟ ପରମ୍ପରାର ପାଳନ କରି ଦିଅଁଙ୍କୁ ଗଜବେଶରେ ସଜ୍ଜିତ କରାଯାଇଥାଏ। ଭକ୍ତମାନଙ୍କର ଗଜାନନ ବେଶରେ ଦର୍ଶନ ସମାପନାନ୍ତେ ମାତ୍ରାଧିକ ସ୍ନାନ ଯୋଗୁଁ ଶ୍ରୀଜୀଉମାନଙ୍କୁ ଥଣ୍ଡା ଜ୍ୱର ହୋଇଥାଏ, ଯାହାର ନିରାକରଣ ନିମନ୍ତେ ଶ୍ରୀମନ୍ଦିର ଗର୍ଭଗୃହସ୍ଥ ରତ୍ନସିଂହାସନକୁ ନନେଇ ତାଟ ନିର୍ମିତ ଅନବସର (ଅଣସର ଘର)କୁ ନିଆଯାଏ।

ଅଣସର ଘର ଜଗମୋହନର ଚନ୍ଦନ ଅର୍ଗଳି ନିକଟରେ ଥିବା ଏକ ଖୋଲା ସ୍ଥାନ। ଶ୍ରୀମନ୍ଦିରର ବିଶେଷତ୍ୱ ଅନୁସାରେ ଦେବସ୍ନାନ ପୂର୍ଣ୍ଣିମା ପରଦିନ ଠାରୁ ଆଷାଢ଼ ଅମାବାସ୍ୟା ବା ନେତ୍ରୋତ୍ସବ ପର୍ଯ୍ୟନ୍ତ ଏହି ଅଣସର ଘରେ ଜୀଉମାନେ ଅବସ୍ଥାନ କରନ୍ତି ଓ ତନ୍ତ୍ର ମନ୍ତ୍ର ବିହୀନ ସେବା ଗ୍ରହଣ କରନ୍ତି। କେବଳ ଦଇତାପତି ସେବକ (ବିଶ୍ୱାବସୁଙ୍କ ବଂଶଧର) ମାନେ ଏହି ଗୁପ୍ତ ସେବାର ଅଧିକାର ପାଇ ଥାଆନ୍ତି। ଏହି ସମୟରେ କୌଣସି ଘଣ୍ଟ ମାର୍ଦ୍ଦଳ ଭଳି ବାଦ୍ୟ ବାରଣ ସହ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରି, ସେମାନେ କେବଳ ଶ୍ୱେତ ବସ୍ତ୍ର ପରିଧାନ କରିବା ସହ ଶ୍ୱେତ ପୁଷ୍ପରେ ଓ କଦଳୀ ଛେନାଦି ଚକଟା ଭୋଗ ସହ ଫଳମୂଳ ଓ ଆୟୁର୍ବେଦିକ ଚିକିତ୍ସା କରନ୍ତି। କହିବା ବାହୁଲ୍ୟ, ଏହି ସମୟରେ ବିଗ୍ରହ ମାନଙ୍କ ଶ୍ରୀଅଙ୍ଗ ମରାମତି ସହ ବନକଲାଗି (ରଙ୍ଗ ଚିତ୍ର) କରାଯାଇଥାଏ। ବିଶେଷ କରି ମୋଦକ ତଥା ଫୁଲରି ତେଲର ଉପଚାର ଜ୍ୱରରୁ ମୁକ୍ତି ଦିଏ ଓ ଦିଅଁ ସୁସ୍ଥ ହୁଅନ୍ତି।

# ଅଙ୍ଗାରକ-ନିରପେକ୍ଷ ପଞ୍ଚାୟତ

ଭାରତବର୍ଷରେ ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟ ସମ୍ପାଦନକାରୀ ସ୍ଥାନୀୟ ପ୍ରଶାସନିକ ବ୍ୟବସ୍ଥାକୁ 'ପଞ୍ଚାୟତିରାଜ'ର ଆଖ୍ୟା ପ୍ରଦାନ କରାଯାଇଛି। ଏହା ଲୋକମାନଙ୍କ ପଞ୍ଚାୟତ ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ହେବାର କ୍ଷମତା ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଅଂଶଗ୍ରହଣ କରିବାର ସୁଯୋଗ ଅର୍ପଣକରେ। ଏହି ବ୍ୟବସ୍ଥା ଉପରେ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ସାଧନ, ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ଏବଂ ସମ୍ବିଧାନର ଏକାଦଶ ଅନୁସୂଚୀରେ ତାଲିକାଭୁକ୍ତ ଥିବା ୨୯ଟି ବିଷୟ ସମେତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ନିମନ୍ତେ ଦାୟିତ୍ୱନ୍ୟସ୍ତ ରହିଛି। ତେବେ ସାମ୍ପ୍ରତିକ ପରିବର୍ତ୍ତିତ ପରିସ୍ଥିତିରେ ଗ୍ରାମ୍ୟ ସ୍ତରୀୟ ଏହି ପ୍ରଶାସନିକ ସଂସ୍ଥାର ଅନ୍ୟ ଯେଉଁ ଗୁରୁଦାୟିତ୍ୱ ବହନ କରିବା ଅପରିହାର୍ଯ୍ୟ ବୋଧହୁଏ, ତାହା ହେଉଛି କ୍ରମବର୍ଦ୍ଧିଷ୍ଣୁ ପରିବେଶଜନିତ ସମସ୍ୟା ସବୁର ସମାଧାନ ଦିଗରେ ପର୍ଯ୍ୟାପ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା। ବୈଶ୍ୱିକତାପନ ଏବଂ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ସମସ୍ୟା ଏବଂ ତଜ୍ଜନିତ ବର୍ଦ୍ଧିତ ପ୍ରାକୃତିକ ବିପର୍ଯ୍ୟୟ ସବୁର ପ୍ରଳୟଙ୍କରୀ ପରିଣାମ ପରିପ୍ରେକ୍ଷୀରେ ଏସବୁ ପ୍ରମୁଖ କାରକର ମୂଳୋତ୍ପାଟନ ନିମନ୍ତେ ପ୍ରତ୍ୟେକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଅତ୍ୟନ୍ତ ଜରୁରୀ। ସାମ୍ପ୍ରତିକ ସମୟରେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପପରି ଜୀବାଶ୍ମ ଇନ୍ଧନର ଦହନରୁ ନିର୍ଗତ ଅଙ୍ଗାରକାମ୍ଳ ଏବଂ ଅନ୍ୟ ସବୁଜ ଗୃହ ବାଷ୍ପ ସବୁର ବାୟୁମଣ୍ଡଳକୁ ନିର୍ଗମନରେ ସର୍ବାଧିକ ହ୍ରାସ ଘଟାଇବା ଏକାନ୍ତ ପ୍ରୟୋଜନୀୟ। ସହରାଞ୍ଚଳମାନଙ୍କରେ ଅଙ୍ଗାରକ ହ୍ରାସନକୁ ତ୍ୱରାନ୍ୱିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ଏ ଦିଗରେ ପ୍ରଯୁଜ୍ୟ କାର୍ଯ୍ୟକ୍ରମ ଗ୍ରହଣକୁ ଉତ୍ସାହିତ କରାଯିବା ସମୟର ଆବଶ୍ୟକତା। ଏହା ସାମଗ୍ରିକ ଭାବେ ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ ଦିଗରେ ମାନବଜାତିର ଏକ ସମ୍ମିଳିତ ପ୍ରୟାସର ପରିଚୟ ପ୍ରଦାନ କରିବ।

ଅଙ୍ଗାରକ ସମଗ୍ର ଜୀବଜଗତର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥିଲାବେଳେ ବାୟୁମଣ୍ଡଳରେ ମୁକ୍ତ ଅଙ୍ଗାରକାମ୍ଳ ଭାବରେ ଏହାର ପରିମାଣ ହେଉଛି ଯଥେଷ୍ଟ ନ୍ୟୂନ (ମାତ୍ର ୦.୦୪ଶତାଂଶ) । ସମୁଦ୍ର, ମୃତ୍ତିକା, ଜଙ୍ଗଲ ଏବଂ ଆର୍ଦ୍ରଭୂମି ପରି ଅଙ୍ଗାରକ ଭଣ୍ଡାରଗୁଡ଼ିକ (କାର୍ବନସିଙ୍କ) ସାଧାରଣ ଭାବେ ପ୍ରାୟ ୫୮% ଉତ୍ସର୍ଜିତ ଅଙ୍ଗାରକାମ୍ଳକୁ ଶୋଷଣକରି ସେମାନଙ୍କ ମଧ୍ୟରେ ଗଚ୍ଛିତ କରିରଖନ୍ତି। କିନ୍ତୁ ବୃଦ୍ଧିପ୍ରାପ୍ତ ହେଉଥିବା ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ବ୍ୟବହୃତ ଅତ୍ୟଧିକ ଜୀବାଶ୍ମ ଇନ୍ଧନରୁ ନିର୍ଗତ ବର୍ଦ୍ଧିତ ମାତ୍ରାର ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ଏକ ଅଙ୍ଗାରକ-ଯୁକ୍ତ (କାର୍ବନପଜିଟିଭ) ପରିବେଶ ସୃଷ୍ଟି କରୁଛି, ଯାହା ହିଁ ତାପମାତ୍ରା ବୃଦ୍ଧିର ମୁଖ୍ୟକାରକ ସାଜିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପଦ୍ଧତିରେ ଅଙ୍ଗାରକାମ୍ଳ ପରିମାଣରେ ହ୍ରାସ ଘଟାଇ ଏକ ଅଙ୍ଗାରକ-ନିରପେକ୍ଷ (କାର୍ବନନ୍ୟୁଟ୍ରାଲ) ପରିବେଶର ସ୍ଥାପନ କରିବା ସମ୍ପ୍ରତି ଆମ ସମ୍ମୁଖରେ ଏକ ମୁଖ୍ୟ ଆହ୍ୱାନ ରୂପେ ଦଣ୍ଡାୟମାନ ହୋଇଛି। ଭାରତର ପ୍ରାଣକେନ୍ଦ୍ର ରୂପେ ଆଖ୍ୟାୟିତ ଗ୍ରାମାଞ୍ଚଳରେ ପଞ୍ଚାୟତ ବ୍ୟବସ୍ଥା ମାଧ୍ୟମରେ ଅଙ୍ଗାରକାମ୍ଳ ନିର୍ଗମନର ନିୟନ୍ତ୍ରଣ ଏବଂ ଏହାର ଶୋଷଣ/ଅପସାରଣ (ଅଫସେଟ୍) ଦିଗରେ ସଚେତନତା ବୃଦ୍ଧି ଏବଂ ଯଥୋଚିତ ପଦକ୍ଷେପ ଗ୍ରହଣ ଅଙ୍ଗାରକ ସନ୍ତୁଳନ ହାସଲ କ୍ଷେତ୍ରକୁ ଏକ ସମୟୋପଯୋଗୀ ଅବଦାନ ହେବ। ଆମ ଅଙ୍ଗାରକ ପଦଚିହ୍ନ (ନକାରାତ୍ମକ ପ୍ରଭାବ)କୁ ଶୂନ୍ୟ ସ୍ତରକୁ ହ୍ରାସ କରି ଅଙ୍ଗାରକ ନିରପେକ୍ଷତା ସ୍ଥାପନ କରିବା ହେଉଛି ବ୍ୟକ୍ତି, ଅନୁଷ୍ଠାନ ଏବଂ ସରକାର, ସମସ୍ତଙ୍କ ନିମନ୍ତେ ଏକ ନୈତିକ ଦାୟିତ୍ୱ ନିର୍ବାହନର ପ୍ରସଙ୍ଗ। ଉଲ୍ଲେଖଯୋଗ୍ୟ ଯେ ଜମ୍ମୁ ଅଧୀନ ସାମ୍ବା ଜିଲାର ପାଲିଗ୍ରାମ ଭାରତର ପ୍ରଥମ ଅଙ୍ଗାରକ-ନିରପେକ୍ଷ ପଞ୍ଚାୟତ ହେବାର ମାଇଲଖୁଣ୍ଟ ହାସଲ କରିଛି, ଯେଉଁଠି ପ୍ରଧାନମନ୍ତ୍ରୀ ମୋଦି ୨୦୨୨ ଏପ୍ରିଲରେ ୫୦୦ କିଲୋୱାଟ ଏକ ସୌରପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ ।

ଗ୍ରାମପଞ୍ଚାୟତକୁ ଅଙ୍ଗାରକ-ନିରପେକ୍ଷ କରିବା ଲକ୍ଷ୍ୟରେ ସାଧାରଣତଃ ଗୃହୀତ ପଦକ୍ଷେପଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଶକ୍ତିଦକ୍ଷତାର ବୃଦ୍ଧି। ବିଦ୍ୟୁତ୍ ଉତ୍ପାଦନ ପାଇଁ ସୌର ଏବଂ ପବନଶକ୍ତି ଭଳି ନବୀକରଣୀୟ/ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ । ଏହି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ଏକକ କୃଷକ, କୃଷକ ଗୋଷ୍ଠୀ, ସମବାୟ ସମିତି, ପଞ୍ଚାୟତ ଇତ୍ୟାଦିଙ୍କ ନିମନ୍ତେ ପ୍ରଯୁଜ୍ୟ ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ଗ୍ରୀଡିଂ ଯୁକ୍ତ ଛାତ ଉପର ସୌର କାର୍ଯ୍ୟକ୍ରମ ରିହାତି, ଶକ୍ତି ବ୍ୟବହାର ହ୍ରାସ କରିବା ଲକ୍ଷ୍ୟରେ ଆଲୋକୀକରଣ ନିମନ୍ତେ ଏଲଇଡି ବଲ୍‌ବର ଉପଯୋଗ, ଉଷ୍ମତା ବୃଦ୍ଧି-ଶୀତଳୀକରଣ ବ୍ୟବସ୍ଥାରେ ଉନ୍ନତି ସାଧନ ଏବଂ ଘରୋଇ, ଗୋଷ୍ଠୀକେନ୍ଦ୍ର ଏବଂ ବ୍ୟବସାୟିକ ସ୍ଥଳୀରେ ବିଭିନ୍ନଶକ୍ତି-ଦକ୍ଷ ଯନ୍ତ୍ରପାତି ବା ଉପକରଣର ବ୍ୟବହାରକୁ ଉତ୍ସାହିତ କରାଯିବା ପ୍ରୟୋଜନୀୟ। ଭାରତର ପ୍ରଥମ ସୌରଚାଳିତ ଗ୍ରାମ ରୂପେ ଖ୍ୟାତ ଗୁଜରାଟର ମୋଧେରା ଗ୍ରାମସବୁ ଶକ୍ତିର ବ୍ୟବହାର, ନିରନ୍ତର ବିକାଶ ଏବଂ ଆତ୍ମ ନିର୍ଭରଶୀଳତାକୁ ପ୍ରଦର୍ଶନ କରେ, ଯାହାକୁ ଜାତିସଂଘର ସେକ୍ରେଟାରି ଜେନେରାଲ ଆଣ୍ଟୋନିଓ ଗୁଟେରସ ଅକ୍ଟୋବର ୨୦୨୨ରେ ପରିଦର୍ଶନ କରିଥିଲେ। ପେଟ୍ରୋଲ, ଡିଜେଲ (ଜୀବାଶ୍ମ ଇନ୍ଧନ) ଚାଳିତ ଯାନ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ସ୍ଥାନୀୟ ଅଞ୍ଚଳରେ ଯାତାୟାତ ନିମନ୍ତେ ବୈଦ୍ୟୁତିକଯାନ (ଇଭି) କିମ୍ବା ସାଇକେଲର ବ୍ୟବହାରକୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ । ସାର୍ବଜନୀନ ପରିବହନରେ ଉନ୍ନତି ଆଣି ଏହାକୁ ଅଧିକ ଗ୍ରହଣୀୟ କରିବାର ପ୍ରୟାସ ହେବା ଆବଶ୍ୟକ। ବର୍ଜ୍ୟ ପଦାର୍ଥ ଦ୍ୱାରା ସୃଷ୍ଟ ପ୍ରଦୂଷଣ ହ୍ରାସ କରିବା ନିମନ୍ତେ ଏକ ଶୂନ୍ୟ-ବର୍ଜ୍ୟନୀତି, ଜୈବିକ ବର୍ଜ୍ୟରୁ କମ୍ପୋଷ୍ଟ ଖତ ଓ ଗୋବର ଗ୍ୟାସ୍ ପ୍ରସ୍ତୁତି, ଅଜୈବିକ ବର୍ଜ୍ୟର ପୁନଃଚକ୍ରଣ କିମ୍ବା ବର୍ଜ୍ୟରୁ ଶକ୍ତି ଉତ୍ପନ୍ନ ପ୍ରଣାଳୀ କାର୍ଯ୍ୟକାରୀ କରାଯିବା ଜରୁରୀ। ଅନ୍ୟପକ୍ଷରେ, ସହନୀୟ କୃଷି ପଦ୍ଧତିର ଅବଲମ୍ବନରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଏବଂ ସବୁଜ ଗୃହ ଗ୍ୟାସ ନିର୍ଗତ କରୁଥିବା ତଥା କୃଷିକ୍ଷେତ୍ରରେ କ୍ଷତି ଘଟାଉଥିବା ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାରକୁ ହ୍ରାସ କରାଯିବା ଆବଶ୍ୟକ । ମୃତ୍ତିକାକୁ ସମୃଦ୍ଧ କରିବା ଏବଂ ଅଙ୍ଗାରକ ଅପସାରଣ ପାଇଁ କୃଷି-ବନୀକରଣକୁ ଉତ୍ସାହିତ ତଥା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳର ଶୋଷଣ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପ୍ରୟୋଜନୀୟ। ଗ୍ରାମାଞ୍ଚଳର ଆର୍ଦ୍ରଭୂମି ଏବଂ ତୋଟା ସମେତ ଅଙ୍ଗାରକ ଭଣ୍ଡାର ଭାବେ କାର୍ଯ୍ୟ କରୁଥିବା ନିକଟସ୍ଥ ଜଙ୍ଗଲ ଏବଂ ଅନ୍ୟ ପ୍ରାକୃତିକ ପରିସଂସ୍ଥାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଉପରେ ଧ୍ୟାନ ପ୍ରଦାନ ଜରୁରୀ। ଜଳବାୟୁ ପରିବର୍ତ୍ତନ ଏବଂ ଅଙ୍ଗାରକ ପଦଚିହ୍ନ ହ୍ରାସ କରାଯିବାର ଗୁରୁତ୍ୱ ସମ୍ପର୍କରେ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି ଅଭିଯାନ ତଥା ବିଦ୍ୟାଳୟ ସ୍ତରରେ ପରିବେଶ ଶିକ୍ଷାକୁ ସାର୍ବଜନୀନ କରିବା ହେଉଛି ଅନ୍ୟ ଏକ ଦିଗ। ସବୁଜଶକ୍ତି ପ୍ରକଳ୍ପରେ ନିବେଶ କରିବା କିମ୍ବା ନିର୍ଗମନ ହ୍ରାସ ନିମନ୍ତେ କାର୍ଯ୍ୟକାରୀ ପ୍ରକଳ୍ପରୁ କାର୍ବନକ୍ରେଡିଟ୍କିଣିବା ଭଳି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ଯୋଗଦାନ ଏକ ପ୍ରଶଂସନୀୟ ପଦକ୍ଷେପ ହେବ, ଯାହା କିଛିମାତ୍ରାର ସବୁଜ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟତା କରିବ । ପରିଣାମସ୍ୱରୂପ ଏଠାରୁ ନିର୍ଗମନ ଏବଂ ଅପସାରଣ ହେଉଥିବା ଅଙ୍ଗାରକାମ୍ଳ ମଧ୍ୟରେ ସନ୍ତୁଳନ ସ୍ଥାପିତ ହୋଇ ଅଙ୍ଗାରକ-ନିରପେକ୍ଷତା ହାସଲ ସମ୍ଭବପର ହେବ ।

ଏପରି ପଦକ୍ଷେପ ଗ୍ରହଣ ଏକ ପ୍ରଦୂଷଣମୁକ୍ତ, ଅଙ୍ଗାରକ-ନିରପେକ୍ଷ ପରିବେଶ ସ୍ଥାପନକରି ଜଳବାୟୁ ପରିବର୍ତ୍ତନ ଦୃଶ୍ୟପଟ୍ଟରେ ଗ୍ରାମ ପଞ୍ଚାୟତକୁ ମାନବ ବସତିର ଏକ ସୁରକ୍ଷିତ, ଆଦର୍ଶ ସ୍ଥାନରେ ରୂପାନ୍ତରିତ କରିବ । ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ଡିଗ୍ରୀ ସେଲ୍‌ସିୟସ ସୀମିତ ରଖିବାର ପ୍ୟାରିସ ଚୁକ୍ତିନାମା (୨୦୧୫) ସାଧନରେ ଏହା ମଧ୍ୟ ନିଜସ୍ୱ ଅବଦାନ ରଖିବ। ପଞ୍ଚାୟତ ସ୍ତରରେ ବହୁ ସକାରାତ୍ମକ ପଦକ୍ଷେପ କାର୍ଯ୍ୟକାରୀ କରିବାରେ ସମଗ୍ର ରାଷ୍ଟ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କେରଳ ଏବଂ ମଧ୍ୟପ୍ରଦେଶ ପରି ରାଜ୍ୟର କାର୍ଯ୍ୟକ୍ରମରୁ ଅନ୍ୟମାନେ ପ୍ରେରଣା ହାସଲ କରାଯାଇପାରେ।

କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି
ମୋ: ୯୪୩୭୦୭୬୧୦୦



# ରାଜ୍ୟ ଖବର





## ଲୋକସଭାରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଆଗତ

ନୂଆଦିଲ୍ଲୀ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଲୋକସଭାରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫' ଆଗତ କରିଛନ୍ତି। କେନ୍ଦ୍ର ସରକାର ଦେଶର ଉଚ୍ଚ ଶିକ୍ଷାରେ ଏକ ବଡ଼ ପରିବର୍ତ୍ତନ ଆଣିବା ଦିଗରେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ବିଲ୍ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ମାନଦଣ୍ଡ ନିର୍ଦ୍ଧାରଣ, ନିୟନ୍ତ୍ରଣ ସମନ୍ୱୟ ଏବଂ ଉତ୍କର୍ଷ, ସ୍ୱାୟତ୍ତତା ଏବଂ ସ୍ୱଚ୍ଛ ମାନ୍ୟତାକୁ



ପ୍ରୋତ୍ସାହିତ କରିବାପାଇଁ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ପ୍ରତିଷ୍ଠା କରିବାକୁ ଚାହୁଁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି । ଏହି ବିଲ୍ ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସ୍ୱାଧୀନ ସ୍ୱୟଂଶାସିତ ପ୍ରତିଷ୍ଠାନ ହେବାରେ ସାହାଯ୍ୟ କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଏହି ବିଲ୍‌କୁ ଜେପିସି (ଯୁଗ୍ମ ସଂସଦୀୟ କମିଟି)କୁ ପଠାଇବାପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି।

ତେବେ ବିରୋଧୀ ସାଂସଦମାନେ ଏହି ବିଲ୍ ଆଗତକୁ ବିରୋଧ କରି କହିଛନ୍ତି ଯେ ସେମାନଙ୍କ ନିକଟରେ ବିଲ୍ ପଢ଼ିବାପାଇଁ ପର୍ଯ୍ୟାପ୍ତ ସମୟ ନାହିଁ ଏବଂ ଏହା ରାଜ୍ୟ ସରକାରଙ୍କ କ୍ଷମତାକୁ ଦୁର୍ବଳ କରିଦେବ ବୋଲି ବିରୋଧୀ ସାଂସଦମାନେ କହିଛନ୍ତି। ସରକାର ଆଜି ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ୨୦୨୫ ସମେତ ମୋଟ୍ ୩ଟି ବିଲ୍ ଲୋକସଭାରେ ଆଗତ କରିଛନ୍ତି। ବେସାମରିକ ଆଣବିକ ଶକ୍ତି କ୍ଷେତ୍ରକୁ ଘରୋଇ ଉଦ୍ୟୋଗୀ ମାନଙ୍କ ପାଇଁ ଖୋଲିବାକୁ ସରକାର ଆଜି ଲୋକସଭାରେ ଶାନ୍ତି ( ସଷ୍ଟେନେବଲ ହାରନେସିଙ୍ଗ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫର୍ମିଂ ଇଣ୍ଡିଆ) ବିଲ୍ ଆଗତ କରିଛନ୍ତି। ସେହିପରି ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଆଜି ଲୋକସଭାରେ ରିପିଲିଂ ଆଣ୍ଡ ଆମେଣ୍ଡିଂ ବିଲ୍ , ୨୦୨୫ ଆଗତ କରିଛନ୍ତି।

## କଂଗ୍ରେସକୁ ଯିବେ କି ପ୍ରଶାନ୍ତ କିଶୋର !



ନୂଆଦିଲ୍ଲୀ: ପୁଣି ଚର୍ଚ୍ଚାକୁ ଆସିଛନ୍ତି ପ୍ରଶାନ୍ତ କିଶୋର । ଦିଲ୍ଲୀରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି ପ୍ରଶାନ୍ତ । ବୈଠକ ସମୟରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ବି ଉପସ୍ଥିତ ଥିଲେ । ଏହାପରେ ସେ କଂଗ୍ରେସରେ ସାମିଲ ହେବା ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । ବିହାର ନିର୍ବାଚନ ସମୟରେ ଚର୍ଚ୍ଚାରେ ଥିଲେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର । ଜନ ସୁରାଜ ପାର୍ଟି ଗଠନ କରି ବିହାର ରାଜନୀତିରେ ପାଦ ଥାପିଥିଲେ । କିନ୍ତୁ ଗୋଟିଏ ବି ଆସନ ଜିତି ପାରିନଥିଲେ । ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ପ୍ରଶାନ୍ତ କିଶୋର । ସୂଚନା ଅନୁସାରେ ଗତ ୧୨ ତାରିଖରେ ଜନପଥରେ ପ୍ରାୟ ଦେଢଘଣ୍ଟା ଧରି ରାହୁଲଙ୍କ ସହ ପ୍ରଶାନ୍ତ କିଶୋରଙ୍କ ଆଲୋଚନା ହୋଇଛି ।

## ଭାରତ-ଇଥିଓପିଆ ସହଭାଗୀତାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ଇଥିଓପିଆର ମହାନ ସମ୍ମାନ ନିଶାନରେ ସମ୍ମାନୀତ ହେଲେ ମୋଦୀ

ଆଡିସ୍ ଆବାବା (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ତାଙ୍କ ଇଥିଓପିଆ ଗସ୍ତର ଫଳାଫଳ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବହୁ ଚୁକ୍ତିନାମା ସ୍ୱାକ୍ଷରକୁ 'ବୃଦ୍ଧି ଏବଂ ଲୋକକେନ୍ଦ୍ରିକ ବିକାଶ' ଉପରେ କେନ୍ଦ୍ରିତ ଦ୍ୱିପାକ୍ଷିକ ସହଭାଗୀତାକୁ ମଜବୁତ କରିବାରେ ଏକ 'ଗୁରୁତ୍ୱପୂର୍ଣ୍ଣ' ପଦକ୍ଷେପ ବୋଲି କହିଛନ୍ତି । ମୋଦି ମଙ୍ଗଳବାର ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତରେ ଇଥିଓପିଆରେ ପହଞ୍ଚିଥିଲେ, ଏହି ସମୟରେ ଦୁଇ ଦେଶ ସେମାନଙ୍କର ଐତିହାସିକ ସମ୍ପର୍କକୁ 'ରଣନୈତିକ ସହଭାଗୀତା' ସ୍ତରକୁ ଉନ୍ନୀତ କରିଥିଲେ। ସେ ତାଙ୍କର ଇଥିଓପିଆ ପ୍ରତିପକ୍ଷ, ଆବି ଅହମ୍ମଦ ଅଲିଙ୍କ ସହିତ ବିସ୍ତୃତ ଆଲୋଚନା ମଧ କରିଥିଲେ । ଯାହା ପରେ, ଦୁଇ ନେତା ତିନୋଟି ବୁଝାମଣାପତ୍ରର ଆଦାନପ୍ରଦାନ ଦେଖିଥିଲେ। ସଂଯୁକ୍ତ ରାଷ୍ଟ୍ର ଶାନ୍ତିରକ୍ଷା ଅଭିଯାନ ତାଲିମ, କଷ୍ଟମ୍ସ ମାମଲାରେ ପାରସ୍ପରିକ ପ୍ରଶାସନିକ ସହାୟତା ଏବଂ ଇଥିଓପିଆ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ଡାଟା ସେଣ୍ଟର ପ୍ରତିଷ୍ଠା କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଉଭୟ ପକ୍ଷ 'ରଣନୈତିକ ସହଭାଗୀତା', ଏ୨୦ ଅଧୀନରେ ଋଣ ପୁନର୍ଗଠନ, ଇଥିଓପିଆ



ବାସୀଙ୍କ ପାଇଁ ଅଧିକ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ଛାତ୍ରବୃତ୍ତି ଏବଂ ଇଓ କ୍ଷୁଦ୍ର ପାଠ୍ୟକ୍ରମ ଏବଂ ମାତୃତ୍ୱ ଏବଂ ନବଜାତ ସ୍ୱାସ୍ଥ୍ୟସେବା ପାଇଁ ସମର୍ଥନ ଘୋଷଣା କରିଛନ୍ତି। ଏକ X ପୋଷ୍ଟରେ, ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏଗୁଡ଼ିକ ଆମର ଦୀର୍ଘକାଳୀନ ଏବଂ ବିଶ୍ୱସ୍ତ ସହଭାଗୀତାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେ କହିଛନ୍ତି ଯେ ଶାସନ ଏବଂ ଶାନ୍ତି ରକ୍ଷା ଠାରୁ ଡିଜିଟାଲ୍ କ୍ଷମତା ଏବଂ ଶିକ୍ଷା ପର୍ଯ୍ୟନ୍ତ, ଲୋକଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ ଦିଆଯାଇଛି। 'ଜ୍ଞାନ, ଦକ୍ଷତା ଏବଂ ନବସୃଜନ ଉପରେ ଗୁରୁତ୍ୱ ଆଗାମୀ କାଲିର ବାହକ ଭାବରେ ଯୁବପିଢ଼ିଙ୍କ ପ୍ରତି ଆମର ସମାନ ବିଶ୍ୱାସକୁ ଗୁରୁତ୍ୱ ଦିଏ। ସ୍ୱାସ୍ଥ୍ୟସେବାରେ ସହଯୋଗ ମାନବ ମର୍ଯ୍ୟାଦା ଏବଂ ସବୁଠାରୁ ଦୁର୍ବଳଙ୍କ ଯତ୍ନ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଫଳାଫଳ ଅଭିବୃଦ୍ଧି ଏବଂ ଲୋକ-କୈନ୍ଦ୍ରିକ ବିକାଶ ଉପରେ କେନ୍ଦ୍ରିତ ଭାରତ-ଇଥିଓପିଆ ସହଭାଗୀତାକୁ ପ୍ରତିଫଳିତ କରେ,' ସେ କହିଛନ୍ତି। ବୁଧବାର ଏକ ପ୍ରେସ୍ ବ୍ରିଫିଂରେ, ବୈଦେଶିକ ମନ୍ତ୍ରଣାଳୟର ସଚିବ (ଅର୍ଥନୈତିକ ସମ୍ପର୍କ) ସୁଧାକର ଡାଲେଲା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ପ୍ରତିପକ୍ଷ ଆବିଙ୍କୁ ଆତଙ୍କବାଦ ବିରୋଧରେ ସାଧାରଣ ଲଢ଼େଇରେ ଇଥିଓପିଆଙ୍କ ଦୃଢ଼ ସମର୍ଥନ ଜଣାଇଛନ୍ତି।

## ଦଳୀୟ ନେତାଙ୍କୁ ପରାମର୍ଶ ଦେଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର: ନୂଆପଡ଼ା ଉପନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ପରେ ଦଳୀୟ ସଭାପତି ନବୀନ ପଟ୍ଟନାୟକ ଆଜି ଏହାର ସମୀକ୍ଷା କରିଛନ୍ତି। ନବୀନ ନିବାସରେ ଆୟୋଜିତ ଏହି ସମୀକ୍ଷାରେ ନୂଆପଡ଼ା ଜିଲ୍ଲା ସଭାପତି, ପରାଜିତ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ପରାଜୟର କାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



ଏହି ଅବସରରେ ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କୁ ସାହସର ସହ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନର ସରକାରଙ୍କୁ ଭୟ ନକରି ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ସରକାରଙ୍କ ବିରୋଧରେ ତୃଣମୂଳ ସ୍ତରରୁ ଲଢେଇ ଜାରି ରଖିବାକୁ ପଡ଼ିବ।

ଏହି ଆଲୋଚନା ପରେ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ କରି ସ୍ନେହାଙ୍ଗିନୀ ଛୁରିଆ ଶାସକ ଦଳ ବିଜେପି ଉପରେ ବର୍ଷିଛନ୍ତି। ସେ ଗୁରୁତର ଅଭିଯୋଗ ଆଣି କହିଛନ୍ତି ଯେ, ପ୍ରଶାସନର ସହାୟତାରେ ବୁଥ୍ ରିଗିଂ କରି ବିଜେପି ଏହି ବିଜୟ ହାସଲ କରିଛି। ବର୍ତ୍ତମାନ ପ୍ରଶାସନ ବିଜେପିର ହାତବାରିସି ସାଜି କାମ କରୁଛି ଏବଂ ବିଜେଡିର ଅଭିଯୋଗ ଶୁଣାଯାଉ ନାହିଁ। ରାଜ୍ୟରେ ଚାଷୀଙ୍କ ଧାନ କିଣାଯାଉ ନାହିଁ ଏବଂ ସରକାରଙ୍କ କଥା ଓ କାମରେ ଆକାଶ ପାତାଳ ଫରକ ରହିଛି ବୋଲି ସେ କହିଛନ୍ତି।



## ପୋଲିସ ପ୍ରତି ସାଧାରଣ ଧାରଣାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ (ଏଜେନ୍ସି): ରବିବାର ଦିନ ଦେଶର ପୋଲିସ ଅଧିକାରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଷିଦ୍ଧ ବାହାର ଲୋକଙ୍କର ନିୟମିତ ତଦାରଖ ପାଇଁ ଯନ୍ତ୍ରପାତି ପ୍ରତିଷ୍ଠା, ବାମପନ୍ଥୀ ଉଗ୍ରବାଦ (LWE) ମୁକ୍ତ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏବଂ ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅଭିନବ ମଡେଲ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ମୋଦୀ 'ବୃତ୍ତିଗତତା, ସମ୍ବେଦନଶୀଳତା, ପ୍ରତିକ୍ରିୟାଶୀଳତା ବୃଦ୍ଧି କରି ପୋଲିସ ପ୍ରତି ସାଧାରଣ ଧାରଣା, ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ପରିବର୍ତ୍ତନ କରିବାର ଜରୁରୀ ଆବଶ୍ୟକତା' ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଏବଂ

ସେ ରାୟପୁରରେ 'ବିକ୍ଷିତ ଭାରତ: ସୁରକ୍ଷା ପରିମାଣ' ବିଷୟବସ୍ତୁ ସହିତ ଅନୁଷ୍ଠିତ ୬୦ତମ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ/ନିରୀକ୍ଷକ-ଜେନେରାଲ ସମ୍ମିଳନୀରେ ବକ୍ତବ୍ୟ ରଖିଥିଲେ। ପ୍ରଧାନମନ୍ତ୍ରୀ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଘୂର୍ଣ୍ଣିଝଡ଼, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଜରୁରୀକାଳୀନ ପରିସ୍ଥିତି, ଯେଉଁଥିରେ ଘୂର୍ଣ୍ଣିଝଡ଼ ଦିତୱାର ପରିସ୍ଥିତି ଅନ୍ତର୍ଭୁକ୍ତ, ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା ପାଇଁ ଯନ୍ତ୍ରପାତିକୁ ସୁଦୃଢ଼ କରିବାକୁ ପୋଲିସ ମୁଖ୍ୟମାନଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ ଯେ ନିଶା ନିୟନ୍ତ୍ରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ ପୋଲିସ ମହାନିର୍ଦ୍ଦେଶକ ଏବଂ ମହାନିରୀକ୍ଷକଙ୍କ ୬୦ତମ ସର୍ବଭାରତୀୟ ସମ୍ମିଳନୀରେ ଯୋଗ ଦେଇଥିଲେ। X/@NARENDRAMODI

ନିର୍ଯ୍ୟାତନା ପାଇଁ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଆବଶ୍ୟକ, ଯାହା କାର୍ଯ୍ୟକାରୀତା, ପୁନର୍ବାସ ଏବଂ ସମ୍ପ୍ରଦାୟ ସ୍ତରୀୟ ହସ୍ତକ୍ଷେପକୁ ଏକତ୍ରିତ କରିଥାଏ। ସେ ସହରାଞ୍ଚଳ ପୋଲିସକୁ ସୁଦୃଢ଼ କରିବା, ପର୍ଯ୍ୟଟନ ପୋଲିସକୁ ପୁନଃଜୀବିତ କରିବା ଏବଂ ନୂତନ ଭାବରେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ, ରାଜ୍ୟ ପକ୍ଷରୁ କୁହାଯାଇଛି। ସେ ପୋଲିସ ଏବଂ ବ୍ୟାପକ ପ୍ରଶାସନକୁ ନିବାସୀ ଦ୍ୱୀପପୁଞ୍ଜକୁ ଏକୀକୃତ କରିବା ପାଇଁ ଅଭିନବ ରଣନୀତି ଗ୍ରହଣ କରିବାକୁ, NATGRID ଅଧୀନରେ ସମନ୍ୱିତ ଡାଟା-ବେସର ପ୍ରଭାବଶାଳୀ ବ୍ୟବହାର କରିବାକୁ ଏବଂ କାର୍ଯ୍ୟକ୍ଷମ ବୁଦ୍ଧିମତ୍ତା ସୃଷ୍ଟି କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଏହି ସିଷ୍ଟମଗୁଡ଼ିକୁ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜଗତସିଂହପୁରରେ କାର୍ଯ୍ୟାନୁଷ୍ଠାନ କେନ୍ଦ୍ରାପଡ଼ାରେ କେବେ ?

କେନ୍ଦ୍ରାପଡ଼ା:ଦିନକୁ ଦିନ ବେଆଇନ ବାଲିଘାଟରେ ମାଫିଆମାନଙ୍କ ଦୌରାତ୍ମ୍ୟ ବଢି ଚାଲିଛି,ହେଲେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ନିକଟରେ ବାଲି ମାଫିଆମାନଙ୍କ ଉପରେ ଜଗସିଂହପୁର ରେ ଚଢ଼ଉ ହେଲା ଖୋଦ୍ ପୁଲିସ ଡିଆଇଜି ସତ୍ୟଜିତ୍ ନାୟକ ଲଘୁ ଖଣିଜ ସମ୍ପଦ ଚୋରା କାରବାର ରୋକିବା ପାଇଁ ଆରମ୍ଭ ହୋଇଥିବା ଅପରେସନ୍ 'ବାଲୁ ବଜ୍ର'ର ନେତୃତ୍ୱ ନେଇ ତିର୍ତ୍ତୋଲ ବ୍ଲକ୍‌ର ମହାନଦୀ କିଲିପାଳ ଘାଟରେ ରାତିଅଧିଆ ଚଢ଼ଉ କରି ୪୬ଟି ହାଇୱା, ୩ଟି ଏକ୍ସାଭେର୍ଟ ଜବତ କଲେ। କିନ୍ତୁ ପଡୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର,କେନ୍ଦ୍ରାପଡ଼ା ମହାକାଳପଡ଼ା, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଞ୍ଚଳର ୧୦ରୁ ଅଧିକ ବେଆଇନ ଘାଟରୁ ବେଧଡ଼କ ବାଲି ଉଠୁଥିବା ଅଭିଯୋଗ ହେଉଥିଲେ ମଧ ପ୍ରଶାସନର ଚଢ଼ଉ ନାହିଁ। ମାଫିଆମାନେ ରାତାରାତି ଶହଶହ ଟ୍ରିପ୍ ବାଲି ଖୋଳି ନେଇ ସରକାରଙ୍କୁ କୋଟିକୋଟି ଟଙ୍କାର ରାଜସ୍ୱ ଚୂନ ଲଗାଉଛନ୍ତି। ସ୍ଥାନୀୟ ତହସିଲ୍ ପ୍ରଶାସନ ଓ ସ୍ଥାନୀୟ ପୁଲିସ ଜାଣତରେ ବାଲି ଚୋରି ସିଣ୍ଡିକେଟ୍ ଚାଲିଥିବାରୁ ମାଫିଆମାନେ ବେଫିକର ହୋଇପଡ଼ିଥିବା ଆଲୋଚନା ହେଉଛି। ତେଣୁ, ଜଗତସିଂହପୁର ପରି କେନ୍ଦ୍ରାପଡ଼ାରେ ଅପରେସନ୍ 'ବାଲୁ ବଜ୍ର' କେବେ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ଏଥର ବୈଧ ବାଲିଘାଟଗୁଡ଼ିକର ଇ-ନିଲାମ କରାଯିବ ବୋଲି ଘୋଷଣା କରିଛନ୍ତି। ସରକାର ଏହି ନିଷ୍ପତ୍ତି ନେବା ସହିତ ବେଆଇନ ବାଲିଘାଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାଶାସନିକ ତନାଘନା ଆରମ୍ଭ ହୋଇଛି। ଜଗତସିଂହପୁରରେ ଗତ ନଭେମ୍ବର ୨୬ତାରିଖରେ ବାଲିଘାଟ ଉପରେ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଥିଲା। ହେଲେ, ତିର୍ତ୍ତୋଲ ବ୍ଲକ୍‌ର ପଡୋଶୀ ଗରଦପୁର ତହସିଲ୍ ଅଧୀନ ଗଦାଧର, ଅର୍ଜୁନପୁର, ଚାଟରା, ଜଗନ୍ନାଥପୁର, ବନ୍ତଳା ଆଦି ବେଆଇନ ଘାଟରୁ ବାଲି ଉଠୁଥିବା ଅଭିଯୋଗ ହେଉଥିଲେ ବି ଚଢ଼ଉ ନାହିଁ।

କେବଳ ଗରଦପୁର କାହିଁକି; ମହାକାଳପଡ଼ାର ଆଶ୍ରମ ବାଲିକୁଦା ପୋଲ ପାଖ, ମହାନଙ୍ଗଳା ଘାଟ, ରତନପୁର ଓ ପିକରାଳିରୁ ଅନୁରୂପ ଭାବେ ବାଲି ଚୋରାଚାଲାଣ ହେଉଛି। ଚାରିଦିନ ତଳେ ମାର୍ଶାଘାଇ ପୁଲିସ ମହାନଙ୍ଗଳା ଘାଟରୁ ଦୁଇଟି ଜେସିବି ମେସିନ୍ ଜବତ କରିଥିଲା ବେଳେ ବାଲି ବୋଝେଇ ହାଇୱା ଖସି ପଳାଇବାରେ ସଫଳ ହୋଇଥିଲା । ଆଶ୍ରମ ବାଲିକୁଦା ପୋଲ ପାଖରୁ ରାତିବେଳା ବାଲି ଉଠୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଆହୁରି ବଡ଼ କଥା ହେଉଛି ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଅମୃତମଣୋହି ଗ୍ରାମବାସୀ ବେଆଇନ ବାଲି ଚାଲାଣକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଲେ । ଗାଁ ରାସ୍ତାରେ ବାଲି ଗାଡ଼ି ଚଳାଇଦେବୁ ନାହିଁ ବୋଲି କହି ମହିଳାମାନେ ରାତିସାରା ଉଜାଗର ରହି ଜଗିଲେ । ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ହେଉଛି ଯେ ଦିନରାତି ବ୍ରାହ୍ମଣୀ ନଦୀପଠାରୁ ବେଆଇନ ଭାବେ ବାଲି ଉଠାଯାଉଥିବାରୁ ଗାଁ କଂକ୍ରିଟ୍ ରାସ୍ତା ନଷ୍ଟ ହେଉଛି । ବାଲି ବୋଝେଇ ଟ୍ରାକ୍ଟର୍ ଓ ହାଇୱା ଚାଲୁଥିବାରୁ ଅମୃତମଣୋହୀ ନୋଡାଲ୍ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଅମୃତମଣୋହୀ ବାଳିକା ଉଚ୍ଚବିଦ୍ୟାଳୟକୁ ଆସୁଥିବା ପିଲାମାନେ ରାସ୍ତାରେ ଚଳପ୍ରଚଳ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ତୁରନ୍ତ ବାଲିଘାଟ ସହ ଗାଁ ରାସ୍ତାରେ ଚାଲୁଥିବା ବାଲିଗାଡ଼ି ବନ୍ଦ କରିବାକୁ ସୁଶାନ୍ତ ମଳିକ, ସତ୍ୟବ୍ରତ ମଳିକ, ହେମନ୍ତ ମଳିକ, ଅଜୟ ମଳିକଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି। ଏଭଳି ସ୍ଥିତିରେ ବାଲି ଚୋରା କାରବାର ରୋକିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ତୁରନ୍ତ ଅପରେସନ୍ 'ବାଲୁ ବଜ୍ର' ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

## ୨୮ବର୍ଷ ପରେ ଆଲୁଅ ଦେଖିଲା ସୁବର୍ଣ୍ଣପୁର

ଭଞ୍ଜନଗର/ ଧରାକୋଟ: ସୁବର୍ଣ୍ଣପୁରବାସୀଙ୍କ ୨୮ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ଗାଁରେ ବିଜୁଳି ଆଲୁଅ ଜଳିଛି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ଝାଡ଼ବନ୍ଧ ପଞ୍ଚାୟତର ଉପାନ୍ତ ଗ୍ରାମ ସୁବର୍ଣ୍ଣପୁରର ୩୦ ପରିବାର ନିକଟରେ ବିଜୁଳି ପହଞ୍ଚିବା ପରେ ସେମାନଙ୍କ ଆନନ୍ଦ କହିଲେ ନସରେ । ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତିଭାସନ୍ ଆଜି ଗାଁରେ ପହଞ୍ଚି ସୁଇଚ୍ ଟିପି ବିଦ୍ୟୁତ୍ ସଂଯୋଗ ଶୁଭାରମ୍ଭକରିଛନ୍ତି। ଦୀର୍ଘ ଦିନ ଧରି ଏହି ଗ୍ରାମବାସୀ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ଥିବା ସହିତ ବିଜୁଳି ଆଲୁଅ ଅଭାବରୁ ଦୁର୍ବିସହ ଜୀବନ ବିତାଉଥିଲେ । କିରାସିନି ଅଭାବରୁ ରାତିରେ ମହମବତି ଆଲୁଅରେ ପିଲାମାନେ ପାଠ ପଢୁଥିଲେ। ଭୁବନେଶ୍ୱରରେ ଆୟୋଜିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏ କଥା ଉଲ୍ଲେଖ କରି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପ୍ରଶାସନିକ କଳ, ବହୁ ଉଚ୍ଚ ଅଧିକାରୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିଥିଲେ । ଗ୍ରାମର ୩୦ରୁ ଅଧିକ ପରିବାରର ସଦସ୍ୟ ହେଉଛନ୍ତି ୧୫୦ରୁ ଅଧିକ ପ୍ରାୟ ୩୦ ଛାତ୍ରଛାତ୍ରୀ ନିକଟ ସିଙ୍ଗିପୁର ଗାଁ ବିଦ୍ୟାଳୟକୁ ପଢ଼ିବାକୁ ଯାଉଛନ୍ତି। ସବୁବେଳେ ହିଂସ୍ରଜନ୍ତୁଙ୍କ ଭୟ। ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ କୌଣସି ସୁଫଳ ମିଳୁନଥିଲା । ଗାଁକୁ ରାସ୍ତା ନଥିବାରୁ ସ୍ୱାସ୍ଥ୍ୟସେ ଐଜଇ ସ୍ଥ୍ୟସେବାରୁ ଲୋକେ ବଞ୍ଚିତ। ସମ୍ବାଦ ପତ୍ର ରୁ ଏହି ଖବର ଜାଣିବା ପରେ ତୁରନ୍ତ ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଗ୍ରାମେ ଗ୍ରାମେ ମହାପ୍ରଭୁଙ୍କ ଦିବ୍ୟଚେତନାର ବାର୍ତ୍ତା

ଭୁବନେଶ୍ୱର: ଓସ୍ତପଡା ଚାରଣ ଶାଖାର ଦଳପତି ଚନ୍ଦନ ସାହୁଙ୍କ ପ୍ରଚେଷ୍ଟାରେ ଶ୍ରୀଜଗନ୍ନାଥ ଦିବ୍ୟ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମାଆ ଶାଙ୍କେନୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଶ୍ରୀଯୁକ୍ତ ବଳଭଦ୍ର ମହାପାତ୍ର ଏବଂ ଚୈତନ୍ୟ ଚେତନା ଆଶ୍ରମର ମଠାଧୀଶ ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ ଯୋଗଦାନ କରି ମହାପ୍ରଭୁଙ୍କ ଦିବ୍ୟ ଚେତନା ଉପରେ ପ୍ରବଚନ ରଖିଥିଲେ। କଟକ ଜିଲ୍ଲା ସଂଗଠକ ତରଣୀସେନ ଲେଙ୍କା ମହାପ୍ରଭୁଙ୍କ ସାଜସଜ୍ଜା କରିବା ସହିତ ସୁସ୍ଥ ସମାଜ ଗଠନ ଦିଗରେ ଶ୍ରୀଜଗନ୍ନାଥ ଚେତନା ହିଁ ଏକମାତ୍ର ମନୁଷ୍ୟ ଜୀବନର ମାର୍ଗଦର୍ଶନ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଡଃ ଶୁଭେନ୍ଦୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଗ୍ରାମେ ଗ୍ରାମେ ମହାପ୍ରଭୁଙ୍କ ଦିବ୍ୟ ଚେତନା ପ୍ରଚାର କାର୍ଯ୍ୟକ୍ରମ ଯୋରଦାର ଭାବରେ ଚାଲୁଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଲିଙ୍ଗରାଜ ପତି ମହାପ୍ରଭୁଙ୍କ ଆଜ୍ଞା ନେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମଧୁପୁର ଶାଖା ଦଳପତି ଭାସ୍କର ପ୍ରଧାନ,ବାଲିପଡା ଶାଖା ଦଳପତି ଉମେଶ ବସ୍ତିଆ, ବାରଙ୍ଗ ଶାଖା ବରିଷ୍ଠ ଚାରଣ ଦିଲ୍ଲିପ ପାଣି, ଖାନନଗର ଶାଖା ଦଳପତି ବସନ୍ତ କୁମାର ସାହୁ, କାଜିଡିହ ଶାଖା ଦଳପତି ସତ୍ୟନାରାୟଣ ସେନାପତି, ପିଠାପୁର ଶାଖାର ଯୁବ ଚାରଣ ଇଂ ତାରେଣୀ ରଥ,ରୀନା ବସ୍ତିଆ,ଜଗତପୁର ଶାଖା ଉପ ଦଳପତି ସୁଶୀଲ କୁମାର ବେହେରା ସମେତ ବହୁତ ଚାରଣ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ନଳକୂପ ଖନନ ଓ ମରମତି କାର୍ଯ୍ୟରେ ବ୍ୟାପକ ଦୁର୍ନୀତିର ଅଭିଯୋଗ

କଳାହାଣ୍ଡି: କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅଧୀନରେ ରେ ପ୍ରାୟ ଦଶ ବର୍ଷ ରୁ ଉର୍ଦ୍ଧ ସମୟ ଧରି ଗାଦି ମାଡି ବସିଥିବା ନର୍ଲା ବ୍ଲକ୍ ରେ କାର୍ଯ୍ୟରତ ଆର୍ ଡବ୍ଲ୍ୟୁ, ଏସ,ଏସ,ଯନ୍ତ୍ରୀ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ସୁନା ନୀ ଙ୍କ ବିରୋଧରେ ବିଭିନ୍ନ ସମୟରେ ସଂଗୀନ ଅଭିଯୋଗ ମାନ ହୋଇ ଆସୁଛି ପ୍ରାପ୍ତ ସୂଚନା ଅନୁଯାୟୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ରେ ବାର୍ଷିକ ଶହ ଶହ ନଳକୂପ ଖନନ ଓ ହଜାର ହଜାର ସଂଖ୍ୟାରେ ନଳକୂପ ମରାମତି ସମୟରେ ବ୍ୟବହୃତ କରାଯାଉଥିବା ଯନ୍ତ୍ରାଂଶ ଗୁଡ଼ିକ ବାସ୍ତବ କାର୍ଯ୍ୟରେ ନ ଲାଗି କାଗଜ କଲମରେ କିଣା ଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଉଛି ପ୍ରକାଶ ଥାଉକିଯେ, ବାର୍ଷିକ କିଣା ଯାଉଥିବା ମୋଟ୍ ବ୍ୟୟ ଅଟକଳ ର ତିରିଶ ପ୍ରତିଶତ ପ୍ରକୃତ ଯନ୍ତ୍ରାଂଶ ନଳକୂଅ ମାନଙ୍କରେ ବ୍ୟବହୃତ ହେଉଥିବା



ବେଳେ ସତୁରି ପ୍ରତିଶତ ମିଥ୍ୟା ବିଲ୍ କରାଯାଇ ସରକାରୀ ଅର୍ଥ ଆତ୍ମସାତ କରୁଥିବାଜଣା ପଡିଛି ତେଣୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି, ଖାଲି ସେତିକି ନୁହେଁ, ବାର୍ଷିକ ଭ୍ରାମ୍ୟମାଣ ପାନୀୟ ଜଳ ଯୋଗାଣ ଓ ମରାମତି କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଚାରିଚକିଆ ଯାନ ରେ ମଧ ପାଞ୍ଚ କିଲୋମିଟର ଜାଗାରେ ପଚାଶ କିଲୋମିଟର ରିଡ଼ିଙ୍ଗ ଦେଖାଇ ତେଲ ଓ ଗାଡି ଓ ଭଡ଼ା ଲେବର ଚାର୍ଜ ଅର୍ଥ ଆତ୍ମସାତ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି କୃଷକ ନେତା ଦୁର୍ଯ୍ୟୋଧନ କୁମାର

ନଳକୂପ ମରାମତି ସମୟରେ ଖରାପ ଯନ୍ତ୍ରାଂଶ ଗୁଡ଼ିକ ସରକାରୀ ନିୟମ ଅନୁଯାଇ ଫେରସ୍ତ ନିଆଯାଇ ବ୍ଲକ ର ବିଭାଗୀୟ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟରେ ମହଯୁତ ରହିବା କଥା ତାହା ମଧ ବିନା ନିଲାମ୍ ଦ୍ୱାରା ସ୍ଥାନୀୟ କବାଡି ଙ୍କ ପାଖରେ ବିକ୍ରୟ କରି ଲକ୍ଷାଧିକ ଟଙ୍କା ହଡପ କରୁଥିବା ଜଣାପଡ଼ିଛି ସେହିଭଳି ଭାବରେ ଗତ ବିଜେଡି ସରକାର ଅମଳରେ ଏହି ଦୁର୍ନୀତି ଅଭିଯୁକ୍ତ ଯନ୍ତ୍ରୀ ସୁନାନି ଙ୍କ ଦାୟିତ୍ୱରେ ନିର୍ବାହ କରାଯାଇ ଥିବା କୋଟି କୋଟି ଟଙ୍କାର ଓଭର ହେଡ୍ ଟ୍ୟାଙ୍କ ପାଣି ପାଇପ ଲାଇନ୍ କାର୍ଯ୍ୟ ମଧ ଶହେ ମିଟର କାର୍ଯ୍ୟ କୁ ଦୁଇଶହ ମିଟର ମିଥ୍ୟା ବିଲ୍ କରି ଠିକାଦାର ଓ ଯନ୍ତ୍ରୀ ଙ୍କ ମିଳିଭଗତ ରେ କୋଟି କୋଟି ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଛି !ତତ୍ ସହିତ ଇସିଏମ୍ ମାନ ଙ୍କ ତାଲିମ୍ କାର୍ଯ୍ୟରେ ମଧ ଲକ୍ଷାଧିକ ଟଙ୍କାର ଘୋଟାଲା ହୋଇଥିବା ଘଟଣା ସମ୍ନାକୁ ଆସିଛି ।

# ରୋଗ ଓ ଭୋକ ବାଣ୍ଟୁଛି ବେଦାନ୍ତ ତ୍ରାହିତ୍ରାହି ଡାକୁଛି ଲାଞ୍ଜିଗଡ଼

କଳାହାଣ୍ଡି: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ସୁନାର ଗଡ଼ ହେବ,ଝାଟିମାଟି ଘର ହେବ ରାଜନଅର,ଦାଉ ସାଧିବନି ରୋଗ ଦାଦନ ଖଟିବେନି ପୁଅ ନାତି। ବେଦାନ୍ତ ଦେଖେଇ ଥିଲା ଏମିତି ସୁନାର ସ୍ୱପ ।ହେଲେ, ବେଦାନ୍ତ କମ୍ପାନୀ ସ୍ଥାପନ ହୋଇ ଦୀର୍ଘ ୨୩ ବର୍ଷରୁ ଉର୍ଦ୍ଧ ହୋଇଗଲା ହେଲେ ବେଦାନ୍ତର ପାରିପାର୍ଶ୍ୱିକ ଅଞ୍ଚଳରେ କୋଉଠି ବିକାଶ ହୋଇପ ।ରିଲା ନାହିଁ ।ଯେତେବେଳେ ବେଦାନ୍ତ କାରଖାନା ସ୍ଥାପନ ହେଲା ସେତେବେଳେ ପାରିପାର୍ଶ୍ୱିକ ଅଞ୍ଚଳ ବାସୀଙ୍କୁ ଦ୍ୱିତୀୟ ମୁମ୍ବାଇ କରାଯିବ ବୋଲି ପ୍ରତିଶୃତି ଦେଇଥିଲା । କୌଣସି ଲୋକ ଭୋକିଲା ରହିବେ ନାହିଁ, ସମସ୍ତେ କମ୍ପାନୀରେ ନିଯୁକ୍ତି ପାଇବେ,ଓ କୌଣସି ଲୋକଙ୍କ ଅସୁବିଧା ରହିବ ନାହିଁ ଏମିତି ଅନେକ ପ୍ରତିଶୃତି ଦେଇ ଗରିବ ନିରୀହଙ୍କ ଜମି, ଘରଦ୍ୱାର ଛଡେଇ ନେଲା ବେଦାନ୍ତ।ସବୁ ଗାଁ ଗାଁରେ ଗ୍ରାମ ସଭା ହେଲା ଲୋକେ ମଧ୍ୟ ଆମ ଦୁଃଖ ଦୂରହେବ ବୋଲି ସହମତି ପ୍ରକାଶ କଲେ ।ବେଦାନ୍ତ କାରଖାନା ସ୍ଥାପନ ହେଲା ହେଲେ ଦ ।ର୍ଘ ୨୩ ବର୍ଷ ହେଲା, ବେଦାନ୍ତ ମେଲିଲା କାୟା, ହେଲେ ଯଥା ପୁର୍ବଂ ତଥା ପରଂ ନ୍ୟାୟରେ ପ ।ରିପାର୍ଶ୍ୱିକ ଅଞ୍ଚଳରେ କୌଣସି ବିକାଶ ବର୍ଷ ବର୍ଷ ଧରି ହୋଇ ପାରିଲା ନାହିଁ ।ନୂଆ ମୁମ୍ବାଇ ର ସ୍ୱପ୍ନ ଦେଖି ଦେଖି ରୋଗ ବିଛଣା ରେ ପଡି ପଡି କେତେ ଗଲେଣି।

ନିଜ ଅଞ୍ଚଳର ଶିକ୍ଷିତ ଯୁବକ ଯୁବତୀ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଧାଡି ଲାଗିଲେ। ବାହାର ରାଜ୍ୟରୁ ଶ୍ରମିକ ଆଣି କାରଖାନା ଚାଲିଲା ।ଅଞ୍ଚଳବାସୀଙ୍କ ବିକାଶ ତ ଦୂରର କଥା ଏବେ ବାସି ପାଣିରେ ପଚାରୁ ନାହାନ୍ତି ବେଦାନ୍ତ କର୍ତ୍ତୃପକ୍ଷ ।ଏହାକୁ ନେଇଁ ପାରିପାର୍ଶିକ ଅଞ୍ଚଳବାସି ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ହେଲେ ବିଭଗୀୟ ମନ୍ତ୍ରୀ ଓ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି । ଏବେ ଏକ ବିରାଟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏମାନେ ଗୁହାରି କରିବେ କାହାକୁ, ଅ ।ଉ ଶୁଣିବ କିଏ ? ବେଦାନ୍ତ ପାରିପାର୍ଶ୍ୱିକ ଅଞ୍ଚଳରେ ୭ ଗୋଟି ପଞ୍ଚାୟତ, ବସନ୍ତ ପଡ଼ା, ବାତେର ଲିମା, ଜଗନ୍ନାଥ ପୁର, ଛତ୍ରପୁର, ଚମ୍ପଦେଇ ପୁର, ଲାଞ୍ଜିଗଡ଼, ତ୍ରିଲୋଚନ ପୁର, ଆଦି ପଞ୍ଚାୟତର ୨ ସହରୁ ଉର୍ଦ୍ଧ୍ୱ ଗାଁ ଲୋକେ ନାହିଁ ନ ଥିବା ଅ



## ଧୂଳି ଧୂଆଁରେ ଅତିଷ୍ଠ ପାରିପାର୍ଶିକ ଅଞ୍ଚଳବାସୀ ନୂଆ ମୁମ୍ବାଇର ସ୍ୱପ୍ନ ଆଜି ଦଲାଲ୍‌ଙ୍କ କବ୍ଜାରେ

ସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କର ଜମି ଗଲା, ଘର ଗଲା, ସେମାନଙ୍କୁ ଥଇଥାନ ଓ ନିଯୁକ୍ତି ଦେବା ପାଇଁ ପ୍ରତିଶୃତି ଦେଇଥିଲା ବେଦାନ୍ତ କମ୍ପାନୀ । ହେଲେ ଦୀର୍ଘ ୨୩ବର୍ଷ ପରେ ମଧ୍ୟ ନିଦାବିଷ୍ଟୁ ସାଜିଛନ୍ତି ବେଦାନ୍ତ କର୍ତ୍ତୃପକ୍ଷ । ହଁ କିଛି ଦଲାଲ୍ ଙ୍କ ଦଲାଲୀ ବଢ଼ିଛି। ୨୩ ବର୍ଷ ଭିତରେ ଚା'ବିକାଳୀର ବଦଳିଛି ରୂପଭେକ, ବେଦାନ୍ତ ଅଧ ।କାରୀମାନଙ୍କ ଠୁଁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କ ଗେହ୍ଲା ପୁଅ।

ଯେଉଁ ଲାଞ୍ଜିଗଡରେ ବେଦାନ୍ତ କାରଖାନା ଗଢି ଉଠିଛି ସେହି ଗାଁର ରାସ୍ତା ଘାଟ,ପାନୀୟଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ,ଏଭଳି ବିଭିନ୍ନ ମୌଳିକ ସୁବିଧାରୁ ଏବେବି ବନ୍ଚିତ ଅନ୍ଚଳ ବାସୀ।ଯେତେବେଳେ ବେଦାନ୍ତ କମ୍ପାନୀ ଅ ।ସିଥିଲା ସେତେବେଳେ ପାରିପାର୍ଶିକ ଅଞ୍ଚଳ ବାସି ଆମ ଭାଗ୍ୟ ବଦଳି ଯିବବୋଲି ବେଦାନ୍ତକୁ ସ୍ୱାଗତ କରିଥିଲେ । ହେଲେ ସେହି ସ୍ୱପ୍ନ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଛି । ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀ ନିଜ ଅଞ୍ଚଳରେ ଥିବା ବେଦାନ୍ତ କମ୍ପାନୀରେ ନିଯୁକ୍ତି ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ କିଏ ପଙ୍ଗୁ ହୋଇ ଫେରୁଛି ତ କିଏ ଶବ ହୋଇ ଫେରୁଛି । ନିଜ ଅଞ୍ଚଳରେ ବେଦାନ୍ତ କମ୍ପାନୀ ଥାଇ ବାହାର ରାଜ୍ୟକୁ ଶିକ୍ଷିତ ଯୁବକ ଯୁବତୀ ମାନେ ଦାଦନ ଖଟିଯିବ କେତେଦୂର ଯଥାର୍ଥ ବୋଲି ଚର୍ଚ୍ଚା ଜୋର ଧରିଛି ।ବେଦାନ୍ତ ପାରିପାର୍ଶ୍ୱିକ ଅଞ୍ଚଳର ସମସ୍ୟାକୁ ନେଇଁ ବେଦାନ୍ତ କାରଖାନା ମୁଖ୍ୟ ଫାଟକରେ ପ୍ରତିଦିନ ବିଭିନ୍ନ ଗାଁଲୋକେ ବେଦାନ୍ତ ବିରୋଧରେ ଗର୍ଜନ ଛାଡୁଛନ୍ତି ତଥାପି ନିଦାବିଷ୍ଟୁ କାହିଁକି ବେଦାନ୍ତ କର୍ତ୍ତୃପକ୍ଷ । ଲାଞ୍ଜିଗଡ଼ ଅଞ୍ଚଳର କିଛି କୁଜିନେତା ଓ ବେଦାନ୍ତ ଦଲାଲ, ଠିକାଦାର ଓ ପୋଲିସକୁ ଲଗାଇ ନାଲି ଆଖି ଦେଖାଇ ଲୋକଙ୍କୁ ଡରାଉଛି ବେଦାନ୍ତ କମ୍ପାନୀ । ହେଲେ ବର୍ତମାନ ବିଭିନ୍ନ ଗାଁରେ ଏକ ଜୁଟ ହୋଇ ଆଗାମୀ ଦିନରେ ବେଦାନ୍ତ କମ୍ପାନୀ ବିରୋଧରେ ଏକ ବିରାଟ ଆନ୍ଦୋଳନକୁ କେହି ରୋକି ପାରିବେ ନାହିଁ ବୋଲି ଆଶଙ୍କା ହେଉଛି ।ଏତେ ବିରୋଧ ପ ।ରେବି ବେଦାନ୍ତ କର୍ତ୍ତୃପକ୍ଷ ନିରବ କାହିଁକି ?କାହିଁକି ନିରବ ପ୍ରଶାସନ ? କାହିଁକି ନିରବ ନୂଆ ସ୍ୱପ୍ନ ଦେ ଖାଇ ଥିବା ସରକାର? ଏହି ଅଞ୍ଚଳ ସମସ୍ୟାର ସମାଧାନ ହେବ କେବେ ? ଏମିତି ଅନେକ ପ୍ରଶ୍ନ ଅଞ୍ଚଳବାସୀଙ୍କ ମନରେ। କେବେ ମିଳିବ ଏହାର ଉତ୍ତର ?କେବେ ଏଠି ଗଢ଼ି ଉଠିବ ନୂଆ ମୁମ୍ବାଇ ? ଆମେ ବି ଅପେକ୍ଷା ରେ ।

# ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ

ଭୁବନେଶ୍ୱର:ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅ ।ୟୋଜିତ ହେଉଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ୧୦ମ ଦିନ ସୁଦ୍ଧା (ଡିସେମ୍ବର ୬ ତାରିଖରୁ ୧୫ ତାରିଖ) ୫କୋଟି ର ବ୍ୟବସାୟ ।ଏହି ମହୋତ୍ସବ ଭୁବନେଶ୍ୱରସ୍ଥିତ ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ଆୟୋଜନ କରାଯାଉଛି ।ପୁସ୍ତକ ମେଳାର ଆଜି ଅନ୍ତିମ ଦିନ। ଗତ ଶନିବାର ଠାରୁ ପ୍ରଦର୍ଶନୀ ପଡିଆରେ ପାଠକମାନଙ୍କର ବେଶ୍ ଭିଡ ଦେଖିବାକୁ ମିଳୁଛି। ପାଠକମାନଙ୍କର ପୁସ୍ତକ ପ୍ରତି ରହିବା ଭଲ ପାଇବା ଏବଂ ଲେଖକ, ପାଠକ ଓ ପ୍ରକାଶକ ତଥା ସର୍ବୋପରି ସାହିତ୍ୟ ଜଗତର ସ୍ୱର୍ଣ୍ଣମଭବିଷ୍ୟତକୁ ସୂଚିତ କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ଇଣ୍ଟରନେଟ ଓ ଜଗତୀକରଣର ଦୁନିଅ ।ରେ ବହିର ଚାହିଦା କମିନି, ବରଂ ବେଶ୍ ବଢିଛି ଏବଂ ଯୁବ ପାଠକ ମାନେ ବହି କିଣିବା ପାଇଁ ପୁସ୍ତକ ମହୋତ୍ସବର ଷ୍ଟଲ ମାନଙ୍କରେ ଭିଡ଼ ଜମାଉଛନ୍ତି। ଗତ ୧୫ ତାରିଖ ଦିନ ଓଡ଼ିଶା ବିଧାନସଭା ପାଠାଗାର ସବ-କମିଟିର ସଦ ସ୍ୟମାନେ ପୁସ୍ତକମେଳା ପରିଦର୍ଶନରେ ଆସି ଓଡ଼ିଶା ବିଧାନସଭା ପାଠାଗାର ପାଇଁ ପୁସ୍ତକ ଚୟନ କରିଛନ୍ତି । ବିଧାନସଭା ପାଠାଗାର ସହ-କମିଟିର ଅଧ୍ୟକ୍ଷ ତଥା ବିଧାୟକ କୋରେଇ ଶ୍ରୀ ଆକାଶ ଦାସ ନାୟକ,ସଦସ୍ୟ ବିଧାୟକ ଜୟଦେବ ଶ୍ରୀ ନବ ନିଶୋର ମଲ୍ଲିକ,ବିଧାୟକ ପାଟକୁରା ଶ୍ରୀ ଅରବିନ୍ଦ ମହାପ ।ତ୍ର, ବିଧାନସଭାର ଯୁଗ୍ମ ସହସଚିବ ଶ୍ରୀ ବିଦ୍ୟାଧର ମାଝୀ, ବରିଷ୍ଠ ଗବେଷଣା ଅଧିକାରୀ ଶ୍ରୀ ପ୍ରଦୀପ କୁମାର କୁରୁ,ଗବେଷଣା ଅଧିକାରୀ ଶ୍ରୀ ଜୟକୃଷ୍ଣ ପ୍ରଧାନ,ଉପନିର୍ଦ୍ଦେଶକ ଶ୍ରୀ ବ୍ୟୋମଜିତ ମହାନ୍ତି,ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ବିଷ୍ଣୁ ପ୍ରିୟା ମଲ୍ଲିକ ପ୍ରମୁଖ ପୁସ୍ତକ ମହୋତ୍ସବରେ ବିଭିନ୍ନ ଷ୍ଟଲ ବୁଲିବା ସହ ଓଡ଼ିଶା ବିଧାନସଭା ପାଠାଗାର ପାଇଁ ପୁସ୍ତକ ଚୟନ କରିଥିଲେ। ବିଶେଷକରି ଓଡ଼ିଶାର ବରପୁତ୍ର ଓ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଧ ।ରିତ ପୁସ୍ତକକୁ ଚୟନ କରାଯାଇଛି ଏବଂ ଏହାକୁ ବିଧାନସଭା ପାଠାଗାରରେ ସ୍ଥାନିତ କରାଯିବ।ବିଧାନସଭା ପାଠାଗାର ସବ-କମିଟିର ସଦସ୍ୟମାନଙ୍କ ଦ୍ୱାରା ମନୋ ନୀତ ହୋଇଥିବା ସମସ୍ତ ପୁସ୍ତକଗୁଡ଼ିକର ସର୍ବମୋଟ ମୂଲ୍ୟ ପ୍ରାୟ ୭ଲକ୍ଷ ଟଙ୍କା ବୋଲି ସୂଚନା ମିଳିଛି।

ଚଳିତ ବର୍ଷ ପୁସ୍ତକ ମହୋତ୍ସବରେ ମୁଖ୍ୟତ ମହାବିଦ୍ୟାଳୟ ଓ ବିଶ୍ୱବିଦ ୟାଳୟ ର ଛାତ୍ରଛାତ୍ରୀମାନେ ଅଧିକ ପାଠ୍ୟ ପୁସ୍ତକ କିଣିବା ପାଇଁ ଷ୍ଟଲ୍ ରେ ଭିଡ଼ ଜମାଉଛନ୍ତି । ବିଶେଷ ଭାବରେ ଓଡ଼ିଆ ଅଧ୍ୟୟନ ଏବଂ ଗବେଷଣା ସଂସ୍ଥାର ପିଲାମାନ ଡ଼ିପ୍‌ଲୋମା ଏବଂ ବିଟେକ୍ ଛାତ୍ରଛାତ୍ରୀମାନଙ୍କ ଓଡ଼ିଆ ଭାଷାରେ ଲିଖିତ ଡିପ୍‌ଲୋମା, +୨ ବିଜ୍ଞାନ ଏବଂ ବିଟେକ ପାଠ୍ୟକ୍ରମର ପୁସ୍ତକ କିଣୁଛନ୍ତି ଓ ଓଡ଼ିଆ ଭାଷା ଏବଂ ଗବେଷଣା ସଂସ୍ଥା ପକ୍ଷରୁ ଡିପ୍‌ଲୋମା, +୨ ବିଜ୍ଞାନ ଏବଂ ବିଟେକ ପାଠ୍ୟକ୍ରମର ପୁସ୍ତକ ଓଡ଼ିଆ ଭାଷାରେ ପ୍ରକାଶିତ ହେଉଛି ।





ଅପରପକ୍ଷରେ ଏଥର ଅନୁବାଦ ସାହିତ୍ୟ ପ୍ରତି ପାଠକମାନଙ୍କର ରୁଚି ବେଶ୍ ବଢ଼ିଛି । ଅନୁବାଦ ସାହିତ୍ୟ ପରିଷଦ ଟ୍ରଷ୍ଟ ଷ୍ଟଲରେ ପାଠକଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଭିନ୍ନ ଅଞ୍ଚଳିକ ଓ ବିଦେଶୀ ଭାଷାରେ ଲିଖିତ ପୁସ୍ତକ ର ଓଡ଼ିଆ ଅନୁବାଦକୁ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି । ଅନୁବାଦ ସାହିତ୍ୟ ପରିଷଦ ଟ୍ରଷ୍ଟ ପକ୍ଷରୁ ଏଯାବତ୍ ୧୦୦ରୁ ଉର୍ଦ୍ଧ ପୁସ୍ତକକୁ ଅନୁବାଦିତ କରାଯାଇଛି ବୋଲି ପ୍ରକାଶକ ନିଜର ମତ ରଖୁଛନ୍ତି। ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ୫୫୦ଟି ଷ୍ଟଲ୍ ନିର୍ମାଣ ହେବା ସହ ୨୦୦ରୁ ଉର୍ଦ୍ଧ ପ୍ରକାଶକ ଓ ପୁସ୍ତକ ବିକ୍ରେତା ପୁସ୍ତକ ମହୋତ୍ସବରେ ଅ ଂଶଗ୍ରହଣ କରିଛନ୍ତି। ପାଠକମାନେ ବହି କିଣିବା ସହ କୋରାପୁଟ କଫିର ମଜା ନେଉଛନ୍ତି ଓ ଫୁଡ଼ ଷ୍ଟଲରେ ଖାଦ୍ୟକୁ ବେଶ୍ ପସନ୍ଦ କରୁଛନ୍ତି ।

# ବିଧାୟକଙ୍କ, ଭତ୍ତା ଏବଂ ପେନସନ ସମ୍ପର୍କିତ ବୃଦ୍ଧି ନ କରିବା ଦାବିରେ ସିପିଆଇ (ଏମ୍) ତରଫରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର: ଓଡ଼ିଶା ବିଧାନସଭାରେ ପାରିତ ହୋଇଥିବା ବିଧାୟକ, ପୂର୍ବତନ ବିଧାୟକ ମାନଙ୍କ ପାଇଁ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି (ସଂଶୋଧନ) ବିଲ୍ - ୨୦୨୫, ବାଚସ୍ପତିଙ୍କ ଦ ରମା ଏବଂ ଭତ୍ତା (ସଂଶୋଧନ) ବିଲ୍ ୨୦୨୫, ବାଚସ୍ପତିଙ୍କ ଦରମା -ଭତ୍ତା (ସଂଶୋଧନ) ବିଲ୍ -୨୦୨୫, ମନ୍ତ୍ରୀ ମାନଙ୍କର ଦରମା ଏବଂ ଭତ୍ତା (ସଂଶୋଧନ) ବିଲ୍ -୨୦୨୫ କୁ ମାନନୀୟ ରାଜ୍ୟପାଳ ମହୋଦୟ ମଞ୍ଜୁରୀ ନ ଦେବାପାଇଁ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥ ରେ ବିଲ୍ ଗୁଡିକୁ ଡିକୁ ଫେରାଇ ଦେବା ଦାବି କରି ସି ପି ଆଇ (ଏମ୍) ତରଫରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧ ଦଳ ରେ ସି ପି ଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସି ପି ଆଇ (ଏମ୍) ର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ କୁମାର ଦ ।ସ, ପୁଷ୍ପା ଦାଶ ଏବଂ ବଦ୍ରୀ ନାରାୟଣ ଦାଶ ପ୍ରମୁଖ ନେତୃବୃନ୍ଦ ଯାଇଥିଲେ ।

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସି ପି ଆଇ ( ଏମ୍ ) ଭାରତର ମାନନୀୟା ରାଷ୍ଟ୍ରପତି ଏବଂ ଓଡ଼ିଶାର ମାନନୀୟା ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ଘୋଷଣା କରିଛି । ଏହି ସମସ୍ତ ଜନ ବିରୋଧୀ ବିଲ୍ ଗୁଡିକୁ ତୁରନ୍ତ ପ୍ରତ୍ୟାହର କରିବା ପାଇଁ ସି.ପି. ଆଇ. (ଏମ୍.) ତରଫରୁ ଦାବି କରାଯାଇଛି । ଓଡିଶାରେ ଭୟ ଭୟଙ୍କର ବେକାରୀ ସମସ୍ୟା, ଗମ୍ଭୀର ଦାଦନ ସମସ୍ୟା, କୃଷି ସଂକଟ, ଆକାଶ ଛୁଆଁ ଦରବୃଦ୍ଧି, ଋଣଭାର ର ବୋଝ, ସକଳ ସ୍ତରର ଶ୍ରମିକ ଏବଂ କର୍ମଚାରୀ ମାନେ ନ୍ୟାୟ ସଙ୍ଗତ ସର୍ବନିମ୍ନ ମଜୁରୀ ପାଉ ନଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପାଇଁ ଏହିଭଳି ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ଚରମ ଅନ୍ୟାୟ ଏବଂ ଜନ ବିରୋଧୀ ନୀତି ବୋଲି ସି.ପି.ଆଇ. (ଏମ୍) ତରଫ ରୁ କୁହାଯାଇଛି । ସରକାର ଏବଂ ବିଧାୟକ ମାନେ ଦେଶ ଓ ରାଜ୍ୟର ମାଲିକ ନୁହଁନ୍ତି । ଜନଗଣ ହିଁ ଦେଶ ଓ ରାଜ୍ୟ ର ମାଲିକ । ସଂସଦୀୟ ବ୍ୟବସ୍ଥାରେ ସଂସଦ ଏବଂ ବିଧାନସଭା ରେ ଲୋକଙ୍କ ସ୍ୱାର୍ଥ ପାଇଁ ନିତୀ ପ ।ଣୟନ କରିବା ହେଉଛି ବିଧାୟକ ଏବଂ ସାଂସଦ ମାନଙ୍କର ମୌଳିକ କାମ ଏବଂ ସାମ୍ବିଧାନିକ ଦ ।ୟୀତ୍ୱ । କିନ୍ତୁ ବିଡମ୍ବନା ର ବିଷୟ ହେଉଛି ଯେ ଓଡିଶାରେ ଜନ ପ୍ରତିନିଧୂ ମାନେ ନିଜ ସ୍ୱାର୍ଥ ପାଇଁ ଶାସକ – ବିରୋଧୀ ଏକାଠି ହୋଇ ଲୁଟିବା ପାଇଁ ଆଇନ ପ୍ରଣୟନ କରୁଛନ୍ତି । ବର୍ଦ୍ଧିତ ଦରମା ଏବଂ ଭତ୍ତା ସବୁ ରାଜ୍ୟର ମାସିକ ଦରମା ଏବଂ ଭତ୍ତା କୁ ଅତିକ୍ରମ କରି ମାସିକ ୩,୪୫,୦୦୦/ ରେ ପହଞ୍ଚିବା ଓଡ଼ିଶାବାସୀଙ୍କ ଯନ୍ତ୍ରଣା ଏବଂ ସମସ୍ୟା ପ୍ରତି କ୍ରୂର ଉପହାସ ବ୍ୟତୀତ ଅନ୍ୟ କିଛି ନୁହେଁ। କୃଷକ ଆନ୍ଦୋଳନ ଏବଂ ଜନ ସାଧାରଣଙ୍କ ଚାପ ରେ ଜନ ବିରୋଧୀ ତିନୋଟି କୃଷି ଆଇନ୍ ବାତିଲ ହୋଇଥୁଲା । ବର୍ତମାନ୍ ବିଧାୟକ ମାନଙ୍କ ଦ ରମା, ଭତ୍ତା ଏବଂ ପେନସନ୍ ବୃଦ୍ଧି ସମ୍ପର୍କିତ ଜନ ବିରୋଧୀ ବିଲ୍ ଗୁଡିକ କାହିଁକି ବାତିଲ ହୋଇପ ।ରିବ ନାହିଁ ବୋଲି ସି ପି ଆଇ (ଏମ୍) ତରଫ ରୁ ଯୁକ୍ତି ଉପସ୍ଥାପନ କରାଯାଇଛି ।



# ମହାକାଳପଡ଼ାଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା/ମହାକାଳପଡ଼ା: ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପ ।ଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ । ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର,ଜିଲ୍ଲା ପରିଷଦ ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼,ବିଡିଓ ସୌମଶ୍ରୀ ମହାପାତ୍ର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣିରେ ମୋଟ ୧୧୫ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୮୭ଟି ବ୍ୟକ୍ତିଗତ ଏବଂ ୨୮ ଟି ସାମୂହିକ ଅଭିଯୋଗ ରହିଥିଲା । ସେହିପରି ୮ ହଜାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରିଛନ୍ତି । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉ କି ଡିସେମ୍ବର ମାସର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧ ।କ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ସୋମବାର ଅର୍ଥାତ ୧୫ ତାରିଖରେ ଡେରାବିଶ ବ୍ଲକ, ୨୨ ଡିସେମ୍ବରରେ ଗରଦପୁର ବ୍ଲକ ଏବଂ ୨୯ ତାରିଖରେ ରାଜନଗର ବ୍ଲକ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।



## ଲୋକ ଦେଖାଣିଆ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନ ଶିବିର

ମହାକାଳପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଜମ୍ବୁ ରେଞ୍ଜ କାର୍ଯ୍ୟାଳୟ ପରିସର ରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଓଁକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସେପଟେ ଏସିଏଫଓ ମାନସ ଦାସ ବର୍ଷ ବର୍ଷ ଧରି ରାଜନଗର ବନଖଣ୍ଡ କାର୍ଯ୍ୟାଳୟ ଙ୍କ ଅଧୀନରେ ବାବୁ ରହି ଦୁଇଥର ପଦୋନିତ ପାଇ ରହିଛନ୍ତି,! ଆଜି ର ସଭା କୁ ପରିଚାଳନା କରିଥିଲେ ମଂଚାସୀନ ଅତିଥି ଭାବେ ପରିବେଶ ପ୍ରେମୀ ବିଜୟ କବି, ହେମନ୍ତ ରାଉତ ନାମରେ ବର୍ଷ ବର୍ଷ ଧରି ବିଭିନ୍ନ ସମୟରେ ବନ ବିଭାଗ ରୁ ସ୍ୱଳ୍ପକାର୍ଯ୍ୟ କରି ଅଧିକ ପରିମାଣରେ ଅର୍ଥ ଉପାର୍ଜନ କରିବା। ସ୍ଥାନୀୟ ରେଞ୍ଜ ଅଫିସର ଶାନ୍ତନୁ ଦଳାଇ ସମସ୍ତ ଅଧିକାରୀ ଜଣା ଶୁଣା ଏସବୁ କାର୍ଯ୍ୟ ବାବଦରେ ତେବେ ଆଜିର ଏହି ମହାନ କାର୍ଯ୍ୟକ୍ରମ ଲୋକ ଦେଖାଣିଆ ବୋଲି ଖାଲି ଯାହା ଦେଖିବାକୁ ମିଳିଛି, ଆଦି ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶିବିର ଉଦ୍ଘାଟନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାରେ ସ୍ଥାନୀୟ ଅଂଚଳର ପାରମ୍ପାରିକ ମତ୍ସ୍ୟ ଜୀବି ମାନେ ଶିବିରରେ ଯୋଗ ଦେଇଥିଲେ କ୍ଷ ଶହ ଶହ ନଟିକାଲ ମାଇଲ ଦୂରରୁ ସୁରକ୍ଷିତ ପ୍ରଜନନ ଲକ୍ଷ୍ୟ ରେ ଗହୀରମଥା ଅଭୟାରଣ୍ୟ କୁ ଆସୁଥିବା ସାମୁଦ୍ରିକ କଇଁଛ ସୁରକ୍ଷା ନେଇ ଖାଲି ମତ୍ସ୍ୟ ଜୀବି ନୁହେଁ ପରିବେଶବିତ, ବନବିଭାଗ ତଟରକ୍ଷୀ ବାହିନୀ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ପୋଲିସ ପ୍ରଶାସନ ଉଭୟ ପ୍ରଚେଷ୍ଟା ଜାରି ରଖିବାକୁ ଉପସ୍ଥିତ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ ।

## କଳାହାଣ୍ଡି ଶିକ୍ଷା ବିଭାଗ ଲାଇବ୍ରେରୀ ବହି ବଣ୍ଟନରେ ମହା ଦୁର୍ନିତୀର ଗନ୍ଧ

# ଲମ୍ବିଛି ୧୩ ବ୍ଲକ୍ ପର୍ଯ୍ୟନ୍ତ ଚେର

| | | |
|---|---|---|
| ଶିକ୍ଷା ଅଧିକାରୀ କ୍ଲଷ୍ଟର ସ୍ତରରେ ଲାଇବ୍ରେରୀ କମ୍ପୋଜିଟ ଟଙ୍କା ହଡ଼ପର ଅଭଯୋଗ | ପବ୍ଲିସର ଲାଇବ୍ରେରି ବହି ମୂଲ୍ୟାଙ୍କନ ପଛରେ କାହାର ହାତ ? / କାହା ସ୍ୱାର୍ଥରେ ହେଉଛି କୋଟି କୋଟି ଟଙ୍କାର ଦୁର୍ନିତୀ | ବର୍ଷକୁ ଲକ୍ଷ ଲକ୍ଷ ଟଙ୍କାର ଲାଇବ୍ରେରୀ ବହି ନଷ୍ଟ ଉଇହୁଙ୍କା ଲାଗିଥିବା ସୂଚନା |

କଳାହାଣ୍ଡି:କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ୍ ରେ ବର୍ତ୍ତମାନ ଶିକ୍ଷା ବିଭାଗର ଲାଇବ୍ରେରୀ କେଳେଙ୍କାରୀକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରତିବର୍ଷ ସ୍କୁଲ ଗ୍ରାଣ୍ଟ୍ ନାମରେ ପ୍ରତ୍ୟେକ ବିଦ୍ୟାଳୟ କୁ ପିଲା ସଂଖ୍ୟା ଆଧାରରେ ୨୫ ହଜାର,୫୦ହଜାର ତଥା ୭୫ ହଜାର ପର୍ଯ୍ୟନ୍ତ ଅନୁଦାନ ଆସୁଛି। ବିଦ୍ୟାଳୟ ରେ ଛୋଟ ବଡ଼ ମରାମତି ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ଉକ୍ତ ଟଙ୍କା ବିନିଯୋଗ କରାଯିବା ଉଚିତ୍ ।ହେଲେ ବାପ ରାଣ ଢିଙ୍କି ଗିଳ୍ ନ୍ୟାୟ ରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଲାଇବ୍ରେରୀ ବହି ନେବା ପାଇଁ ଏକ ପ୍ରକାର ବାଧ୍ୟ କରାଯାଉଛି ବୋଲି ଶିକ୍ଷକ ମହଲରେ ଅଶାନ୍ତି ଦେଖାଦେଇଛି। ଫଳରେ ଉନ୍ନୟନ କାମ ସାଧିତ ହେଉଛି। ସମୟ ସମୟରେ ନେସନାଲ ବୁକ୍ ଟ୍ରଷ୍ଟ ରୁ ଉପାଦେୟ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ପୁସ୍ତକ ମାନ ଯୋଗାଇ ଦିଆଯାଉଛି ।ତା ପରେ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ନାକ ତଳେ ପବ୍ଲିସର୍ ଙ୍କ ମଧ୍ୟରେ ସଲାସୁତୁରା ରେ ଉଓଏଓ ଏଙଠ ମାଧ୍ୟମରେ କମ୍ପୋଜିଟ ଗ୍ରାଣ୍ଟ ଟଙ୍କା କୁ ଏଭଳି କୋଟି କୋଟି ଟଙ୍କା ପରୋକ୍ଷ ଭାବରେ ଲୁଟ୍ କୁ ନେଇ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯାହା ଫଳରେ ଲାଇବ୍ରେରି ବହି ଖତ ଖାଇ ଉଇହୁଙ୍କା ଲାଗି ନଷ୍ଟ ହେଉଛି ।ଏଭଳି ଦୁର୍ନିତୀ ଉପରେ ବିଭିନ୍ନ ସ୍କୁଲ୍ ରେ କାର୍ଯ୍ୟରତ ଶିକ୍ଷକ ଙ୍କ ମତ ମାଗିବା ପରେ ଉପରିସ୍ଥ ଅଧିକାରୀଙ୍କ ଭୟରେ ଶିକ୍ଷକ ପ୍ରକାଶ କରିବାରେ ଅନିଚ୍ଛା ପ୍ରକାଶ କରିଛନ୍ତି।

## ବିଜେଡ଼ି ଦଳ ଛାଡ଼ିଲେ ସରପଞ୍ଚ, ଜିତେନ୍ଦ୍ର ସାହୁ

ଆଠମଲ୍ଲିକ : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ସରପଞ୍ଚ ତଥା ବିଜେଡି ଜିଲ୍ଲା ଯୁବ ଉପ ସଭାପତି ଜିତେନ୍ଦ୍ର କୁମାର ସାହୁ ,ବିଜେଡି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେ ଇଛନ୍ତି। ସେ ଏକ ପତ୍ର ଜରିଆରେ ଦଳ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମେଲ ଜରିଆରେ ଇସ୍ତଫା ପତ୍ର ପଠାଇଛନ୍ତି । ସେ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି, ପଂଚାୟତ ର ବିକାଶ ମୂଳକ କାର୍ଯ୍ୟ ରେ ଶ୍ରୀ ସାହୁ ସରପଞ୍ଚ ସହ ଅନୁଗୋଳ ଜିଲ୍ଲା ଉପସଭାପତି ଭାବେ କାର୍ଯ୍ୟ କରୁଥିବା ବେଳେ ଦଳ କ୍ରମାଗତ ଭାବେ ପରିବାର ବାଦ ଓ ପୁଞ୍ଜି ବାଦ ଓ ପ୍ରଶାସନିକ ଅଧିକାରୀ ଙ୍କୁ ବିନା ଅ ଭିଜ୍ଞତା ରେ ସୁଯୋଗ ଦେଉଥିବାରୁ ଜଣେ ନିରପେକ୍ଷ କର୍ତ୍ତବ୍ୟ ନିଷ୍ଠା ଜନ ପ୍ରତିନିଧୂ ହୃଦୟ କୁ କୁଠାର ଘାତ ଦେଇ ଥିବାରୁ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଏକ ଅଭିଯୋଗ ପତ୍ରରେ ବିଜେଡି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି । ତାଙ୍କୁ ଦଳରେ ଅଣଦେଖା କରାଯିବା ସହ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେ ଦଳରୁ ଇସ୍ତଫା ଦେଇଛନ୍ତି।



# ପୁଣି ଅଡୁଆରେ ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ

- ପେଟ୍ରୋଲ ଢ଼ାଳି ମାରିଦେଇଥିବା ଘଟଣା ଟିକୁ ଚାପିବାକୁ ଚାଲିଛି ଷଡ଼ଯନ୍ତ୍ର
- ଖୋଦ୍ ଜନ ପ୍ରତିନିଧି ସମ୍ପୃକ୍ତ ଘଟଣା ଟିକୁ ଚପେଇବାରେ ବ୍ୟସ୍ତ
- ଡେଲାଙ୍ଗ ଥାନା ସରପଞ୍ଚଙ୍କ କଥାରେ ଘଟଣା ଟିକୁ ଚାପିଛନ୍ତି ବୋଲି ଅଭିଯୋଗ

ଡେଲାଙ୍ଗ: ସୋମବାର ଘଟଣା ଟି ଘଟିଛି ପୁରୀ ଜିଲ୍ଲା ଡେଲାଙ୍ଗ ସ୍ଥିତ ରେଞ୍ଚ ପଞ୍ଚାୟତ ରେ ବାହାଘର ର ୩ ବର୍ଷ ନ ପୁରୁଣୁ ଶାଶୁଘର ଲୋକେ ପେଟ୍ରୋଲ ଢ଼ାଳି ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ମୃତ ମହିଳା ର ବାପା ଓ ଭାଇ ଏନେଇ ଡେଲାଙ୍ଗ ଥାନାର ଦ୍ୱାରସ୍ଥ ହୋଇ ତା - ୨୦.୧୧.୨୦୨୫ ରିଖ ରେ ଏକ ଲିଖିତ ଭାବେ ଏତଲା ଦେଇଥିଲେ । ଯାହାର କେଶ୍ ନଂ - ୪୪୦/୨୫ ପୋଲିସ୍ ତାର ୬ ଦିନ ତଦନ୍ତ ପରେ ବେଣୁଧର ପ୍ରଧାନ ଯିଏ ଝିଅ ର ସ୍ୱାମୀ କୁ ଗିରଫ କରି କୋର୍ଟ ଚାଲାଣ କରି ଚୁପ୍ ରହିଯାଇଥିଲା । ହେଲେ ଏହି ଘଟଣା ରେ ସାମିଲ୍ ଥିଲେ ୩ ଜଣ ବ୍ୟକ୍ତି ଯାହାଙ୍କର ନାମ (ବେଣୁଧ ର ପ୍ରଧାନ, ଧନେଶ୍ୱର ପ୍ରଧାନ ଏବଂ ରେଣୁବାଳା ପ୍ରଧାନ) ଏହି ତିନିଜଣ ମିଶି ପେଟ୍ରୋଲ ସାହାର୍ଯ୍ୟ ରେ ନିଆଁ ଲଗାଇ କରିଦେଇଛନ୍ତି ବୋଲି ଏତଲା ରେ ଲିଖିତ ଅଭିଯୋଗ ଦେଇଛନ୍ତି ହେଲେ ପୋ ।ଲିସ୍ ଜଣଙ୍କୁ ବାନ୍ଧିଲା ଆଉ ଦୁଇଜଣ ଙ୍କୁ କଣ ପାଇଁ ଛାଡ଼ିଲା ବୋଲି ଅଭିଯୋଗ ଆଣିଛନ୍ତି ମୃତ ମହିଳା ଙ୍କ ବାପା ଓ ଭାଇ ଏବଂ ଆହୁରି ମଧ୍ୟ କହିଛନ୍ତି ଯେ ଉକ୍ତ ଗ୍ରାମର ସରପଞ୍ଚ ହରିଆ ସ୍ୱାଇଁ ଏହି ଘଟଣା ଟିକୁ ଚପେଇବା ପାଇଁ ପୋଲିସ୍ କୁ ପ୍ରେସର୍ କରିଥିଲା । ନ୍ୟାୟ ଆଶାରେ ଅଛନ୍ତି ମୃତ ପରିବାର ର ଲୋକ ଇଏ କେଉଁ ପ୍ରକାର ରାଜନୀତି ତାହା ଜମା ବୁଝା ପଡୁନି , ଏପଟେ ଡେଲାଙ୍ଗ ପୋଲିସ୍ ଘଟଣା ର ୬ ଦିନ ପରେ ଅ ।ସାମୀ କୁ ଗିରଫ କରୁଛି ସେପଟେ ଘଟଣା ରେ ସମ୍ପୃକ୍ତ ଥିବା ଶାଶୁ ଏବଂ ଶଶୁର ଙ୍କୁ ଛାଡ଼ି ଦେଉଛି । ପୁରା ମାଇଣ୍ଡ ଷ୍ଟ୍ରୋକ ପ୍ଲାନିଂ । ହେଲେ ଘଟଣା ର ସୂତ୍ରଧର ସେହି ଗ୍ରାମର ସରପଞ୍ଚ ହରିହର ସ୍ୱାଇଁ ଓରଫ (ହରିଆ ସ୍ୱାଇଁ) ବୋଲି ମୃତ ମହିଳା ର ବାପା ଏବଂ ଭାଇ ଅଭିଯୋଗ ଆଣିଛନ୍ତି । ତେବେ ଦେଖାଯାଉ ଖବର ପ୍ରସାରଣ ପରେ ଆଉ ଦୁଇଜଣ ଙ୍କୁ କେବେ ଗିରଫ କରି କୋର୍ଟ ଚାଲାଣ କରୁଛି ଡେଲାଙ୍ଗ ପୋଲିସ୍ ... !



### ହଜିଲା ମୂଲ୍ୟବାନ ସାମଗ୍ରୀକୁ ପାଉଛନ୍ତି ପ୍ରକୃତ ମାଲିକ

# ଚାଷ ଜମିରୁ ସୁନାହାର ପାଇ ପ୍ରକୃତ ମାଲିକଙ୍କୁ ଫେରାଇଲେ ତିନି ମହିଳା

ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲାର ଦୁଇଟି ହୃଦୟସ୍ପର୍ଶୀ ଘଟଣା । ଗୋଟିଏ ଘଟଣାରେ ସୁନା ହାର ଫେରି ପାଇଲେ । ଅନ୍ୟ ଘଟଣାରେ ଟଙ୍କା ଭର୍ତ୍ତି ବ୍ୟାଗରୁ ଗୋଟିଏ ବି ଟଙ୍କା ଯାଇନି ।

ହଜିଲା ମୂଲ୍ୟବାନ ସାମଗ୍ରୀକୁ ପାଉଛନ୍ତି ପ୍ରକୃତ ମାଲିକ। ବର୍ତ୍ତମାନ ସମୟରେ ଟଙ୍କା ଏବଂ ସୁନାର କେତେ ମୂଲ୍ୟବାନ ତାହା ସମସ୍ତଙ୍କୁ ଜଣା । ଏପରିକି ସାମାନ୍ୟ ଟଙ୍କା ଏବଂ ସୁନା ପାଇଁ ପରିବାର ଠାରୁ ଆରମ୍ଭ କରି ସମାଜରେ ପ୍ରତ୍ୟେକ ଦିନ ବିଭିନ୍ନ ଘଟଣା ଓ ଅପରାଧ ଘଟୁଥିବାର ନଜୀର ରହିଛି । ହେଲେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ଏବଂ ଦିଗପହଣ୍ଡି ଅଞ୍ଚଳରେ ଦୁଇ ଘଟଣାକୁ ଦେଖିଲେ ଜଣାପଡେ ଏବେ ବି ସାଧାରଣ ନାଗରିକଙ୍କ ନିକଟରେ ସାମାଜିକ ମୂଲ୍ୟବୋଧ ସହିତ ବଞ୍ଚିରହିଛି ମାନବିକତା । ହଜିଯାଇଥିବା ମୂଲ୍ୟବାନ ସାମଗ୍ରୀକୁ ପୁଣି ପାଉଛନ୍ତି ପ୍ରକୃତ ମାଲିକ ।

ଗୋଟିଏ ନୁହେଁ ଦୁଇ ଦୁଇଟି ଘଟଣା । ଗଞ୍ଜାମ ଜିଲ୍ଲାର ଦୁଇଟି ଭିନ୍ନ ଭିନ୍ନ ଅଞ୍ଚଳର । ହେଲେ ଦୁଇ ଘଟଣାକୁ ଯିଏ ଶୁଣିବ କହିବ ବର୍ତ୍ତମାନର ଦୁନିଆରେ ମଧ୍ୟ ସାମାନ୍ୟ ଟଙ୍କା ଏବଂ ସୁନା ପାଇଁ ଲୋଭ ନୁହେଁ ବରଂ ସାମାଜିକ ମୂଲ୍ୟବୋଧ ହଜିଯାଇନାହିଁ ବରଂ ବଞ୍ଚିରହିଛି ମାନବିକତା । ଜିଲ୍ଲାର ପାତ୍ରପୁର ଏବଂ ଦିଗପହଣ୍ଡି ଥାନା ଅଞ୍ଚଳରେ ଗତ ଏକ ସପ୍ତାହ ମଧ୍ୟରେ ଦୁଇ ଦୁଇଟି ଘଟଣା ଏହାର ଜ୍ୱଳନ୍ତ ଉଦାହରଣ ।

ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ କଣ୍ଟାଖାଳି ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଘଟଣା । ଗ୍ରାମର ଚାଷ ଜମିରୁ ଧାନ କାଟୁଥିବା କିଛି ମହିଳା ପାଇଥିଲେ ଚାଷ ଜମିରୁ ଏକ ସୁନାହାର । ଯାହାକୁ ସେହି ହାରକୁ ପୂର୍ବରୁ ହଜାଇ ଦେଇଥିବା ପ୍ରକୃତ ମହିଳାଙ୍କୁ ଫେରାଇ ତିନି ମହିଳା ନିଜ ନିଜର ମାନବିକତା ଦେଖାଇ ଏବେ ସବୁଠି ସାଉଁଟିଛନ୍ତି ପ୍ରଶଂସା । ଘଟଣା ରହିଥିଲା ଏହିପରି । ଉକ୍ତ ଗ୍ରାମର ସନ୍ତୋଷ ସାହୁଙ୍କ ଝିଅ ଭାରତୀ ସାହୁଙ୍କ ଦୁଇ ମାସ ପୂର୍ବେ ଶାଶୁଘର ନୀଳାଦ୍ରିଚନ୍ଦ୍ରପୁର ଯାଉଥିବା ବେଳେ ୪୦ ଗ୍ରାମ ଓଜନର ଏକ ସୁନାହାର ହଜି ଯାଇଥିଲା । ପରିବାର ସଦସ୍ୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ସୁନାହାର ପାଇନଥିଲେ । ପରେ ସୁନା ହାର ସମ୍ପର୍କରେ ସୂଚନା ଦେଲେ ପଚାଶ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଥିଲେ । ହେଲେ ଉକ୍ତ ଗ୍ରାମର ପବିତ୍ରା ଗୌଡ଼, ଲକ୍ଷ୍ମୀ ଗୌଡ଼ ଓ ବିଜି ଗୌଡ଼ ଜମିରେ ଧାନ କାଟିବା ସମୟରେ ବିଲରୁ ସୁନା ହାରଟି



ପାଇଥିଲେ । ପରେ ତିନି ମହିଳା ଗ୍ରାମକୁ ଆସି ଏ ସମ୍ପର୍କରେ ପଚରାଉଚରା କରିବା ସହିତ ମିଳିଥିବା ସୁନାହାର ଭାରତୀଙ୍କ ବୋଲି ଜାଣିବା ପରେ ତାଙ୍କୁ ହାରଟି ଫେରାଇ ଦେଇଥିଲେ । ଏଣୁ ଏଭଳି ମହିଳାଙ୍କ ଏହି ମାନବିକତା ସାଧାରଣରେ ପ୍ରଶଂସା କରାଯାଇଛି। ଏହା ସହିତ ମହିଳା ମାନେ ଘୋଷଣା ହୋଇଥିବା ରାଶି ନେବାକୁ ମଧ୍ୟ ମନା କରିଥିବା ଜଣାପଡିଛି ।

ପାତ୍ରପୁର ଗ୍ରାମର ସୁନାହାର ଫେରି ପାଇଥିବା ମହିଳା ଭାରତୀ ସାହୁ କହିଛନ୍ତି, 'ମୋ ବାପାଙ୍କର ୪ ମାସର କଷ୍ଟର ଫଳ । ଦେଢ ମାସ ହେଲା ହଜିଯାଇଥିଲା ସୁନା ହାର । ବିଲରେ ଧାନ କାଟିଲା ସମୟରେ ଜଣେ ମାଉସୀ ସୁନା ହାର ପାଇଥିଲେ । ସେ ହାରଟି ଆଣି ଆମ ଘରେ ଫେରାଇ ଦେଇଛନ୍ତି । ସେଥିପାଇଁ ଆମେ ବୁହତ ଖୁସି । ଭଗବାନ ତାଙ୍କର ମଙ୍ଗଳ କରନ୍ତୁ ।

ସେହିପରି ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଥାନା ଅଞ୍ଚଳରେ ଟଙ୍କା ଭରା ବ୍ୟାଗ୍ ଫେରାଇଥିଲେ ଜଣେ ଅଟୋରିକ୍ସା ଚାଳକ । ନିଜର ଅଟୋରିକ୍ସାରେ ଯାଉଥିବା ଜଣେ ଯାତ୍ରୀ ଓହ୍ଲାଇବା ସମୟରେ ନିଜର ଟଙ୍କା ଭରା ବ୍ୟାଗ୍ ମିଳିଥିଲା । ସେ ତୁରନ୍ତ ସେହି ଯାତ୍ରୀଙ୍କୁ ଖୋଜି କୌଣସି ସଂକୋଚ ବିନା ସେହି ଟଙ୍କା ଭରା ବ୍ୟାଗ୍ ଫେରାଇ ଦେଇଥିଲେ । ଯାହାକି ଅଟୋଚାଳକଙ୍କ ବଦାନ୍ୟତାକୁ ମଧ୍ୟ ପ୍ରଶଂସା କରାଯାଇଛି ।

ଜିଲ୍ଲାର ସାନଖେମୁଣ୍ଡି ଅଞ୍ଚଳର ସାନଖେମୁଣ୍ଡି ବ୍ଲକ ଚିନ୍ତାଖାଲି ଗ୍ରାମର ଜଣେ ବ୍ୟକ୍ତି ସତ୍ୟ ନାରାୟଣ ଦୋରା ବ୍ରହ୍ମପୁରରୁ ଫେରୁଥିବା ବେଳେ ନିଜ ଅଟୋ ରିକ୍ସାରେ ବ୍ୟାଗ ହଜିଯାଇଥିଲା । ଯେଉଁଥିରେ ଷାଠିଏ ହଜାର ଟଙ୍କା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା । ଯାହାକୁ ନେଇ ଚିନ୍ତାରେ ରହିଥିଲେ ସତ୍ୟ ନାରାୟଣ । ଆଉ ଶେଷରେ ବ୍ୟାଗ ହଜିବାର କିଛି ଘଣ୍ଟା ମଧ୍ୟରେ ଉକ୍ତ ବ୍ୟାଗକୁ ପାଇଥିବା ସାନଖେମୁଣ୍ଡି ବ୍ଲକ ପଳାସପୁର ଅଞ୍ଚଳର ଅଟୋ ଚାଳକ ଟୁକୁନା ସେଠୀ ଫୋନ କରି ଯାତ୍ରୀଙ୍କୁ ଉକ୍ତ ବ୍ୟାଗ ଟିକୁ ଦିଗପହଣ୍ଡି ଥାନାରେ ପହଞ୍ଚି ପୋଲିସର ଉପସ୍ଥିତିରେ ଫେରାଇଥିଲେ । ଯାହାକି ନିଜର ହଜି ଯାଇଥିବା ବ୍ୟାଗ ଟଙ୍କା ପାଇ ଖୁସିବ୍ୟକ୍ତ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଅଟୋ ଚାଳକଙ୍କୁ ପ୍ରଶଂସା କରାଯାଇଛି । ଟଙ୍କା ବ୍ୟାଗ ପାଇଥିବା ସାନଖେମୁଣ୍ଡିର ଅଟୋ ଚାଳକ ଟୁକୁନା ସେଠି କହିଛନ୍ତି, 'ମୋ ଅଟରେ ଜଣେ ପାସେଞ୍ଜର ପ୍ରଥମେ ବସିଥିଲେ । ପରେ ଦୁଇ ଜଣ ସ୍କୁଲ ପିଲା ବସିଥିଲେ । କିଛି ସମୟ ପରେ ସ୍କୁଲ ପିଲା ମୋତେ ଜଣାଇଲେ ଏ ବ୍ୟାଗ କାହାର । ସେତେବେଳକୁ ମୁଁ ଗୋଟିଏ ସ୍ଥାନରୁ ଭଡା ସାରି ଫେରୁଥାଏ ଏବଂ କିଛି ଲୋକ ମଧ୍ୟ ଅଟରେ ଚଢି ଓହ୍ଲାଇସାରିଥିଲେ । ତେବେ ବ୍ୟାଗ ନେଇ ମୁଁ ଆମ ସଭାପତିଙ୍କୁ ଜଣାଇଥିଲି । ସେ କହିଥିଲେ ଯେଉଁ ଲୋକର ହେଇଥିବା ସେ ଆସିକି ନେବ । ପରେ ବ୍ୟାଗ ମାଲିକ ଆସି ବ୍ୟାଗ ନେଇଥିଲେ ।

ତେବେ ଟଙ୍କା ବ୍ୟାଗ୍ ହଜାଇ ପରେ ପାଇଥିବା ସାନଖେମୁଣ୍ଡିର ବ୍ୟକ୍ତି ସତ୍ୟ ନାରାୟଣ ଦୋରା କହିଛନ୍ତି, ମୁଁ ଅଟୋରେ ବିସିଲି । ତେବେ ମୁଁ ତରବରରେ ବ୍ୟାଗ ତାଙ୍କ ଅଟରେ ଛାଡି ଦେଇ ଓହ୍ଲେଇ ପଡିଥିଲି । ପରେ ସମିତି ସଭ୍ୟଙ୍କୁ କହିବା ପରେ ସେ ମୋତେ ସାହାଯ୍ୟ କରି ମୋ ବ୍ୟାଗକୁ ମୋତେ ଫେରାଇଛନ୍ତି । ପରେ ମୁଁ ବ୍ୟାଗ ଚେକ୍ କଲି ପଇସା ସବୁ ଠିକ୍ ଅଛି । ସେ ଅଟୋ ଡ୍ରାଇଭର କହିଲେ କିଛି ପଇସା ଦରକାର ନାହିଁ । ତମକୁ ଫେରାଇଛି ସେଟା ହିଁ ଭଗବାନଙ୍କ ଆଶୀର୍ବାଦ ।

## ମେଘନାଦ ପାଚେରୀ ସଂରକ୍ଷଣ ନେଇ ସରକାର ଯୋଜନା କରିଛନ୍ତି

ପୁରୀ: ମେଘନାଦ ପାଚେରୀରେ ଫାଟ ପ୍ରସଙ୍ଗରେ ଆଇନ ମନ୍ତ୍ରୀଙ୍କ ପ୍ରତିକ୍ରିୟା । ସେ କହିଛନ୍ତି ଯେ, ମେଘନାଦ ପାଚେର ସମସ୍ୟା ପୁରୁଣା। ଏହାର ସମ୍ପୂର୍ଣ୍ଣ ରୂପେ ନିରାକରଣ ହୋଇନି। ସେ ବାବଦରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସଆଇକୁ ଚିଠି ଲେଖାଯାଇଛି। ରଛି। ମଙ୍ଗଳବାର ଏନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। କ'ଣ ପଦକ୍ଷେପ ନିଆଯାଇଛି, ତାହା ଦେଖାଯିବ। ଆବଶ୍ୟକ ପଡିଲେ ଦିଲ୍ଲୀର ଏଏସଆଇର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯିବ । ଆଇନ ମନ୍ତ୍ରୀ ପୁଣି କହିଛନ୍ତି ଯେ,



ମେଘନାଦ ପାଚେରୀରେ ଯେଉଁଠି ଫାଟ ଥିଲା ତାକୁ ଅନୁଧ୍ୟାନ କରି ମରାମତି କରାଯାଇଥିଲା। ପୁଣି ଥରେ ନିରୀକ୍ଷଣ କରିବା ପରେ ତାହା ପୂରଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ପାଚେରୀରେ ସଂରକ୍ଷଣ କାମ କରାଯିବ। ପଥର ବଦଳ କରାଯା କରାଯାଇ ପାରିବ କି ନାହିଁ ସେନେଇ ଟିକିନିଖି ନିରୀକ୍ଷଣ କରିବାକୁ ଏଏସଆଇକୁ ଚିଠି ଲେଖାଯାଇଛି।

## ବିଳମ୍ବିତ ନ୍ୟାୟ ଲୋକଙ୍କ ଉପରେ ବୋଝ: ସିଜେଆଇ

କଟକ : ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ) ସୂର୍ଯ୍ୟକାନ୍ତ ରବିବାର କଟକ ଶହୀଦ ଭବନରେ ହାଇକୋର୍ଟ ବାର୍ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୋଗ ଦେବା ଅବସରରେ ପ୍ରଧାନ ବିଚାରପତି ବିଳମ୍ବିତ ନ୍ୟାୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ବିଳମ୍ବିତ ନ୍ୟାୟ ଲୋକଙ୍କ ଉପରେ ବୋଝ ବୋଲି ସିଜେଆଇ ମତପ୍ରକାଶ କରିଛନ୍ତି ।

ସାଧାରଣ ଲୋକ ଓ ନ୍ୟାୟ ମଧ୍ୟରେ ଦୁଇଟି ଜିନିଷ ବାଧା ଆଣିଥାନ୍ତି ପ୍ରଥମଟି ମକର୍ଦ୍ଦମାରେ ଖର୍ଚ୍ଚ ହେଉଥିବା ଟଙ୍କା ଏବଂ ଏଥିରେ ବିତୁଥିବା ସମୟ । ବିଳମ୍ବିତ ନ୍ୟାୟ ଲୋକଙ୍କ ଆର୍ଥିକ ସ୍ଥିତି ଏବଂ ସମ୍ମାନ ଉପରେ ପ୍ରଭାବ ପକାଇଥାଏ ବୋଲି ସିଜେଆଇ କହିଛନ୍ତି । ଏପରିକି ନ୍ୟାୟପାଳିକାର ୩ଟି ମୂଳ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି । ପ୍ରଥମଟି ହେଲେ ସାଧାରଣ ଲୋକଙ୍କ ଉପରେ କମ୍ ଚାପ ପକାଇବା , ଦ୍ୱିତୀୟଟି ଅନିଶ୍ଚିତତା ଦୂର କରିବା ଏବଂ ତୃତୀୟଟି ସାଧାରଣ ଲୋକଙ୍କ ସମ୍ମାନ ରକ୍ଷା କରିବାକୁ ସିଜେଆଇ କହିଛନ୍ତି । ସୂର୍ଯ୍ୟକାନ୍ତ ସିଜେଆଇ ଭାବେ ଶପଥ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଓଡ଼ିଶା ଆସିଛନ୍ତି ।

## ଷଣ୍ଢ ପାଇଁ ମହାଭାରତ: ସମସ୍ତ ହାଟ ଦୋକାନରେ ପଡିଲା ତାଲା

ଚାନ୍ଦବାଲି: ଷଣ୍ଢ ପାଇଁ ମହାଭାରତ,ଥାନାରେ ମାମଲା । ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ । ସୂଚନା ମୁତାବକ ଚାନ୍ଦବାଲି ବଜାରରେ ବିଦ୍ୟାଧର ସାହୁଙ୍କ ପରିବା ଦୋକାନରେ ଏକ ବୁଲା ଷଣ୍ଢ ପରିବା ଖାଇଯିବାରୁ ସେ ଷଣ୍ଢକୁ ଘଉଡ଼ାଇ ଥିଲେ । ମାତ୍ର ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ କିଛି ଯୁବକ ଷଣ୍ଢକୁ କଣ ପାଇଁ ଘଉଡ଼ାଇଲ ବୋଲି ପ୍ରଶ୍ନ କରିଥିଲେ । ତା ସହିତ ଦୋକାନୀକୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସେ ଗୁରୁତର ଆହତ ହୋଇ ପ୍ରଥମେ ଚାନ୍ଦବାଲି ଓ ପରେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାକୁ ନେଇ ଚାନ୍ଦବାଲି ବ୍ୟବସାୟୀ ସଂଘ ପକ୍ଷରୁ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୋଷୀକୁ ଗିରଫ ଦାବିରେ ବ୍ୟବସାୟୀ ମାନେ ଥାନା ଆଗରେ ଧାରଣା ଦେଇଥିଲେ । ଦୋଷୀକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଚାନ୍ଦବାଲି ଥାନା ଅଧିକାରୀ ପରେଶ ମହାନ୍ତି ବ୍ୟବସାୟୀ ମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣରୁ ହଟିଛନ୍ତି ।

# ରୋଗୀଙ୍କୁ ନ ଦେଇ ରାସ୍ତାକଡ଼ରେ ଫିଙ୍ଗିଦେଲେ ସରକାରୀ ଔଷଧ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ପଦାରେ ପଡିଛି । ଅବଧି ରହିଥିବା ସରକାରୀ ମାଗଣା ଔଷଧ ରୋଗୀଙ୍କୁ ଦେବା ପରିବର୍ତ୍ତେ ରାସ୍ତା ପାଶର୍ ଅଳିଆ ଗଦାରେ ଫିଙ୍ଗି ଦିଆଯାଇଛି। ସେପଟେ ସରକାରୀ ମେଡିକାଲରେ ରୋଗୀଙ୍କୁ ସଠିକ ମାଗଣା ଔଷଧ ମିଳୁନଥିବା ବେଳେ ଘଣ୍ଟାଘଣ୍ଟା ଧାଡିରେ ଛିଡ଼ା ହୋଇ ଶେଷରେ ଔଷଧ ନ ପାଇ ନିରାଶ ହେବା ସହ ବାଧ ହୋଇ ବାହାରୁ ଔଷଧ କିଣିବାକୁ ବାଧ ହେଉଛନ୍ତି । ଯାହାର କଳନ୍ତ ଚିତ୍ର ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଶ୍ରୀଜଙ୍ଗରସାଳପୁର ରାସ୍ତାର ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କିମି ଦୂରରେ ତୁଣ୍ଡରା ରାସ୍ତାପାର୍ଶ୍ୱରେ ଦେଖିବାକୁ ମିଳିଛି। ଅବଧି ସରି ନ ଥିବା ଔଷଧ ମେଡିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାଖରେ ଅଳିଆ ଗଦାରେ ପଡିଛି । ଗୋଟିଏ କି ୨ ପ୍ୟାକେଟ ନୁହଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ ପଡ଼ି ରହିଛି।

୨୦୧୫ ମସିହା ମଇ ୧ ତାରିଖ ଠାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡିଶାରେ ନିରାମୟ ଯୋଜନାର ଶୁଭାରମ୍ଭ ହୋଇଥିଲା ଯେଉଁ ଯୋଜନାରେ ମେଡିକାଲରେ ୨୭୨ ପ୍ରକାରର ଔଷଧ ରୋଗୀଙ୍କୁ ମାଗଣାରେ ମିଳିପାରୁଥିଲା । ହେଲେ ବର୍ତ୍ତମାନ ସରକାରଙ୍କ ନିରାମୟ

### ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର





ଯୋଜନାରେ ମେଡିକାଲରେ ଅଧିକାଂଶ ଔଷଧ ଉପଲବ୍ଧ ନ ଥିବା ବେଳେ ଗରିବ ରୋଗୀ ଘରୋଇ କମ୍ପାନୀର ଔଷଧ କିଣି ଶୋଷଣର ଶିକାର ହେଉଛନ୍ତି । କେବଳ ସେତିକି ନୁହଁ ଯେଉଁ ଔଷଧ ଉପଲବ୍ଧ ଅଛି ତାହାକୁ ରୋଗୀଙ୍କୁ ମାଗଣାରେ ଦେବା ପରିବର୍ତ୍ତେ ତାହାକୁ ରାସ୍ତା ପିଙ୍ଗା ଯିବା ସ୍ୱାସ୍ଥ୍ୟ ବିଭାଗର ଅବହେଳାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଶ୍ରୀଜଙ୍ଗ-ରସାଳପୁର ରାସ୍ତାର ଶ୍ରୀଜଙ୍ଗ କଣ୍ଟିଆଚିରା ନାଳର ଅନତି ଦୂରରେ ରାସ୍ତା କଡ଼ରେ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ ବହୁଳ ମାତ୍ରାରେ ଫିଙ୍ଗା ଯାଇଛି । ଓଡିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହଁ ବୋଲି ଲେଖା ଥିବା ବେଳେ ସେହି ଔଷଧର ପ୍ରସ୍ତୁତି ତାରିଖ ୨୦୨୫ ମସିହା ଏପ୍ରିଲ ମାସ ହୋଇଥିବା ବେଳେ ବ୍ୟାଚ ନମ୍ବର ସିଏଚଏସ- ୫୦୦୬୫, ଅବଧି ତାରିଖ ସେପଟ୍ମେର ୨୦୨୬ ମଧ୍ୟ ଲେଖା ରହିଛି। ଅର୍ଥାତ ଚଳିତ ବର୍ଷ ଔଷଧ ପ୍ରସ୍ତୁତ ହୋଇଥିବା ବେଳେ ଅବଧି ସରିବାକୁ ଆହୁରି ୯ ମାସରୁ ଅଧିକ ସମୟ ବାକି ଥିଲେ ହେଁ ତାହା ବିଭାଗୀୟ ଅଧିକାରୀଙ୍କ ପାଇଁ ଅଳିଆ ପାଲଟି ଯାଇଛି। ଜିଲ୍ଲାରେ ଶିଶୁ ମୃତ୍ୟୁହାର ଏବଂ ରକ୍ତହୀନତା ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶିଶୁଙ୍କ ପାଇଁ ଆସୁଥିବା ଔଷଧ ଶିଶୁଙ୍କୁ ଦିଆଯିବା ପରିବର୍ତ୍ତେ ଆଳିଆ ଗଦାରେ ପିଙ୍ଗାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିବା ଗର୍ଭବତୀ ମହିଳା ଓ ଅନେକ ରୋଗୀ ଔଷଧ ନପାଇ ହନ୍ତସନ୍ତ ହେଉଥିବା ସ୍ଥିତିରେ ଏପରି ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ତୁରନ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି ।

## ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ବୃଦ୍ଧି କଲେ ସରକାର

### ଆୟୁର୍ବେଦିକ ହୋମିଓପାଥିକ ଓ ହାଉସ୍ ସର୍ଜନ ଛାତ୍ରଛାତ୍ରୀ ଉପକୃତ ହେବେ

ଭୁବନେଶ୍ୱର: ଆୟୁର୍ବେଦିକ୍ ଓ ହୋମିଓପାଥ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ବ୍ୟାପକ ବୃଦ୍ଧି କଲେ । ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମାଝୀ ଘୋଷ ଷଣା କରିଛନ୍ତି । ଏହାଦ୍ୱାରା ଉକ୍ତ ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ଜଣ ଛାତ୍ରଛାତ୍ରୀ ଉପକୃତ ହେବେ

ରାଜ୍ୟର ସମସ୍ତ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇ ଷ୍ଟାଇପେଣ୍ଡରେ ବ୍ୟାପକ ବୃଦ୍ଧି କରାଯାଇଛି। ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବଡ଼ ଘୋଷଣା କରିଛନ୍ତି ।



ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ୍ ୩୧ ହଜାର ଟଙ୍କା ଥିବାବେଳେ, ବର୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ

ପାଇଁ ଏହା ୩୨ ହଜା ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ଏହା ହେଉଛି ୬୨ ପ୍ରତିଶତ ବୃଦ୍ଧି । ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି। ଛି । ଏହି ବୃଦ୍ଧି ୬୭ପ୍ରତିଶତ ।

ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କ କଲେଜର ହାଉସ ଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଚଳିତ ବର୍ଷ ଅଗଷ୍ଟ ଗଷ୍ଟ ପହିଲାରୁ ଲାଗୁ ହେବ। ଏହାଦ୍ୱାରା ତ୍ରଛାତ୍ରୀମାନେ ଶିକ୍ଷା ଓ ଚେ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ ନିରନ୍ତରତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର: ଭୁବନେଶ୍ୱର ର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ର ହିନ୍ଦୀ ବିଭାଗ ପକ୍ଷରୁ 'ମଧ୍ୟକାଳୀନ ହିନ୍ଦୀ କବିତା ଓ ଭାରତୀୟ ଜ୍ଞାନ ପରମ୍ପରା' କୁ ଆଧାର କରି ଏକ କାର୍ଯ୍ୟକ୍ରମ ସାଂସ୍କୃତିକ ନିରନ୍ତରତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, ମୁଖ୍ୟ ବକ୍ତା ଭାବେ ମହାତ୍ମାଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟ,ୱାର୍ଦ୍ଧା, ମହାରାଷ୍ଟ୍ର ର ଅବସରପ୍ରାପ୍ତ କୁଳପତି ପ୍ରଫେସର କୃଷ୍ଣ କୁମାର ସିଂହ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ରଥ ନିଜ ଅଭିଭାଷଣରେ ମନୁଷ୍ୟ ଜୀବନ କେବଳ ନିଜର ଲକ୍ଷ୍ୟ ଉପରେ ହିଁ ନିର୍ଦ୍ଦେଶ ଦେଇଥାଏ, ଏହାକୁ ପ୍ରତ୍ୟେକ ମନୁଷ୍ୟ ବୁଝିବା ସହ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ପ୍ରୟାସ ଜାରି ରଖିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ସିଂହ ନିଜ ଅଭିଭାଷଣରେ ମଧ୍ୟକାଳୀନ ହିନ୍ଦୀ କବିତା ଭାରତୀୟ ଜ୍ଞାନ, ପରମ୍ପରା ଓ ସଂସ୍କୃତି ର ପରିଚୟ ହିଁ ଦେଇଥାଏ ବୋଲି କହିବା ସହ ଓଡ଼ିଆ ସାହିତ୍ୟ ର ସାରଳା ଦାସ ଏବଂ ପଞ୍ଚସଖାଙ୍କ କବିତା ବିଷୟ ରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଶ୍ୱବିଦ୍ୟାଳୟ ର ହିନ୍ଦୀ ବିଭାଗ ପକ୍ଷରୁ ସଙ୍କଳିତ ହିନ୍ଦୀ ପତ୍ରିକା'ସାହିତ୍ୟ ବୈଭବ' କୁ ଉନ୍ମୋଚନ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା।୨୦୦ ରୁ ଅଧିକ ଛାତ୍ରୀଙ୍କ ଯୋଗଦାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ର ହିନ୍ଦୀ ବିଭାଗ ର ଅଧ୍ୟକ୍ଷ ଡଃ ସ୍ନେହଲତା ଦାସ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପିକା ଡଃ ପ୍ରିୟଦର୍ଶିନୀ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ବିଶ୍ୱବିଦ୍ୟାଳୟ ର ଅତିଥି ଅଧ୍ୟାପିକା ଶ୍ରୀମତୀ ରଶ୍ମି ରେଖା ବେହେରା। ରାଷ୍ଟ୍ରୀୟ ଭାଷା ହିନ୍ଦୀ ର ଏହି କାର୍ଯ୍ୟକ୍ରମ କୁ ବିଭିନ୍ନ ମହଲ ରେ ପ୍ରଶଂସା କରାଯାଇଛି।

### ରାଜଧାନୀରେ ଲଜ୍ଜା, ଦାୟୀ କିଏ ?

# ନଈପଠାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ

ଭୁବନେଶ୍ୱର: ଗୋପାଳପୁର ବିଚ୍ ଗଣଦୁଷ୍କର୍ମର ପୁନରାବୃତ୍ତି ରାଜଧାନୀରେ ଘଟିଛି। ରାଜଧାନୀ ଛାତି ଉପରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣା ବର୍ବରତାର ସମସ୍ତ ସୀମା ଟପିଛି। ଧଉଳି ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଦୟା ନଦୀପଠାକୁ ଟେକି ନେଇ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ କେତେକ ଦୁର୍ବୃତ୍ତ ଗଣ ଦୁଷ୍କର୍ମ କରିଛନ୍ତି। ମାଡ଼ ମାରି ତାଙ୍କଠାରୁ ସୁନାଚେନ୍ ଓ ଟଙ୍କା ଲୁଟିନେଇଛନ୍ତି। ଏହାସହିତ ତାଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ମାରି ଦରମରା କରି ଫିଙ୍ଗି ଦେଇଥିଲେ। ଏପରି ଏକ ଲଜ୍ଜାକର ଘଟଣା ୧୦ ତାରିଖରେ ଧଉଳି ଥାନାରୁ ମାତ୍ର ୧ କିଲୋମିଟର ଦୂରରେ ଘଟିଥିଲେ ମଧ୍ୟ ପୁଲିସ ଏନେଇ ଯେପରି ସମ୍ବେଦନଶୀଳ ହେବା କଥା ସେପରି ହୋଇନାହିଁ। ଘଟଣାର ୫ ଦିନ ପରେ ପୁଲିସ କଟକ ବାଙ୍କୀର ବିଭୁ ପ୍ରସାଦ ମିଶ୍ର(୩୨) ଓ କଟକ ଓଲଟପୁର ଅଞ୍ଚଳର କାଳନ୍ଦୀ ପାତ୍ର(୩୧)କୁ ଗିରଫ କରିଛି। କିନ୍ତୁ ଅନ୍ୟ ଅଭିଯୁକ୍ତମାନଙ୍କ ପାଖରେ ପୁଲିସ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବା ବେଳେ ଶାନ୍ତିସ୍ତୂପ ଧଉଳି ନିକଟରେ ଏଭଳି ଜଘନ୍ୟ କାଣ୍ଡ ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁସାରେ ନାବାଳିକାଜଣକ ଗତ ୧୦ ତାରିଖ ଦିନ ନିଜ ପୁରୁଷବନ୍ଧୁଙ୍କ ସହିତ ଧଉଳି ବୁଲିବାକୁ ଏକ ବାଇକ୍‌ରେ ଯାଇଥିଲେ।

ସନ୍ଧ୍ୟା ବେଳେ ଫେରିବା ସମୟରେ ୪ରୁ ୫ ଜଣ ଅଭିଯୁକ୍ତ ସେମାନଙ୍କ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଟକାଇ ଟଙ୍କା ମାଗିଥିଲେ। କିନ୍ତୁ ଟଙ୍କା ଦେବାକୁ ଯୁବକଜଣକ ମନା କରିବାରୁ ତାଙ୍କୁ ଦୁର୍ବୃତ୍ତମାନେ ବାଇକ୍‌ରୁ ଭିଡ଼ି ନେଇ ନିସ୍ତୁକ ମାଡ଼ ମାରିଥିଲେ। ଏହା ସହିତ



ପଥରରେ ଆକ୍ରମଣ କରିଥିଲେ। ଏଥିରେ ଭୟଭୀତ ହୋଇ ପୀଡ଼ିତା ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଓ ତାଙ୍କ ପୁରୁଷବନ୍ଧୁଙ୍କୁ ଜୋର ଜବରଦସ୍ତ ଦୟା ନଦୀପଠାର ଏକ ନିର୍ଜନ ସ୍ଥାନକୁ ଉଠାଇ ନେଇଥିଲେ। ସେଠାରେ ପୁରୁଷବନ୍ଧୁଙ୍କୁ ବାନ୍ଧିଦେଇ ମାଡ଼ମାରିବା ସହିତ ତାଙ୍କ ସମ୍ମୁଖରେ ନାବାଳିକାଙ୍କୁ ୩ ଜଣ ଦୁର୍ବୃତ୍ତ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମକାରୀଙ୍କ ଅନ୍ୟ ସହଯୋଗୀମାନେ ସେହି ଯୁବତୀଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଦୁଷ୍କର୍ମ କରିବା ପରେ ମଧ୍ୟ ଦୁର୍ବୃତ୍ତମାନେ ଅଟକି ନଥିଲେ। ସେମାନେ ପୀଡ଼ିତାଙ୍କ ବେକରୁ ସୁନାଚେନ୍ ଓ ଟଙ୍କା ଛଡ଼ାଇ ନେଇଥିଲେ। ପରେ ଦୁଷ୍କର୍ମକାରୀମାନେ ଏକଥା କାହାକୁ ଜଣାଇଲେ ଜୀବନରୁ ମାରିଦେବା ସହିତ ଭିଡିଓ ଭାଇରାଲ୍ କରିବାକୁ ଧମକ ଦେଇ ପଳାଇଥିଲେ। ପରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ବହୁ କଷ୍ଟରେ ସେଠାରୁ ଆସି ହସ୍ପିଟାଲ ଯାଇଥିଲେ। ୧୧ ତାରିଖ ଦିନ ଧଉଳି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ କରାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ପାଇବା ପରେ ପୁଲିସ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଥିଲା। ସଙ୍ଗେସଙ୍ଗେ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ଏହାର ଯାଞ୍ଚ କରିଥିଲା। ୧୦ ତାରିଖ ସନ୍ଧ୍ୟା ବେଳେ ଏହି ଘଟଣା ଘଟିଥିବାରୁ, ସେହି ନିଛାଟିଆ ସ୍ଥାନରେ କେଉଁମାନେ ବସାଉଠା କରନ୍ତି, ସେମାନଙ୍କ ସମ୍ପର୍କରେ ମଧ୍ୟ ପୁଲିସ ସ୍ଥାନୀୟ ଲୋକଙ୍କଠାରୁ ପଚାରି ବୁଝିଥିଲା। ସେହିପରି ମୋବାଇଲ ଫୋନ୍ ଆକ୍ଟିଭ୍ ନେଇ ଇଣ୍ଟେଲଜେନ୍ସି ରିପୋର୍ଟ ସଂଗ୍ରହ କରିଥିଲା। ଏ ସମସ୍ତ ତଥ୍ୟକୁ ସମୀକ୍ଷା କରି ପୁଲିସ ୩/୪ ଜଣଙ୍କ ଉପରେ ସନ୍ଦେହ କରି ସେମାନଙ୍କୁ ଉଠାଇ ଆଣିଥିଲା। ଥାନାରେ ଅଟକ ରଖି ସେମାନଙ୍କୁ ପଚରାଉଚରା କରିବା ସହ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପୁଲିସ ପୀଡ଼ିତା ନାବାଳିକାଙ୍କୁ ଥାନାକୁ ଡକାଇଥିଲା। ସେଠାରେ ପୀଡ଼ିତା ବିଭୁ ଓ କାଳନ୍ଦୀଙ୍କୁ ଚିହ୍ନଟ



# କ୍ରୀଡ଼ା ଜଗତ







ମୁଁ ଜାଣିନଥିଲି ମୋତେ ଏତେ ଭଲପାଇବା ମିଳିବ

## ପୁଣି ଭାରତ ଫେରିବି: ମେସି

ନୂଆଦିଲ୍ଲୀ: ଆର୍ଜେଣ୍ଟିନାର ସୁପରଷ୍ଟାର ଫୁଟବଲ୍ ଖେଳାଳି ଲିଓନେଲ ମେସି ବୁଧବାର (ଡିସେମ୍ବର ୧୬) ବନ୍ତାରା ପରିଦର୍ଶନ କରିବା ପରେ ଭାରତ ଗସ୍ତ ଶେଷ କରିଥିଲେ। କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଏବଂ ନୂଆଦିଲ୍ଲୀରେ ସେ **GOAT tour** କରିଥିବା ବେଳେ ଫୁଟବଲ୍ ତାରକାଙ୍କ ଏକ ଝଲକ ଦେଖିବା ପାଇଁ ଲକ୍ଷ ଲକ୍ଷ ଲୋକ ସେଠାରେ ପହଞ୍ଚିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ବିଶୃଙ୍ଖଳା ବ୍ୟତୀତ, ମେସିଙ୍କ ଭାରତ ଗସ୍ତ ସ୍ମରଣୀୟ ଥିଲା। ଭାରତୀୟ ପ୍ରଶଂସକଙ୍କ ଭଲପାଇବା ଏବଂ ସମର୍ଥନକୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ବେଶ୍ ଖୁସି ହୋଇଥିଲେ।

ଭାରତ ଗସ୍ତ ପରେ ସେ ଇନଷ୍ଟାଗ୍ରାମରେ କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ଭାରତରେ ଫୁଟବଲର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆଶା ପ୍ରକଟ କରିଛନ୍ତି। ଭାରତ ଗସ୍ତ ସମୟର ଭିଡିଓ ସେୟାର କରି ସେ କ୍ୟାପସନରେ ଲେଖିଛନ୍ତି, 'ନମସ୍ତେ ଇଣ୍ଡିଆ! ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଏବଂ କୋଲକାତା ଗସ୍ତ ଅବିଶ୍ୱସନୀୟ ଥିଲା। ମୋତେ ଏତେ ଭଲ ଭାବରେ ସ୍ୱାଗତ କରିବା ସହ ଏତେ ଭଲ ଆତିଥ୍ୟ ଏବଂ ଭଲପାଇବା ଦେବା ପାଇଁ ଧନ୍ୟବାଦ। ମୁଁ ଆଶା କରୁଛି ଭାରତରେ ଫୁଟବଲର ଭବିଷ୍ୟତ ଉଜ୍ଜ୍ୱଳ ହେବ।'

ଭିଡିଓରେ ସେ କହିଛନ୍ତି ଯେ, 'ଏହି ଗସ୍ତ ବହୁତ ଭଲ ଏବଂ ଛୋଟ ଥିଲା। କିନ୍ତୁ ଏତେ ଭଲପାଇବା ପାଇ ବହୁତ ଖୁସି ଲାଗିଲା। ମୁଁ ପୂର୍ବରୁ ଜାଣିଥିଲି ମୋତେ ଭଲପାଇବା ମିଳିବ। କିନ୍ତୁ ଏତେ ଶୀଘ୍ର ଏତେ ଅଧିକ ଭଲପାଇବା ମିଳିବା ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା। ଆମେ ସମସ୍ତ ଭଲପାଇବା ନେଇ ଯାଉଛୁ ଏବଂ ଶୀଘ୍ର ଫେରିବୁ। ଆଶା କରୁଛି, ଗୋଟିଏ ଦିନ ଆମେ ଏଠାରେ ଖେଳ ଖେଳିପାରିବୁ। କିନ୍ତୁ ଆମେ ଭାରତ ଗସ୍ତ କରିବାକୁ ଫେରିବୁ।

## ଆଇପିଏଲ୍ ମିନି ନିଲାମ: ଗ୍ରିନ୍ ସବୁଠୁ ଦାମୀ

# କାର୍ତ୍ତିକ, ପ୍ରଶାନ୍ତ କୋଟିପତି

ଆବୁଧାବି: ଆବୁଧାବିଠାରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ଦିନିକିଆ ମିନି ନିଲାମରେ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର୍ କ୍ୟାମେରନ୍ ଗ୍ରିନ୍ ସବୁଠୁ ଦାମୀ ବିଦେଶୀ ଖେଳାଳି ହେବାର ଗୌରବ ଲାଭ କରିଛନ୍ତି। ରାଜସ୍ଥାନ ରୟାଲ୍‌ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ହୋଇଥିବା ତ୍ରିମୁଖୀ ଲଢ଼େଇରେ କୋଲକାତା ନାଇଟ୍ ରାଇଡର୍ସ ବାଜି ମାରିନେବା ସହ ଗ୍ରିନ୍‌ଙ୍କୁ ଶେଷରେ ଆଖିଖୋସି ହୋଇଗଲା ଭଳି ୨୫.୨ କୋଟି ଟଙ୍କାରେ କିଣି ନେଇଥିଲା। ଋଷଭ ପନ୍ତ (୨୭ କୋଟି) ଓ ଶ୍ରେୟସ୍ ଆୟର (୨୬.୭୫ କୋଟି)ଙ୍କ ପରେ ଗ୍ରିନ୍ ମଧ୍ୟ ଆଇପିଏଲ୍ ଇତିହାସର ତୃତୀୟ ଦାମୀ ଖେଳାଳି ହୋଇଛନ୍ତି। ତେବେ ସେଥିମଧ୍ୟରୁ ସେ କେବଳ ୧୮ କୋଟି ଟଙ୍କା ପାଇବେ। କାରଣ ବିସିସିଆଇର ନୂଆ ନିୟମ ଅନୁସାରେ ଜଣେ ବିଦେଶୀ ଖେଳାଳି ଆଇପିଏଲ୍‌ରେ ସର୍ବାଧିକ ୧୮ କୋଟି ଟଙ୍କା ପାଉଣା ପାଇପାରିବେ। ଏହାଠାରୁ ଅଧିକ ଟଙ୍କାରେ ବିକ୍ରି ହେଲେ ଅବଶିଷ୍ଟ ଟଙ୍କା ବିସିସିଆଇର 'ଖେଳାଳି ବିକାଶ ପାଣ୍ଠି'କୁ ଚାଲିଯିବ। ବିଦେଶୀ ଖେଳାଳି ଭାବେ ୨୦୨୩ ମସିହାରେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ନେବାକୁ କୋଲକାତା ନାଇଟ୍ ରାଇଡର୍ସ ସର୍ବାଧିକ ୨୪.୭୫ କୋଟି ଖର୍ଚ୍ଚ କରିଥିଲା। ଏବେ କେକେଆର୍ ନିଜ ରେକର୍ଡ ନିଜେ ଭାଙ୍ଗିଛି। ତେବେ ସବୁଠୁ ବେଶି ଚର୍ଚ୍ଚାକୁ ଆସିଛନ୍ତି ଦୁଇ ଘରୋଇ କ୍ରିକେଟର୍ ପ୍ରଶାନ୍ତ ବୀର ଓ କାର୍ତ୍ତିକ ଶର୍ମା। ଉଭୟ ରାତାରାତି କୋଟିପତି ପାଲଟି ଯାଇଛନ୍ତି। ନିଜ ମୂଳଦର ୩୦ ଲକ୍ଷ ଟଙ୍କାର ପାଖାପାଖି ୪୯ଗୁଣ ଅର୍ଥାତ୍ ୧୪.୨ କୋଟି ଟଙ୍କା ଲେଖାଏଁରେ ବିକ୍ରି ହୋଇଛନ୍ତି ଉଭୟ। ଯାହା ଭାରତ ସହ ସମଗ୍ର କ୍ରିକେଟ୍ ଦୁନିଆରେ ଚହଳ ସୃଷ୍ଟି କରିଛି। ଉତ୍ତରପ୍ରଦେଶର ସ୍ପିନ୍ ଅଲରାଉଣ୍ଡର୍ ପ୍ରଶାନ୍ତଙ୍କୁ ନେବାକୁ




### ରାଜେଶ, ସ୍ୱସ୍ତିକ ଅଲୋଡ଼ା

ଆଇପିଏଲ୍ ନିଲାମରେ ପୁଣି ଥରେ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଛି। ରାଜ୍ୟର ୧୪ଜଣ ଖେଳାଳି ଏଥିଲାଗି ପଞ୍ଜୀକରଣ କରିଥିଲା ବେଳେ ସଂକ୍ଷିପ୍ତ ତାଲିକାରେ କେବଳ ଦ୍ରୁତ ବୋଲର ରାଜେଶ ମହାନ୍ତି ଏବଂ ଶୀର୍ଷକ୍ରମ ବ୍ୟାଟର୍ ସ୍ୱସ୍ତିକ ସାମଲ ସ୍ଥାନ ପାଇଥିଲେ। ହେଲେ ନିଲାମ ବେଳେ ଉଭୟଙ୍କୁ କିଣିବାକୁ କୌଣସି ଦଳ ଆଗ୍ରହ ପ୍ରକାଶ କରିନଥିଲେ। ଏଣୁ ୩୦ ଲକ୍ଷ ଟଙ୍କାର ମୂଳଦର ପାଇ ଉଭୟ ବିକ୍ରି ହୋଇ ନଥିବା ୨୯୨ଜଣ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ରହିଥିଲେ। ପଞ୍ଜୀକରଣ କରିଥିବା ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଥିଲେ ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ପପୁ ରାୟ, ସ୍ୱସ୍ତିକ ସାମଲ, ରାଜେଶ ମହାନ୍ତି, ଶୁଭମ ଶତ୍ରୁଜିତ, ବାଦଲ ବିଶ୍ୱାଳ, ଆଶୁତୋଷ ଛୁରିଆ, ବିମଳ କୁମାର, ଅନିଲ ପରିଡ଼ା, ଶୁଭ୍ରାଂଶୁ ସେନାପତି, ଭାଗ୍ୟେସ୍ ଶର୍ମା, ପ୍ରୟାସ ସିଂହ, ଆଶୀର୍ବାଦ ସ୍ୱାଇଁ ପ୍ରମୁଖ।

ଲକ୍ଷ୍ନୌ ସୁପର ଜାଏଣ୍ଟସ୍, ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ଢେର ସମୟ ପର୍ଯ୍ୟନ୍ତ ବିଡ୍ ଯୁଦ୍ଧ ଲାଗିଥିଲା। ଶେଷରେ ଚେନ୍ନାଇ ତାଙ୍କୁ ୧୪.୨ କୋଟି ଟଙ୍କାରେ କିଣିଥିଲା।

ଚଳିତବର୍ଷର ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫି ଘରୋଇ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ୨୦ ବର୍ଷୀୟ ପ୍ରଶାନ୍ତ ୯ ୱିକେଟ୍ ନେବା ସହ ୧୭୦ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ କରିବା ତାଙ୍କ ସପକ୍ଷରେ ଯାଇଥିଲା। ସେହିଭଳି ରାଜସ୍ଥାନର ୧୯ବର୍ଷୀୟ ୱିକେଟ୍‌ରକ୍ଷକ ବ୍ୟାଟର୍ କାର୍ତ୍ତିକ ଶର୍ମାଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ସମାନ ୧୪.୨ କୋଟିରେ କିଣିଥିଲା। ଏହି କ୍ରମରେ ଦଳ କୋଲକାତା ନାଇଟ୍ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପଛରେ ପକାଇ ଦେଇଥିଲା। ଉଭୟ ଯୁଗ୍ମ ଭାବେ ଆଇପିଏଲ୍ ଇତିହାସର ସବୁଠୁ ଦାମୀ ଅଣଅନ୍ତର୍ଜାତୀୟ ଖେଳାଳି ହେବାର ରେକର୍ଡ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ସେହି ୩୦ ଲକ୍ଷର ମୂଳଦର ଥିବା ଜମ୍ମୁ କାଶ୍ମୀର ଦ୍ରୁତ ବୋଲର ଆକିବ ଦର୍ଙ୍କୁ ଦିଲ୍ଲୀ କ୍ୟାପିଟାଲ୍‌ସ ୮.୨ କୋଟି, ମଧ୍ୟପ୍ରଦେଶ ଅଲରାଉଣ୍ଡର୍ ମଙ୍ଗେସ ଯାଦବଙ୍କୁ ଆର୍‌ସିବି ୫.୨ କୋଟି, ରାଜସ୍ଥାନର ମୁକୁଲ ଚୌଧୁରୀଙ୍କୁ ୨.୬୦ କୋଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍, ଦିଲ୍ଲୀ ୱିକେଟ୍‌ରକ୍ଷକ ତେଜସ୍ୱୀ ସିଂହଙ୍କୁ କେକେଆର୍ ୩ କୋଟି ଏବଂ ମଧ୍ୟପ୍ରଦେଶ ବ୍ୟାଟର୍ ଅକ୍ଷର ରଘୁବଂଶୀଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨.୨ କୋଟିରେ କିଣିବା ଉଲ୍ଲେଖନୀୟ ରହିଥିଲା। ସେହିଭଳି ଶ୍ରୀଲଙ୍କାର ମଥିସା ପଥିରଣାଙ୍କୁ କୋଲକାତା ୧୮ କୋଟି, ଲିୟାମ ଲିଭିଂଷ୍ଟୋନ୍‌ଙ୍କୁ ୧୩ କୋଟି ଟଙ୍କାରେ ସନ୍‌ରାଇଜର୍ସ ହାଇଦ୍ରାବାଦ, ରବି ବିଷ୍ଣୋଇଙ୍କୁ ରାଜସ୍ଥାନ ରୟାଲ୍‌ସ ୭.୨ କୋଟି, ଭେଙ୍କଟେଶ ଆୟରଙ୍କୁ ଆର୍‌ସିବି ୭ କୋଟି, କ୍ୱିଣ୍ଟନ୍ ଡି'କକ୍‌ଙ୍କୁ ତାଙ୍କ ମୂଳଦର ୧ କୋଟିରେ ମୁମ୍ବାଇ ଇଣ୍ଡିଆନ୍ସ, ଡେଭିଡ୍ ମିଲରଙ୍କୁ ଦିଲ୍ଲୀ କ୍ୟାପିଟାଲ୍‌ସ ୨ କୋଟି, ୱାନିନ୍ଦୁ ହସରଙ୍ଗାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨ କୋଟି ଏବଂ ଅନରିକ୍ ନର୍ଖିୟାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨ କୋଟି ଟଙ୍କାରେ କିଣିଥିଲା। ଭେଙ୍କଟେଶଙ୍କୁ ଗତବର୍ଷ ୨୩.୫ କୋଟି ଟଙ୍କାରେ କେକେଆର୍ ନେଇଥିଲା। ଏଥର ତାଙ୍କର ଦର ହାରାହାରି ସାଢ଼େ ତିନି ଗୁଣ କମିଛି।

## ଭାରତୀୟ ଖେଳାଳିଙ୍କ ପାଇଁ ବିସିସିଆଇର ନୂଆ ନିୟମ: ବିଜୟ ହଜାରେ ଟ୍ରଫି ଖେଳିବାକୁ ବାଧ୍ୟ

ମୁମ୍ବାଇ: ସଂପ୍ରତି ଭାରତୀୟ ଦଳର ସଦସ୍ୟ ଥିବା ସମସ୍ତ ଖେଳାଳି ଚଳିତ ଡିସେମ୍ବର ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଅନ୍ୟୂନ ଦୁଇଟି ମ୍ୟାଚ୍ ଖେଳିବାକୁ ବାଧ୍ୟତାମୂଳକ କରାଯାଇଛି। ଫଳରେ ଏହି ଅନ୍ତଃରାଜ୍ୟ ପ୍ରତିଯୋଗିତାର ରୋମାଞ୍ଚ ପୂର୍ବାପେକ୍ଷା ବଢ଼ିବ ବୋଲି ଆଶା କରାଯାଉଛି। ଅହମଦାବାଦରେ ୧୯ ତାରିଖରେ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପଞ୍ଚମ ତଥା ଶେଷ ଟ୍ୱେଣ୍ଟି-୨୦ ଏବଂ ଜାନୁଆରି ୧୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ମଧ୍ୟରେ ତିନି ସପ୍ତାହର ବ୍ୟବଧାନ ଥିବାରୁ ଦଳର ସମସ୍ତ ବରିଷ୍ଠ ଖେଳାଳିଙ୍କୁ ଏହି ପ୍ରତିଯୋଗିତା ଖେଳୁଥିବାର ଦେଖିବାକୁ ଚାହୁଛି ବିସିସିଆଇ। ସେଥିପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ମାଧ୍ୟମରେ ସମସ୍ତ ଖେଳାଳିଙ୍କୁ ଏହି ବିଷୟରେ ମଧ୍ୟ ଜଣାଇ ଦିଆଯାଇଛି।

ସୂଚନା ଅନୁସାରେ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ଘରୋଇ କ୍ରିକେଟ୍ ଫର୍ମାଟ୍‌କୁ ଅଧିକ ଗୁରୁତ୍ୱ ଦେବାକୁ ବିସିସିଆଇର ଏକ ସମୀକ୍ଷା କମିଟି ସୁପାରିସ୍ କରିଥିଲା। ଏହି ସୁପାରିସ ଆଧାରରେ ସବୁ ଭାରତୀୟ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ପଡ଼ିବ ବୋଲି ବୋର୍ଡ ପୂର୍ବରୁ ସ୍ପଷ୍ଟ ସଙ୍କେତ ଦେଇ ସାରିଥିଲା। ଦୁଇ ପୁରୁଖା ତାରକା ରୋହିତ ଶର୍ମା ଓ ବିରାଟ କୋହଲି ବି ନିଜନିଜ ରାଜ୍ୟ ଦଳରୁ ବିଜୟ ହଜାରେ ଟ୍ରଫି ଖେଳିବାକୁ



ସବୁଜ ସଙ୍କେତ ଦେଇ ସାରିଛନ୍ତି। ଶୁବମନ୍ ଗିଲ୍, ଯଶପ୍ରୀତ୍ ବୁମ୍‌ରା, କେଏଲ୍ ରାହୁଲ, ହାର୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଖେଳାଳିଙ୍କୁ ଏହି ପ୍ରତିଯୋଗିତାରେ ନିଜନିଜ ରାଜ୍ୟର ପ୍ରତିନିଧିତ୍ୱ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇ ସାରିଛି। ମଧ୍ୟକ୍ରମ ବ୍ୟାଟର୍ ଶ୍ରେୟସ ଆୟର୍ ଆହତ ଥିବାରୁ ତାଙ୍କୁ ଏଥିରୁ ରିହାତି ପ୍ରଦାନ କରାଯାଇଛି।

ଭୁବନେଶ୍ୱର: ବେଙ୍ଗାଲୁରୁରେ ଚଳିତ ମାସ ୨୪ରୁ ଆରମ୍ଭ ହେବାକୁଥିବା ବିସିସିଆଇ ଘରୋଇ ଦିନିକିଆ ପ୍ରତିଯୋଗିତା 'ବିଜୟ ହଜାରେ ଟ୍ରଫି'ର ପ୍ରଥମ ୩ ମ୍ୟାଚ୍ ଲାଗି ସୋମବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଏହି ୧୬ ଜଣିଆ ଦଳରେ ୭ଜଣ ନୂଆ ମୁହଁ ଓମ୍ ଟି ମୁଣ୍ଡେ, ଦୀନେଶ କୁମାର ମାଝୀ, ସମ୍ବିତ ବରାଳ, ସୌମ୍ୟରଞ୍ଜନ ଲେଙ୍କା, ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଓ ସୟଦ୍ ତୁଫୈଲ ଅହମଦ ସ୍ଥାନ ପାଇଛନ୍ତି। ଅଭିଜ୍ଞ ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ନିଯୁକ୍ତି କରାଯାଇଛି। ଓଡ଼ିଶା ୨୪ ତାରିଖରେ ସୌରାଷ୍ଟ୍ର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିଛି।

ଓଡ଼ିଶା ଦଳ: ଶାନ୍ତନୁ ମିଶ୍ର, ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଦୀନେଶ କୁମାର ମାଝୀ (ୱିକେଟ୍‌ରକ୍ଷକ), ଆଶୀର୍ବାଦ ସ୍ୱାଇଁ (ୱିକେଟ୍‌ରକ୍ଷକ), ବିପ୍ଳବ ସାମନ୍ତରାୟ (ଅଧିନାୟକ), ପ୍ରୟାଶ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୌମ୍ୟରଞ୍ଜନ ଲେଙ୍କା, ଅନିଲ ପରିଡ଼ା, ସନ୍ଦୀପ ପଟ୍ଟନାୟକ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର ଓ ସୟଦ୍ ତୁଫୈଲ। ଷ୍ଟାଣ୍ଡବାଇ-ଶୁଭମ ଶତ୍ରୁଜିତ, ରାଜେଶ ଧୁପର, ସମ୍ବିତ ବେଜ, ପ୍ରଦୀପ ପ୍ରଧାନ, କାର୍ତ୍ତିକ ବିଶ୍ୱାଳ, ପ୍ରଶାନ୍ତ ରଣା, ତରଣୀ ସ', ସୁମିତ ଶର୍ମା।

## ଆଉ ନାହାନ୍ତି ସିନେ ପ୍ରଯୋଜକ ତଥା କେନ୍ଦ୍ରାପଡାର ଲୋକପ୍ରିୟ ସମାଜସେବୀ ରବୀନ୍ଦ୍ର ମୋହନ ସାହୁ

ଭୁବନେଶ୍ୱର/କେନ୍ଦ୍ରାପଡା: ଓଡ଼ିଶାର ଜଣାଶୁଣା ସିନେ ପ୍ରଯୋଜକ,ବିତରକ ତଥା ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ମୋହନ ସାହୁ ଆଉ ନାହାନ୍ତି। ସେ ଆଜି ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ତାଙ୍କର ଧର୍ମପତ୍ନୀ, ୫ ପୁଅ ଓ ଜଣେ ଝିଅ ଅଛନ୍ତି।

ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କ ପ୍ରଯୋଜିତ ପ୍ରଥମ ଓଡ଼ିଆ ଛବି ଥିଲା 'ଏଇ ତ ଦୁନିଆଁ'। ଶ୍ରୀବଳଦେବଜୀଉ ପ୍ରଡକସନ୍ ବ୍ୟାନରରେ ୧୯୮୭ରେ ମୁକ୍ତିଲାଭ କରିଥିବା ଏହି ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଥିଲେ ମହମ୍ମଦ ମହସୀନ୍। ଏଥିରେ ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ଅଜିତ ଦାସ, ମିହିର ଦାସ,ମହମ୍ମଦ ମହସୀନ୍, ଅନୀତା ଦାସ, ଅପରାଜିତା, ଜୟୀ, ଦେବୁ ବୋଷ ଓ ନରି ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଡାକ୍ତର ସୁବୋଧ ପଟ୍ଟନାୟକ ଏହାର ସଂଳାପ ରଚନା କରିଥିବା ବେଳେ ଚିରସବୁଜ ଅକ୍ଷୟ ମହାନ୍ତି ଥିଲେ ଏହାର ସଂଗୀତ ନିର୍ଦ୍ଦେଶକ। ଏହା ସୁପରହିଟ୍ ହେବା ପରେ ରବୀନ୍ଦ୍ର ମୋହନ ସାହୁ କ୍ରମାଗତ ଭାବେ ଓଡ଼ିଆ ସିନେମା ନିର୍ମାଣରେ ମନୋନିବେଶ କରିଥିଲେ। ଏହାପରେ ରବୀନ୍ଦ୍ର ମୋହନ ସାହୁ 'ବସ୍ତ୍ରହରଣ, ବୋହୂ ହେବ ଏମିତି, ପାଚେରି ଉଠିଲା ମଝି ଦୁଆରୁ, ନାଗପଞ୍ଚମୀ, ମଣି ନାଗେଶ୍ୱରୀ, ଶାଶୁ ହାତକଡ଼ି ଭାଉଜ ବେଡ଼ି, କୁଳନନ୍ଦନ, ରସିକନାଗର ଓ 'ଆଲୋ ମୋର କଣ୍ଢେଇ' ଆଦି ଓଡ଼ିଆ ଛବି ଦର୍ଶକଙ୍କୁ ଭେଟି ଦେଇଥିଲେ। ସେ ଜଣେ ଅଭିନେତା, କାହାଣୀକାର ଓ ଗୀତିକାର ମଧ୍ୟ।

ଅଶୀ ଦଶକରେ ରବୀନ୍ଦ୍ର ମୋହନ ସାହୁ ଭାରତୀୟ ଜନତା ପାର୍ଟି(ବିଜେପି)ରେ ଯୋଗ ଦେଇ ଥରେ କେନ୍ଦ୍ରାପଡ଼ା ପୌରପାଳିକାର କାଉନସିଲର୍ ଭାବେ ନିର୍ବାଚିତ ହୋଇଥିଲେ। ଏହାଛଡ଼ା ସେ ଥରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଏହା ଅବଶ୍ୟ ଭିନ୍ନ କଥା ଯେ ସେଥିରେ ତାଙ୍କୁ ସଫଳତା ମିଳିନଥିଲା। ଏହାଛଡ଼ା ସେ କେନ୍ଦ୍ରାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ମଧ୍ୟ ଥିଲେ। ପ୍ରଯୋଜକ ରବୀନ୍ଦ୍ର ମୋହନ ସାହୁଙ୍କ ବିୟୋଗରେ ଓଲିଉଡରେ ଶୋକର ଛାୟା ଖେଳିଯାଇଛି। ଠିକ୍ ସେହିପରି କେନ୍ଦ୍ରାପଡ଼ାରେ ବି ଶୋକମୟ ପରିବେଶ ପରିଲକ୍ଷିତ ହୋଇଛି। ଓଡ଼ିଆ ସିନେଜଗତ ପ୍ରତି ତାଙ୍କର ଅବଦାନକୁ ଓଲିଉଡ କେବେ ବି ଭୁଲିପାରିବ ନାହିଁ।

## ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

କୋରାପୁଟ :ଏବେ ସାରା ରାଜ୍ୟ ରେ ଶୀତ ଲହରୀ ଜାରି ରହିଛି । କୋରାପୁଟ ଜିଲ୍ଲା ରେ ଶୀତ ର ପ୍ରଭାବ ଅଧିକ ରହୁଛି । ରାତି ର ତାପ ମାତ୍ରା ୫ ଡିଗ୍ରୀ ବି ହୋଇଯାଉଛି । କୋରାପୁଟ ଜିଲ୍ଲାର ଅନ୍ୟ ପର୍ଯ୍ୟଟନ ସ୍ଥଳୀ ମଧ୍ୟ ରୁ ବାବା ଗୁପ୍ତେଶ୍ୱର ପୀଠ ଅନ୍ୟତମ ଅଟେ । ଅନେକ ଭକ୍ତ ଏଠାକୁ ଆସିଥାନ୍ତି । ଏହି ଭକ୍ତ ଙ୍କ ଠାରୁ କିଛି ଦାନ ଆଶା ରେ କିଛି ଭିକ୍ଷୁକ ଏଠାରେ ପାହାଚ ରେ ବସିଥାନ୍ତି । ଅର୍ଥ ର ଅଭାବ ପାଇଁ ଶୀତ ବସ୍ତ୍ର ତାଙ୍କର ନଥାଏ । ଏହାକୁ ଦେଖି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମସ୍ତଙ୍କ ପାଇଁ କମ୍ବଳ ର ବ୍ୟବସ୍ଥା କରାଯାଇଛି । ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତା କୋରାପୁଟ ଗସ୍ତ ରେ ଥିବାବେଳେ ଏହି ଘଟଣା ସଭାପତି ଙ୍କ ନଜର କୁ ଆସିଥିଲା । ଏହି କମ୍ବଳ ପାଇବା ପରେ ସେ ଅଭାବି ବୁଢା ବୁଢ଼ୀ ଙ୍କ ଖୁସୀ କହିଲେ ନ ସରେ । ଏହା ପରେ ଏହି ସ୍ଥାନ ଜୟ ଗୁପ୍ତେଶ୍ୱର, ଜୟ ଜଗନ୍ନାଥ ରେ ଭରି ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ବିକାଶ ପାତ୍ର,



ଅଭୟ ବେହେରା, ଦେବେନ୍ଦ୍ର ନାୟକ, ତପନ ସେନାପତି, ଦିଲ୍ଲୀପ କୁମାର ନାଥ, ଗୌରାଙ୍ଗ ନାୟକ ଓ କଟକ ଜିଲ୍ଲା ପ୍ରତିନିଧି ମକର ବେହେରା ସାମିଲ ଥିଲେ ।

## ଡାକ ମେଳା ଅନୁଷ୍ଠିତ: ଆମର ସେବା ଆମର କର୍ତ୍ତବ୍ୟ

ଜଳେଶ୍ୱର: ଜଳେଶ୍ୱର ବ୍ଲକ ଆରୁହା ପଂଚାୟତରେ 'ଆମର ସେବା ଆମର କର୍ତ୍ତବ୍ୟ' କୁ ମୂଳମନ୍ତ୍ର ଭାବି ଗତ ୧୭ ତାରିଖ ଦିବା ୧୦ ଘଟିକା ସମୟରେ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି।

ଗ୍ରାମୀଣ ଡାକ ଜୀବନ ବୀମା,ଡାକ,ଡାକ ଘର ସଞ୍ଚୟ ବ୍ୟାଙ୍କ,ସୁକନ୍ୟା ସମୃଦ୍ଧି ଆକାଉଣ୍ଟ,,ସାଧାରଣ ଭବିଷ୍ୟ ନିଧି,ଅଟଳ ପେନସନ ଯୋଜନା,ଡାକ ଘର ଆଧାର କେନ୍ଦ୍ର,ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା,ସାଧାରଣ ସେବା କେନ୍ଦ୍ର ପ୍ରମୁଖ ଯୋଜନା ଗୋଡ଼ିକ କିପରି ସାଧାରଣ ଲୋକ ମାନେ ପାଇ ପାରିବେ ସେ ସମ୍ପର୍କରେ ବାଲେଶ୍ୱର ଡାକ ମଣ୍ଡଳର ମୁଖ୍ୟ ଅଧିକ୍ଷକ ତାପସ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ମେଳାରେ ସରପଞ୍ଚ ତପନୀ ଭୂୟାଁ,ସମାଜସେବୀ ଶ୍ରୀକଣ୍ଠ ମାହାନ୍ତି,ନାଏବ ସରପଞ୍ଚ ବରୁଣ ଜେନା, ସାମ୍ବାଦିକ ମନୋଜ କୁମାର ଭୂୟାଁ,ବୀମା ଅଧକ୍ଷ ଅମିତ କୁମାର ରାଉଳ,ଜଳେଶ୍ୱର ମୁଖ୍ୟ ଡାକ ଘର ର ଅଭରସିଅର ତାପସ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ।ଆରୁହା ପଞ୍ଚାୟତ ଶାଳୀକୋଠା ର ପୋଷ୍ଟ ମାଷ୍ଟର ସମ୍ୟରଞ୍ଜନ ମହାପାତ୍ର,ଆର ଆର ପୁର ର ପୋଷ୍ଟ ମାଷ୍ଟର ଦିବ୍ୟଜ୍ୟୋତି ରାଉତ,ଛମୌଜ ର ପୋଷ୍ଟ ମାଷ୍ଟର ଶୈଳେନ ବିଶ୍ୱାଳ,ରାଜପୁର ପୋଷ୍ଟ ମାଷ୍ଟର ରଶ୍ମିତା ସାହୁ,ଏମ ଡି ପାଟଣା ର ପୋଷ୍ଟ ମାଷ୍ଟର ସପନ କୁମାର ଜେନା,ଚାଲନ୍ତି ର ପୋଷ୍ଟ ମାଷ୍ଟର ଅଜୟ ଭାରତୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ମେଳାରେ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ମହିଳା ମାନେ ଯୋଗ ଦେଇଥିଲେ।

## ଘେଁସ ବଡ଼ ଜୋର ସେତୁ ପାଲଟିଛି ମରଣ ଯନ୍ତା

ବିଜିପୁର: ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ-ତାଲପଦର ମୁଖ୍ୟ ବିଜୁ ଏକ୍ସପ୍ରେସ ୱେ ବଡ଼ ଜୋର ଠାରେ ପ୍ରତିଦିନ ଛୋଟବଡ ଅଘଟଣ ହେବାରେ ଲାଗିଛି। ପ୍ରତିଦିନ ଏଠାରେ ବାଇକ ଦୂର୍ଘଟଣା ଏକ ନିତିଦିନିଆ ଘଟଣା ହୋଇ ଚାଲିଛି। ଲୋକେ ଯିବା ଆସିବା କରିବାକୁ ସାହାସ ମଧ୍ୟ କରି ପାରୁନାହାନ୍ତି। ବାରମ୍ବାର ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ତଥା ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା ସରକାରୀ ସ୍ତରର ଖାମଖିଆଲି ନୀତି ଯୋଗୁ ଲୋକେ ପ୍ରତ୍ୟେକ ଦୂର୍ଘଟଣାର ଶିକାର ହେଉଛନ୍ତି। ଏଭଳି ପରିସ୍ଥିତିରେ ଅତିଶୀଘ୍ର ଏ ଦିଗରେ ପଦକ୍ଷେପ ନେଇ ଲୋକଙ୍କୁ ଯମ ଠାରୁ ରକ୍ଷା କରିବାକୁ ସମାଜସେବୀ ତଥା ଯୋଖିପାଲି ଗ୍ରାମପଞ୍ଚାୟତର ସରପଞ୍ଚ ସବିତା ସାହୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀଙ୍କୁ ବାରମ୍ବାର ଦାବୀ କରିଆସୁଥିଲେ ମଧ୍ଯ ଫଳ ଶୁନ।ଏଥିପାଇଁ ଅଞ୍ଚଳ ବାସୀ ଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧୁଥିବା ସୁଚନା ମିଳିଛି।



Printed and Published by Monalisa Das, on behalf of Nirbhika Ama Samabaya Sambad Publications ,Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007,
Printed at Om printers,Mancheswar Industrial Estate,Bhubaneswar - 751010

Chief Editor: Sirdhartha Roy
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

Editor - Monalisa Das
ସମ୍ପାଦିକା: ମୋନାଲିସା ଦାସ